R.N.I. REGN. No. 65000/96 POSTAL REGN. No. OR/BN-32/12-14

22 October 2025, Wednesday

ତ୍ରିଂଶତ୍ତମ ବର୍ଷ

ସଂଖ୍ୟା : ୧୭

ତିଥି : ପ୍ରତିପଦ

୨୨ ଅକ୍ଟୋବର ୨୦୨୫, ବୁଧବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur




# ୨୫ ଯାଏଁ ବର୍ଷା : ଚଳିତ ସପ୍ତାହରେ ଦୁଇ ଲଘୁଚାପ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ଦକ୍ଷିଣ - ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ ରହିଛି । ଏହା ଅଧିକ ଘନିଭୂତ ହୋଇ ଅବପାତରେ ପରିଣତ ହୋଇଛି । ଏହା ଦକ୍ଷିଣ ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରର ଦକ୍ଷିଣ ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ରହିବ । ଏହାପରେ ପଶ୍ଚିମ - ଉତ୍ତର ପଶ୍ଚିମ ଦିଗରେ ଗତି କରି ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ରହିବ । ଏହା ପ୍ରଭାବରେ ରାଜ୍ୟରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି । ତେବେ



■ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

■ ଆଜି ଅବପାତର ରୂପ ନେବ

ବିଶେଷ ବଡ ବର୍ଷାର ସମ୍ଭାବନା ନଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ସେପଟେ ଚଳିତ ସପ୍ତାହରେ ବଙ୍ଗୋପସାଗରରେ ଦୁଇଟି ( ୯ ପୃଷ୍ଠାରେ)

## ମୁକାବିଲା ଲାଗି ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ରାଜ୍ୟରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବାତ୍ୟା ନେଇ ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ମନ୍ତ୍ରୀଙ୍କ କହିବାନୁଯାୟୀ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ହେବାର ଆକଳନ ହୋଇଛି । ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରିଛି । ଅପରପକ୍ଷରେ ଭାରତୀୟ ପାଣିପାଗ ବିଭାଗ କେବଳ ବର୍ଷା ହେବ ବୋଲି ଆକଳନ କରିଛି । ପାଣିପାଗ ବିଭାଗ ( ୯ ପୃଷ୍ଠାରେ)

### ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଦିନକ ପରେ ଘଟଣାର ହେବ ପର୍ଦ୍ଦାଫାଶ

ବ୍ରହ୍ମପୁର, ୨୧।୧୦ (ସବ୍ୟୁ): ବିଜେପି ନେତା ତଥା ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାର ଶେଷ ଲିଙ୍କ ପର୍ଯ୍ୟନ୍ତ ପୋଲିସ ପହଞ୍ଚି ସାରିଛି । ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନିତି ସେଖର କହିଛନ୍ତି । ପୀତବାସଙ୍କୁ କିଏ ଓ କାହିଁକି ହତ୍ୟା କରିଥିଲା ସେ ବିଷୟରେ ବ୍ରହ୍ମପୁର ଏସପି ଶୀଘ୍ର ସୂଚନା ଦେବେ ବୋଲି ଆଇଜି କହିଛନ୍ତି ।

ଅନ୍ୟପକ୍ଷରେ ପିତବାସ ହତ୍ୟା ମାମାଲାରେ ଜଡ଼ିତ ଥିବା ସନ୍ଦେହରେ ପୋଲିସ ସୋମବାର ସହରର ଆଉ ଜଣେ ପରିଚିତ ନେତାଙ୍କୁ ଉଠାଇ ନେଇ ପଚରା ଉଚରା ଚଳାଇଛି । ପୂର୍ବରୁ ସହରର ୨ ଜଣ ପରିଚିତ ବ୍ୟକ୍ତିଙ୍କୁ ନେଇ ପଚରା ଉଚାରା ଜାରି ରହିଛି । ଏହି ଘଟଣା ଏବେ ରାଜନୈତିକ ଶତ୍ରୁତା ଆଡ଼କୁ ଗତି କରିଛି । ଏଭଳି ସ୍ଥିତିରେ ପୋଲିସ ଜଣ ପରେ ଜଣେ



ବାହାର ରାଜ୍ୟର ନୁହଁ ଗଞ୍ଜାମ ଜିଲ୍ଲାର ୨ ଜଣ ଯୁବକ ଗୁଳି କରିଥିବା କୁହାଯାଉଛି । ଏହା ପଛରେ ବହୁ ପୁରୁଣା ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଓ ଅପରାଧିକ ବ୍ୟକ୍ତି ରହିଥିବା ମଧ୍ୟ କୁହାଯାଉଛି । ଗତ ସେପେଟମ୍ବର ମାସରୁ ପୀତବାସଙ୍କୁ ହତ୍ୟା ପାଇଁ ଯୋଜନା ହୋଇଥିଲା । ଷଡ଼ଯନ୍ତ୍ରକାରୀମାନେ ତାଙ୍କୁ ରାସ୍ତାରୁ ହଟାଇବାକୁ ଦୁଇ ମାସ ତଳୁ ଯୋଜନା କରିଥିଲେ । ଆଉ କୁମାର ପୂର୍ଣ୍ଣିମା ରାତିରେ ସ୍ଥାନୀୟ ସୁପାରିକିଲର

## ସ୍କାନରରେ ରାଜନୈତିକ ବ୍ୟକ୍ତି

ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଉଠାଇ ନେଉଛି । ପୂର୍ବରୁ ପୋଲିସ ବାଲି, ଜମି ଓ ବ୍ୟବସାୟୀକ ଶତ୍ରୁତା ଦିଗରେ ତଦନ୍ତ କରିଥିଲା । ହେଲେ ଏହି ହତ୍ୟା ପଛରେ ରାଜନୈତିକ ଶତ୍ରୁତା ଲିଙ୍କ୍ ମିଳିବା ପରେ ପୋଲିସ ନିଜ ତଦନ୍ତର ଦିଗ ବଦଳାଇଥିଲା । ଏପଟେ ପୀତବାସଙ୍କୁ ନିୟୋଜିତ କରି ତାଙ୍କୁ ଗୁଳି ମାରି ହତ୍ୟା କରିଥିଲେ । ପୋଲିସ କବଜାରେ ଥିବା ଜଣେ ରାଜନୀତି କ୍ଷେତ୍ରରେ ପରିଚିତ ବ୍ୟକ୍ତି ଏହି ହତ୍ୟାର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି । ତେବେ ପୋଲିସ କେବେ ଏହି ରହସ୍ୟ ଉନ୍ମୋଚନ କରିଛି ତାହା ଦେଖିବାକୁ ବାକି ରହିଲା ।

### ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ଘଟଣା

# ମାମଲା ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକା ଗଣଦୁଷ୍କର୍ମ ମାମଲା ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ମାମଲା ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ ହେବା ଫଳରେ କ୍ରାଇମବ୍ରାଞ୍ଚ ମହିଳା ଅଫିସରମାନେ ତଦନ୍ତ କରିବେ ।

ଗତ କିଛିଦିନ ତଳେ ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ଝାଡ଼ଖଣ୍ଡୀ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିଲା । ରାପିଡୋ ଅଟୋରେ ପୀଡ଼ିତାଙ୍କୁ ଜଣେ ମହିଳା କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ । ତାଙ୍କୁ ଡାକ୍ତର ପରୀକ୍ଷା କରିବା ପରେ ଜାଣିଥିଲେ ଯେ ସେ ଦୁଷ୍କର୍ମର ଶିକାର ହୋଇଛନ୍ତି । ସାଙ୍ଗରେ କେହି ନଥିଲେ କିମ୍ବା ସେ ସ୍ପଷ୍ଟ ଭାବେ ଡାକ୍ତରଙ୍କୁ କିଛି କହି ନଥିଲେ । ଯାହାଫଳରେ ଡାକ୍ତର କ୍ୟାପିଟାଲ ଥାନାକୁ ସୂଚନା ଦେବାପରେ ତଦନ୍ତ ଆରମ୍ଭ ହୋଇଥିଲା । ପୋଲିସ ସେହି ଘଟଣାରେ ଲକ୍ଷ୍ମୀସାଗର ଅଞ୍ଚଳରୁ ସେକ୍ସ ର୍ୟାକେଟର ସନ୍ଧାନ ପାଇଲା । ଝାଡ଼ଖଣ୍ଡରୁ ନାବାଳିକାଙ୍କୁ ଆଣି ସେକ୍ସ ର୍ୟାକେଟ୍‌ରେ ସାମିଲ କରାଉଥିବା ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଥିବାବେଳେ ର୍ୟାକେଟ୍ ମୁଖ୍ୟର ସନ୍ଧାନ ମିଳିନାହିଁ । ହସ୍ପିଟାଲକୁ ଯାଇଥିବା ନାବାଳିକା ଝାଡ଼ଖଣ୍ଡର ହୋଇଥିବାବେଳେ ତାଙ୍କୁ ସେକ୍ସ ର୍ୟାକେଟ୍‌ରେ ସାମିଲ କରାଇ ଗ୍ରାହକଙ୍କୁ ଯୋଗାଇ ଥିଲେ ଦଲାଲ । ସେ ନାବାଳିକା ହୋଇଥିବାରୁ ଘଟଣାକୁ ଦୁଷ୍କର୍ମ ମାମଲା ଭାବେ ପଞ୍ଜିକୃତ କରାଇ ପୋଲିସ ତଦନ୍ତ କରୁଥିଲା ।

ସେହି ନାବାଳିକା ମାମଲାକୁ ଡିଜିପି ଯୋଗେଶ ବାହାଦୂର ଖୁରାନିଆଁ ମଙ୍ଗଳବାର ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ ପାଇଁ ନିର୍ଦ୍ଦେଶ ଦେବାପରେ କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ମୁଖ୍ୟ ଏସ୍. ସାଇନି ମାମଲାର ତଦନ୍ତ କରିବେ । ତାଙ୍କ ( ୯ ପୃଷ୍ଠାରେ)

### ମାନିଲେନି କଟକଣା, ମନଇଚ୍ଛା ଫୁଟିଲା ବାଣ

# ଧୂଆଁମୟ ଦ୍ୱୈତନଗରୀ

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ଦୀପାବଳିରେ ଟ୍ୱିନ୍‌ସିଟି ସମେତ ରାଜ୍ୟର ଅନେକ ପ୍ରମୁଖ ସହରରେ ପରିବେଶ ପ୍ରଦୂଷିତ ହୋଇଥିବା ଲକ୍ଷ୍ୟ କରାଯାଇଛି କେବଳ ସବୁଜ ବାଣ ଫୁଟିବା ପାଇଁ ଅନୁମତି ଥିବାବେଳେ ଏହାକୁ ଫୁତ୍କାରରେ ଉଡାଇ ଦିଆଯାଇଛି । ସନ୍ଧ୍ୟା ପରେ ରାଜଧାନୀ ସମ୍ପୂର୍ଣ୍ଣ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା । କେବଳ ରାଜଧାନୀ ନୁହେଁ, କଟକ ଓ ପୁରୀରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା ।

ସନ୍ଧ୍ୟା ୭ରୁ ରାତି ୯ ଯାଏ ବାଣ ଫୁଟାଇବାକୁ ଅନୁମତି ଥିଲେ ବି ଏହି ନିଷ୍ପତ୍ତିକୁ କେହି ପାଳନ କରିନଥିଲେ । ବିଳମ୍ବିତ ରାତି ଯାଏ ବିକଟାଳ ଶବ୍ଦ କରୁଥିବା ବାଣ ଫୁଟିବାର ଦେଖିବାକୁ ମିଳିଥିଲା । ରାଜଧାନୀରେ ପ୍ରାୟ ୧୦ ରୁ ୨୦ ମିଟର ମାତ୍ର ଦୃଶ୍ୟମାନ ହେଉଥିଲା । ଦୀପାବଳି ପରେ ଭୁବନେଶ୍ୱରର



ବାୟୁମାନ ସୂଚାଙ୍କ ୧୮୦ ଅତିକ୍ରମ କରିଥିଲା । ଯାହା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ବୋଲି କୁହାଯାଉଛି । କଟକରେ ଏହି ମାନ ୧୯୦ ଅତିକ୍ରମ କରିଥିଲା । ପୁରୀରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା ।

## ୫ କୋଟି ବ୍ୟୟରେ ବିଏମ୍‌ଡବ୍ଲ୍ୟୁ ଗାଡ଼ି କିଣିବେ ଲୋକପାଳ

ନୂଆଦିଲ୍ଲୀ, ୨୧।୧୦ : ଦୁର୍ନୀତି ରୋକିବା ପାଇଁ ଗଠନ ହୋଇଥିବା ଲୋକପାଳଙ୍କ କାର କିଣାକୁ ନେଇ ବିବାଦ ଦେଖାଦେଇଛି । ଲୋକପାଳ ୭ଟି ବିଏମ୍‌ଡବ୍ଲ୍ୟୁ କାର ଯାହାର ମୂଲ୍ୟ ୫ କୋଟି ଟଙ୍କା କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଭାରତୀୟ ଗାଡ଼ି ନିର୍ମାଣକାରୀ ସଂସ୍ଥାଠାରୁ ଏହା ନ କିଣାଯାଇ ବିଏମ୍‌ଡବ୍ଲ୍ୟୁ ୩୩୦ଏଲ୍‌ଆଇ ଆରାମଦାୟକ ଗାଡ଼ି କିଣିବା ପାଇଁ ସ୍ଥିର କରାଯାଇଛି । ଗତ ୧୬ ତାରିଖରେ ଏହି ଗାଡ଼ି କିଣିବା ପାଇଁ ନିଷ୍ପତ୍ତି ହୋଇଛି ।

ଏନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ଖୋଲାଯିବା ପରେ ଏହା ଜଣାପଡ଼ିଛି । ବିଏମ୍‌ଡବ୍ଲ୍ୟୁ ୩୩୦ ଏଲ୍‌ଆଇର ମୂଲ୍ୟ ହେଉଛି ୬୦ ଲକ୍ଷ ଟଙ୍କା । ମୁକ୍ତ ଟେଣ୍ଡର ପ୍ରକ୍ରିୟାରେ ଏହା କିଣାଯିବ । ନଭେମ୍ବର ୭ ତାରିଖରେ ଟେଣ୍ଡର ପ୍ରକ୍ରିୟାକୁ ଚୂଡାନ୍ତ କରାଯିବ । ଯାହା ଜଣାପଡୁଛି ଏହି ଗାଡ଼ି ଭାରତକୁ ଆସିବା ପରେ ଏହାର ମୂଲ୍ୟ ପ୍ରାୟ ୫ କୋଟି ଟପିଯାଇପାରେ । ( ୯ ପୃଷ୍ଠାରେ)

# ଔଷଧ ନିଗମରେ ମାଲ ମାଲ ଜାଲ୍ ନିଯୁକ୍ତି!

ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ନିଯୁକ୍ତି ଜାଲିଆତି ବିବାଦ ଏବେ ଦିନକୁ ଦିନ ବଢ଼ିବା ଦେଖିବାକୁ ମିଳୁଛି । ଏହି କ୍ରମରେ ୨୦୧୫ରେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଔଷଧ ନିଗମରେ ମାଲମାଲ ଜାଲ୍ ନିଯୁକ୍ତି ହୋଇଥିବାର ଗୁରୁତର ଅଭିଯୋଗ ଆସିଛି । ଏପରିକି ବିଜ୍ଞାପନରେ ଉଦ୍ଦିଷ୍ଟ ଥିବା ଯୋଗ୍ୟତା ଓ ଅଭିଜ୍ଞତାକୁ ଅଣଦେଖା କରାଯାଇ ବହୁ ବଡ଼ବଡ଼ ପଦବୀରେ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି ।

୨୦୧୬ ଅକ୍ଟୋବର ୨୬ରେ ନିଗମ ପକ୍ଷରୁ ବିଜ୍ଞାପନ ଦିଆଯାଇ ସିନିଅର ମ୍ୟାନେଜର ଇକ୍ୟୁପମେଣ୍ଟ ପଦବୀ ପାଇଁ ବିଜ୍ଞାପନ ଦିଆଯାଇଥିଲା । ଏଥିରେ ୫ ବର୍ଷର ମେଡିକାଲ ଯନ୍ତ୍ରାଂଶ କିଣାର ଅଭିଜ୍ଞତା ଥିବା ଉଲ୍ଲେଖ କରାଯାଇଥିଲା । ଏହି ପଦବୀରେ ଥିବା ନିଯୁକ୍ତି ପାଇଥିବା ଜନୈକ ବ୍ୟକ୍ତି ଜଣଙ୍କର ଯନ୍ତ୍ରାଂଶ ଅଭିଜ୍ଞତା ପ୍ରମାଣପତ୍ର ଜାଲ୍ ବୋଲି ଅଭିଯୋଗ ହୋଇଛି । ଆୟୁଶ ହସ୍ପିଟାଲ, ହାଇଟେକ୍ ମେଡିକାଲ କଲେଜରେ ମାତ୍ର ୨ ବର୍ଷର ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରାଯାଇଛି । ତାହାର ସତ୍ୟତାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଏଥିରେ କୌଣସି ସଂଖ୍ୟା ପଡ଼ିନାହିଁ । ଆପୋଲୋ ହସ୍ପିଟାଲର ନିଯୁକ୍ତିପତ୍ରକୁ ଅଭିଜ୍ଞତା ପ୍ରମାଣପତ୍ର ହିସାବରେ ବ୍ୟବହାର କରାଯାଇଛି । ସ୍ୱର୍ଣ୍ଣ ହସ୍ପିଟାଲର ଅଭିଜ୍ଞତା ପ୍ରମାଣପତ୍ରରେ କୌଣସି ଅଫିସିଆଲ୍ ସଂଖ୍ୟା ନାହିଁ । ସେହିପରି ମ୍ୟାନେଜର ଇକ୍ୟୁପମେଣ୍ଟ ପଦବୀ ପାଇଁ ୩ ବର୍ଷର ଅଭିଜ୍ଞତା ବାଧ୍ୟତାମୂଳକ ରହିଥିଲା । ମାତ୍ର ଏହି ପଦବୀରେ ନିଯୁକ୍ତି ପାଇଥିବା ବ୍ୟକ୍ତିବିଶେଷ ବେଦାନ୍ତ ଓ ଓସିଏଲ୍ ସ୍କିଲ୍‌ର ପ୍ରମାଣପତ୍ର ଦେଇଛନ୍ତି । ଏହି ଅଭିଜ୍ଞତା ପ୍ରମାଣପତ୍ରରେ ମେଡିକାଲ ଯନ୍ତ୍ରାଂଶ କିଣାର ୩ବର୍ଷ ଅଭିଜ୍ଞତା ନାହିଁ । କିପରି ଏହି ପଦବୀରେ ସେ ନିଯୁକ୍ତି ପାଇଲେ ତାହା ତଦନ୍ତସାପେକ୍ଷ । ସହକାରୀ ମ୍ୟାନେଜର ଇକ୍ୟୁପମେଣ୍ଟ ପଦବୀ ପାଇଁ ୩ ବର୍ଷର ମେଡିକାଲ ଯନ୍ତ୍ରାଂଶ କିଣା ଅଭିଜ୍ଞତା ବାଧ୍ୟତାମୂଳକ ଥିବାବେଳେ ଏଥିରେ ନିଯୁକ୍ତି ପାଇଥିବା ବ୍ୟକ୍ତି ଏସ୍‌ଆର୍ ଷ୍ଟିଲ୍‌ର ପ୍ରଡକ୍ସନ ଓ ପ୍ରକ୍ୟୁମେଣ୍ଟର ପ୍ରମାଣପତ୍ର ଦେଇଛନ୍ତି । ଯାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଖାଲି ସେତିକି ନୁହେଁ ଜାଲ ଅଭିଜ୍ଞତା ଦେଇ ଚାକିରୀ ପାଇଥିବା ଏହି ବ୍ୟକ୍ତିମାନେ ମେଡିକାଲ ଯନ୍ତ୍ରାଂଶ କିଣାର ଟେଣ୍ଡରରେ ମନମୁତାବକ ଫିକ୍ସିଂ କରୁଥିବା ଅଭିଯୋଗ ହୋଇଛି । ମେଡିକାଲ ଯନ୍ତ୍ରାଂଶ ଠିକ୍ ଭାବେ କିଣାଯାଉ ନଥିବାରୁ ସରକାର ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ୨୦୧୭ରେ ମ୍ୟାନେଜର ପ୍ରକ୍ୟୁପ୍‌ମେଣ୍ଟ ଡ୍ରଗ୍ସ ଓ ସର୍ଜିକାଲ ପଦବୀରେ ଜାଲ୍ ଅଭିଜ୍ଞତା ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ପ୍ରଭାତ କୁସୁମ ମଣ୍ଡଳ ଧରାପଡ଼ିଲା ପରେ ୨୦୧୯ରେ ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ତାଙ୍କୁ ବିଦା କରିଥିଲେ । ଏହି ବ୍ୟକ୍ତିଜଣଙ୍କ ଗୋଟିଏ ସମୟରେ ଭୀମସାର ( ୯ ପୃଷ୍ଠାରେ)

# ଟ୍ରମ୍ପଙ୍କ ନୂଆ ଭିସା ଆଇନ୍ ଲାଗୁ

ନୂଆଦିଲ୍ଲୀ, ୨୧।୧୦ (ସବ୍ୟୁ) : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସାର ଯେଉଁ ମୂଲ୍ୟ ବୃଦ୍ଧି କରିଥିଲେ ତାହା ଆଜିଠାରୁ ଲାଗୁ ହୋଇଛି । ଆମେରିକାରେ କାର୍ଯ୍ୟ କରୁଥିବା ଅଣପ୍ରବାସୀ ଶ୍ରମିକଙ୍କ ଉପରେ ୧ ଲକ୍ଷ ଡଲାର ବା ଭାରତୀୟ ମୁଦ୍ରାରେ ୮୮ ଲକ୍ଷ ଟଙ୍କା ଫି ଲଗାଇଥିଲେ । ତେବେ ଏ ସମ୍ପର୍କରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଏ ଏହାକୁ ଆଜିଠାରୁ ଲାଗୁ କରାଯାଇଛି ।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସ୍ପଷ୍ଟୀକରଣରେ ଉଲ୍ଲେଖ କରାଯାଇଛି ଯେ କେଉଁମାନେ ଏହି ଦେୟ ଦେବେ । ତେବେ ଛାତ୍ରମାନଙ୍କୁ ଏକ ବଡ ଆଶ୍ୱସ୍ତି ମିଳିଛି । ୨୦୨୫ ସେପ୍ଟେମ୍ବର ୨୧ ମଧ୍ୟାହ୍ନ ୧୨ଟା ପରେ



ଏହି ଭିସା ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏହା ଲାଗୁ ହେବ । ଯେଉଁମାନେ ଆମେରିକାର ବାହାର ଲୋକ ସେମାନଙ୍କ କ୍ଷେତ୍ରରେ ଏହା କରାଯିବ । ଏହି ନୂଆ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ଅନୁରୋଧକୁ ବିଚାର କରାଯାଇ ପ୍ରବେଶ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ତେବେ ଯେଉଁ କର୍ମଚାରୀମାନଙ୍କର ୟୁଏସ୍‌ସିଆଇଏସ୍ ମଞ୍ଜୁରୀ ଥିବ ସେମାନେ ୧ ଲକ୍ଷ ଡଲାର ଦେୟ ଦେବାକୁ ପଡ଼ିବ ନାହିଁ । ତେବେ ଯେଉଁମାନେ ଗୋଟିଏ ଭିସା ପର୍ଯ୍ୟାୟରେ ଆସୁଥିବେ ଏବଂ ଆମେରିକା ଛାଡ଼ି ଯିବେନାହିଁ ସେମାନଙ୍କୁ ଏଫ୍-୧ ଛାତ୍ର ଭିସାକୁ ଏଚ୍-୧ବି ୱାର୍କ ଭିସାକୁ ପରିବର୍ତ୍ତନ କରାଯିବ । ସେପ୍ଟେମ୍ବର ୧୯ରୁ ଏହି ପ୍ରସ୍ତାବ ଦିଆଯାଇଥିଲା । ଏହା କର୍ମଚାରୀଙ୍କ ମଧ୍ୟରେ ବିଭ୍ରାନ୍ତ ସୃଷ୍ଟି କରିଥିଲା । ତେବେ ଭାରତୀୟ ଛାତ୍ରଙ୍କ ପାଇଁ ଏକ ଭଲ ଆଶ୍ୱସ୍ତି ମିଳିଛି । ଯେଉଁ ଭାରତୀୟ ଛାତ୍ରମାନେ ଥିବେ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରଙ୍କ ମଧ୍ୟରେ ( ୯ ପୃଷ୍ଠାରେ)



## ମନ୍ଦିର ସାମନାରେ ଖରାପ ବ୍ୟବହାର


ବିଗ୍ ବସ ଫେମ୍ ଏଡିନ୍ ରୋଜଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ସେ କିଛି ସଙ୍ଗୀନ ଅଭିଯୋଗ କରୁଥିବାର ଦେଖିବାକୁ ମିଳିଛି । ଦିଲ୍ଲୀର ଏକ ମନ୍ଦିର ସାମନାରେ ତାଙ୍କ ସହିତ ଦୁର୍ବ୍ୟବହାର ହୋଇଥିବା ସେ ଭିଡିଓରେ ପ୍ରକାଶ କରିଛନ୍ତି । ହେଲେ ସେ କହିଛନ୍ତି ସବୁବେଳେ ଯେତେବେଳେ ବି ଝିଅଙ୍କ ସହ ଖରାପ ବ୍ୟବହାର ହୁଏ ସେତେବେଳେ ସେମାନେ କଣ ପିନ୍ଧିଛନ୍ତି ତାକୁ ନେଇ ଆଲୋଚନା ଆରମ୍ଭ ହୁଏ । ହେଲେ ତାଙ୍କ ସହିତ ଯେତେବେଳେ ଏହି ଘଟଣା ଘଟିଲା ସେ ପୁରା ପୋଷାକ ପିନ୍ଧିଥିଲେ ଏବଂ ଏକ ମନ୍ଦିର ସାମନାରେ ଠିଆ ହୋଇଥିଲେ । ସେହି ସମୟରେ ଜଣେ ବ୍ୟକ୍ତି ଗୀତ ବୋଲିବୋଲି ଦୁଇରୁ ତିନିଥର ତାଙ୍କ ଦେହରେ ମାଡ ହେଲା । ଏସବୁର ଭିଡିଓ ଏଡିନ ପାଖରେ ରହିଛି । ସେ ନିଜର ରାଗକୁ ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି । ଏଡିନଙ୍କର ଏହି ଅଭିଯୋଗ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ସମସ୍ତେ ତାଙ୍କୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି । ସେହିଭଳି ଲୋକମାନେ ଝିଅଙ୍କ ପୋଷାକ ଉପରକୁ ଆଙ୍ଗୁଳି ଉଠାଇବାକୁ ଲୋକମାନେ ମନା କରୁଥିବା ଦେଖିବାକୁ ମିଳୁଛି ।

## ହୋପ୍ ବସ୍

ପାଠ ପଢି ବଡ ମଣିଷ ହେବାକୁ ସମସ୍ତ ପିଲାଙ୍କର ଇଚ୍ଛା ଥାଏ । ହେଲେ ବେଳେବେଳେ ପାରିପାର୍ଶ୍ୱିକ ପରିସ୍ଥିତି କେତେକ ପିଲାଙ୍କର ଏହି ସ୍ୱପ୍ନକୁ ଧୂଳିସାତ କରିଦେଇଥାଏ । ନିଜର ଏହି ଇଚ୍ଛାକୁ ସେମାନଙ୍କୁ ମାରିବାକୁ ପଡିଥାଏ । ହେଲେ ଦିଲ୍ଲୀରେ କେତେକ ବସ୍ତି ପିଲାଙ୍କୁ ମିଳୁଛି ପାଠ ପଢିବାର ସୁଯୋଗ । ସେମାନଙ୍କୁ ନିଜ ଇଚ୍ଛା ମାରିବାକୁ ପଡୁନି, କାରଣ ଦିଲ୍ଲୀରେ ଗଡୁଛି କ୍ଲାସରୁମ୍ ବସ୍ । ଦିଲ୍ଲୀର ଏକ ଏନ୍‌ଜିଓ ତେଜସିଆ ବସ୍ତିପିଲାଙ୍କ ଶିକ୍ଷା ପାଇଁ ଏକ ଅଭିନବ ଯୋଜନା କରିଛି । ଏହି ଏନ୍‌ଜିଓ ପକ୍ଷରୁ ପିଲାଙ୍କୁ ବସ୍ ମାଧ୍ୟମରେ ଶିକ୍ଷା ଦିଆଯାଉଛି । ଏହି ବସ୍‌ର ନାଁ ରଖାଯାଇଛି 'ହୋପ୍ ବସ୍' । ଏହି ବସ୍‌ର ଉଦ୍ଦେଶ୍ୟ ହେଲା ଯେଉଁ ବସ୍ତି ପିଲା ସ୍କୁଲ୍ ଯାଇପାରୁନାହାନ୍ତି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା । ବର୍ତ୍ତମାନ ଏହି ବସ୍‌ରେ ୫୦ ଜଣ ପିଲା ପାଠ ପଢୁଛନ୍ତି । ଏହି କାର୍ଯ୍ୟପାଇଁ ୪ଟି ବସ୍ ଗଡୁଛି । ପ୍ରତି ବସ୍‌ରେ ଗୋଟିଏ ଡ୍ରାଇଭର, ଗୋଟିଏ ହେଲପର୍ ସହିତ ଦୁଇଟି ଶିକ୍ଷକ ରହିଛନ୍ତି । ବସ୍‌ରେ ଶିକ୍ଷାଦାନର ସମସ୍ତ ସୁବିଧା କରାଯାଇଛି । ବସ୍‌ରେ କଳାପଟା ରହିଥିବା ବେଳେ ପିଲାଙ୍କୁ ସ୍ଲେଟ୍ ସହ ଚକ୍ ଦିଆଯାଇଛି । ଏହାସହିତ ପିଲାଙ୍କୁ ଖାଦ୍ୟ ମଧ୍ୟ ଦିଆଯାଉଛି । ପ୍ରାୟ ୧୦ ବର୍ଷ ହେବ ଏନ୍‌ଜିଓଟି ପିଲାଙ୍କର ଦାୟିତ୍ୱ ତୁଲାଉଛି । ପ୍ରତିଥର ଏନ୍‌ଜିଓ ପକ୍ଷରୁ ସର୍ଭେ କରାଯାଇ କେଉଁ ପିଲାଙ୍କର ଶିକ୍ଷା ଦରକାର ତାହାକୁ ନେଇ ନିଷ୍ପତ୍ତି ନିଆଯାଉଛି । ଏହି ସର୍ଭେ ପରେ ସେହି ଅଞ୍ଚଳକୁ ଏକ ବସ୍ ପଠାଯାଇ ପିଲାଙ୍କୁ ଅଣାଯାଇଥାଏ । ବର୍ତ୍ତମାନ ଏହି ବସ୍ ଗୁଡିକ ପ୍ରାୟ ୮ଟି ସ୍ଥାନରୁ ପିଲାଙ୍କୁ ଆଣିବା ସହ ଶିକ୍ଷା ପ୍ରଦାନ କରୁଛନ୍ତି । ସେହିଭଳି ପୂର୍ବରୁ ଏହି ବସ୍‌ରୁ ଶିକ୍ଷା ପ୍ରାପ୍ତ କରିବା ପରେ ଅନେକପିଲା ସରକାରୀ ସ୍କୁଲ୍‌ରେ ନିଜର ପାଠ ଆରମ୍ଭ କରିବାରେ ସକ୍ଷମ ହୋଇଛନ୍ତି । ଏଠି କେବଳ ଯେ ପ୍ରାଥମିକ ଶିକ୍ଷା । ଦିଆଯାଏ ତାହା ନୁହେଁ । ଏହା ବ୍ୟତିତ ପିଲାଙ୍କୁ ସମାଜରେ କିଭଳି ଚଳିବ ସେ ନେଇ ମଧ୍ୟ ଅନେକ ନୀତି ଶିକ୍ଷା ଦିଆଯାଏ । ବସ୍ ଗୁଡିକ ସକାଳ ୯ଟାରୁ ବାହାରି ୧୦ଟାରେ ବସ୍ତି ଗୁଡିକରେ ପହଞ୍ଚିଥାଏ । ଏହାପରେ ଆରମ୍ଭ ହୋଇଥାଏ ପାଠପଢା । ୧୦ଟାରୁ ଆରମ୍ଭ ହୋଇ ୧୨ଟାରେ ପାଠ ପଢା ସରିଥାଏ । ଏହାପରେ ବସ୍‌ଟି ଆଉ ଏକ ଅଞ୍ଚଳକୁ ପାଠ ପଢାଇବା ପାଇଁ ୨ଟାରୁ ୪ଟା ପର୍ଯ୍ୟନ୍ତ ଯାଇଥାଏ । ୪୦ରୁ ଅଧିକ ସମାଜସେବୀ ଏହି ଏନ୍‌ଜିଓ ସହିତ ଜଡିତ ଅଛନ୍ତି । ସେହିଭଳି ଆଜି ଭିତରେ ପ୍ରାୟ ୯୦୦ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିବାବେଳେ, ୨୦ ଜଣ ଶିକ୍ଷକ ଏଥିରେ ଭାଗ ନେଇଛନ୍ତି । ଏହି ଶିକ୍ଷକମାନେ ପିଲାଙ୍କର ପାଠ ପଢା ସମ୍ବନ୍ଧରେ ସମସ୍ତ ଦାୟିତ୍ୱ ନେଇଥାଆନ୍ତି ।



## ବ୍ରେଡ୍ ସାହି ଟୁକୁଡା



**ସାମଗ୍ରୀ–** ୫ଟି ବ୍ରେଡ୍ ସ୍ଲାଇସ୍, ଅଧା ଲିଟର ପାଣି, ଗୁଜୁରାତି ଗୁଣ୍ଡ ଅଳ୍ପ ପରିମାଣ, ୩କପ୍ କ୍ଷୀର, ଏକ ମୁଠା କାଜୁ, ଏକ ମୁଠା ବାଦାମ, ଏକ ମୁଠା ପିସ୍ତା, ଅଧା କପ୍ ଘିଅ, ଅଧା କପ ଚିନି, ଅଳ୍ପ ପରିମାଣ କେଶର ।

**ପ୍ରଣାଳୀ–** ଶାହୀ ଟୁକୁଡା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ସିରା ପ୍ରସ୍ତୁତ କରନ୍ତୁ । ସିରା ପାଇଁ ପ୍ୟାନ୍‌ରେ ଚିନି ସହିତ ପାଣି ଗରମ କରନ୍ତୁ । ଚିନି ତରଳିବା ପରେ ଏଥିରେ କେଶର ପକାନ୍ତୁ । ଚିନି ଅଠା ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଯେତେବେଳେ ସିରା ଗାଢ ହୋଇଯିବ ସେହି ସମୟରେ ଗ୍ୟାସ ବନ୍ଦ କରିଦିଅନ୍ତୁ । ଏହାପରେ ପ୍ରସ୍ତୁତ ରାବିଡି ପ୍ରସ୍ତୁତ କରନ୍ତୁ । ଅନ୍ୟଏକ ପ୍ୟାନ୍‌ରେ କ୍ଷୀର ବସାନ୍ତୁ, ଏବଂ ଲଗାତାର ଗୋଳାନ୍ତୁ । କ୍ଷୀରର ପରିମାଣ ଅଧାରୁ କମ ହେଲା ପର୍ଯ୍ୟନ୍ତ ଫୁଟାନ୍ତୁ । ଯେତେବେଳେ କ୍ଷୀର ଗାଢ ହୋଇ ଆସିବ ସେତେବେଳେ ଏଥିରେ ଗୁଜୁରାତି ଗୁଣ୍ଡ ମିଶାନ୍ତୁ । ଏହାପରେ ପ୍ୟାନ ବନ୍ଦ କରିନିଅନ୍ତୁ । ବର୍ତ୍ତମାନ ରାବିଡି ପ୍ରସ୍ତୁତ ହୋଇଗଲା । ବର୍ତ୍ତମାନ ବ୍ରେଡ୍ ସ୍ଲାଇସ୍‌ର କଡ କାଟି ତ୍ରିକୋଣ କରି କାଟିନିଅନ୍ତୁ । ଏହାପରେ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ ଏଥିରେ ବ୍ରେଡ୍‌କୁ ଦୁଇ ପାଖରୁ କ୍ରିସ୍ପ ଏବଂ ଗୋଲ୍ଡେନ୍ ବ୍ରାଉନ୍ ହେବା ଯାଏଁ ଭାଜନ୍ତୁ । ଏହାକୁ ଛାଣିବା ପରେ ଗୋଟିଏ ମିନିଟ୍ ପାଇଁ ସିରାରେ ପକାନ୍ତୁ । ବ୍ରେଡ୍‌କୁ ଏକ ପ୍ଲେଟ୍‌ରେ ରଖନ୍ତୁ ଏହା ଉପରେ ରାବିଡା ଓ ଡ୍ରାଏଫ୍ରୁଟ୍‌ସ ପକାଇ ସଜାନ୍ତୁ । ପ୍ରସ୍ତୁତ ହୋଇଗଲା ବ୍ରେଡ୍ ଶାହି ଟୁକୁଡା ।

## ସୋସିଆଲ କୋଟ୍ସ



"ଆରିୟନ ଖାନ୍‌ଙ୍କ ସହିତ କାମ କରି ଅନେକ କଥା ଶିଖିବାକୁ ମିଳିଛି । ସେ ଖୁବ ଭଲ ଟାସ୍କ ମାଷ୍ଟର । ସେ ତାଙ୍କ କାମକୁ ନେଇ ସବୁବେଳେ ସିରିଏସ ।

ସେହର ବାମ୍ବା, ଅଭିନେତ୍ରୀ



"ମାଆ ଗୋବିନ୍ଦାଙ୍କର ବଡ ଫ୍ୟାନ ଥିଲେ । ସେ ଅନେକ ସମୟରେ ଗୋବିନ୍ଦାଙ୍କ ଫିଲ୍ମ ଦେଖୁଥିଲେ । ସେ ଖୁବ ଉପଭୋଗ କରନ୍ତି ଏହି ସମୟରେ ।

ଜାହ୍ନବୀ କପୁର, ଅଭିନେତ୍ରୀ



"ଦୀପିକାଙ୍କର ମୋର ସୋସିଆଲ ମିଡିଆରେ କେବେ ବି କନେକସନ୍ ନଥିଲା । ଆମେ ଯାହା କଥା ହେବା କଥା ସିଧା କଥା ହୋଇଯାଉ । ଦୀପିକାଙ୍କୁ ପସନ୍ଦ ନୁହେଁ ସୋସିଆଲ ମିଡିଆରେ କେହି ତାଙ୍କୁ ଶୁଭେଚ୍ଛା ଜଣାଇଲେ ।

ଫରା ଖାନ୍, ଅଭିନେତ୍ରୀ

## ନିଆରା ରୂପରେ କାଗଜ ବ୍ୟାଗ

ପ୍ଲାଷ୍ଟିକ୍ ବର୍ଜନ ଅଭିଯାନ ସମସ୍ତ ସ୍ଥାନରେ ଚାଲିଛି । ଲୋକମାନେ ପ୍ଲାଷ୍ଟିକ୍ ବଦଳରେ ଇକୋଫ୍ରେଣ୍ଡଲି ବ୍ୟାଗ୍ ବ୍ୟବହାର କରୁଛନ୍ତି । ହେଲେ ଏହି ବ୍ୟାଗ ଗୁଡିକ ମାଛ, କ୍ଷୀର ପ୍ୟାକେଟ୍ ବିଭିନ୍ନ ଆଦ୍ରତା ଥିବା ସାମଗ୍ରୀ ଆଣିବାକୁ ଉପଯୋଗୀ ହୋଇନଥାଏ । ତେବେ କର୍ଣ୍ଣାଟକର ଧନଞ୍ଜୟ ହେଗଡେ ଏହାର ସମାଧାନ ବାହାର କରିଛନ୍ତି । ପେଷାରେ ସେ ଜଣେ ମେକାନିକାଲ ଇଞ୍ଜିନିୟର । ପ୍ଲାଷ୍ଟିକ ବ୍ୟାନ ପରେ ମଧ୍ୟ ମାଛ, ମାଂସ ନେବା ଆଣିବା ପାଇଁ ଲୋକମାନେ ପଲିଥିନକୁ ବ୍ୟବହାର କରୁଛନ୍ତି, ଯାହାକୁ ଦେଖିବା ପରେ ପେପର ବ୍ୟାଗର ଉପାୟ ତାଙ୍କୁ ଆସିଥିଲା । ସେ ଖବର କାଗଜକୁ ବ୍ୟବହାର କରି ଏଭଳି ବ୍ୟାଗ ବାହାର କରିଛନ୍ତି ଯାହା ପରିବେଶ ଉପଯୋଗୀ ହେବା ସହିତ ପ୍ରାୟ ୧୦ କିଗ୍ରା ଓଜନ ସମ୍ଭାଳିବା ପାଇଁ ସକ୍ଷମ । ସେ ଏହି ବ୍ୟାଗ ତିଆରି ପାଇଁ ଏକ ମେସିନର ମଧ୍ୟ ଉଦ୍ଭାବନ କରିଛନ୍ତି । ସେ ଏହି ବ୍ୟାଗକୁ ତିଆରି କରିବା ପାଇଁ ଖବର କାଗଜ ଓ କଦଳୀ ଗଛର ଫାଇବର ବ୍ୟବହାର କରୁଛନ୍ତି । ତେବେ ଏହି ବ୍ୟାଗ ପ୍ରଥମେ ଓଦା ସାମଗ୍ରୀ ରଖିବାକୁ ପ୍ରସ୍ତୁତ ନଥିଲା । ତେଣୁ ଧନଞ୍ଜୟ ଏହା ଉପରେ ଏକ ପରସ୍ତ ଦେବାକୁ ଠିକ୍ କଲେ । ସେ ଏହି ପରସ୍ତ ମକା ଷ୍ଟାର୍ଚ୍ଚରୁ ପ୍ରସ୍ତୁତ କରିଥିଲେ । ଏହି ଷ୍ଟାଚର ସ୍ତର ଉପରେ ସେ ଏକ ଧଳା କାଗଜ ମଧ୍ୟ ବ୍ୟବହାର କରିଛନ୍ତି, ଯାହା ଖାଦ୍ୟକୁ କୌଣସି କେମିକାଲ ସଂପର୍ଶରେ ଆସିବାରୁ ବଞ୍ଚାଇବ । ଏହାପରେ ଏହି ବ୍ୟାଗ୍ ଓଦା ସାମଗ୍ରୀକୁ ନେବା ଆଣିବା କରିବା ପାଇଁ ପୂରାପୁରି ପ୍ରସ୍ତୁତ ହୋଇଥିଲା।





## ବିଳାସପୂର୍ଣ୍ଣ ଜେଲ

ଡ୍ରଗ୍ସ ଦୁନିଆର ଜଣେ ପରିଚିତ ଚେହେରା ହେଲା କଲମ୍ବିଆର ପେବ୍ଲୋ ଏମିଲିଓ ଏସ୍କୋବାର । ଏହି ଅପରାଧୀ ନାଁରେ ଅନେକ କଥା ଚର୍ଚ୍ଚାରେ ରହିଥାଏ । ଏକ ରିପୋର୍ଟରେ ପ୍ରକାଶିତ ଖବର ଅନୁସାରେ ପେବ୍ଲୋ ରହୁଥିବା ଜେଲ୍ କୌଣସି ହୋଟେଲ୍‌ଠାରୁ ମଧ୍ୟ କମ ନଥିଲା । ସୂଚନା ଅନୁସାରେ ସେ ନିଜେ ଏହି ଜେଲ୍‌କୁ ଭବ୍ୟ ଭାବେ ଗଢିଥିଲା । ଜେଲ୍‌କୁ ସେ ଏକ ହୋଟେଲ୍‌ର ରୂପରେଖ ଦେଇଥିଲା । ଜେଲ୍‌ରେ ଫୁଟବଲ୍ ଗ୍ରାଉଣ୍ଡ, ଝରଣା ଆଦି ରହିଥିଲା । ଲୋକମାନେ ଏହାକୁ ଜେଲ୍ ବଦଳରେ ହୋଟେଲ୍ ବୋଲି ସମ୍ବୋଧନ କରୁଥିଲେ । ଏସ୍କୋବାର ଏହି ଜେଲ୍‌ରେ ଥିବା କଏଦୀଙ୍କ ମଧ୍ୟରେ ବହୁ ପରିଚିତ ଥିଲା । କଲୋମ୍ବିଆ ସରକାରଙ୍କୁ ଏସ୍କୋବାର ଉପରେ ମକଦ୍ଦମା କରିବାରେ ଓ ତାକୁ ସଜା ଦେବାରେ ଅନେକ ଅସୁବିଧା ହୋଇଥିଲା । କାରଣ ସେଠିକାର ଲୋକ ତାକୁ ଡ୍ରଗ୍ସ ମାଫିଆ ବୋଲି ମାନୁନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ମତରେ ସେ ସେମାନଙ୍କ ପାଇଁ ଅନେକ କିଛି କରିଛି ତେଣୁ ତାକୁ ସେ ମାଫିଆ ବୋଲି ମାନୁନଥିଲେ । ସେ ରହୁଥିବା ଜେଲ୍‌ରେ ସମସ୍ତ ପ୍ରକାରର ସୁବିଧା ଥିଲା। ସେ ଆତ୍ମସର୍ମପଣ ସମୟରେ ସରକାରଙ୍କ ଆଗରେ ଅନେକ ସର୍ତ୍ତ ରଖିଥିଲା ।

୧୭୯୬– ପେଶୱା ମାଧବ ରାଓ ଦ୍ୱିତୀୟଙ୍କ ଆତ୍ମହତ୍ୟା ।

୧୮୭୫– ଆର୍ଜେଣ୍ଟିନାରେ ପ୍ରଥମ ଟେଲିଗ୍ରାଫିକ୍ କନେକ୍ସନ୍‌ର ଶୁଭାରମ୍ଭ ।

୧୮୮୩– ନ୍ୟୁୟର୍କରେ ଅପେରା ହାଉସ୍‌ର ଉଦ୍‌ଘାଟନ ।

୧୯୩୧– ମହାବୀର ଚକ୍ରରେ ସମ୍ମାନିତ ଜୟପୁରର ମହାରାଜା ବ୍ରିଗେଡିଅର୍ ଭବାନୀ ସିଂହଙ୍କ ଜନ୍ମ ।

୧୯୩୩– ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବଡ଼ଭାଇ ତଥା ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ ବିଠଲଭାଇ ପଟେଲଙ୍କ ଦେହାନ୍ତ ।

୧୯୬୨– ଭାରତର ସର୍ବବୃହତ୍ ନଦୀ ଘାଟି ପ୍ରକଳ୍ପ ହିମାଚଳ ପ୍ରଦେଶର ଭାକ୍ରା ନଙ୍ଗଲ ଡ୍ୟାମ୍‌କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରାଗଲା ।

୨୦୦୮– ଇସ୍ରୋ ପକ୍ଷରୁ ଏହାର ପ୍ରଥମ ଚନ୍ଦ୍ରଯାନ ମିଶନ୍ ଚନ୍ଦ୍ରଯାନ ୧ର ପ୍ରକ୍ଷେପଣ କରାଗଲା । ଏହି ମିଶନ୍ ଅନ୍ତର୍ଗତ ଚନ୍ଦ୍ରପୃଷ୍ଠରେ ପାଣିର ସନ୍ଧାନ କରାଯାଇଥିଲା ।

୨୦୧୨– କବାଡି ପ୍ରତିଯୋଗିତାରେ ଭାରତକୁ ବିଶ୍ୱକପ୍ ।







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରଠାରେ ମା' କାଳୀଙ୍କ ପ୍ରତିମା ପୂଜା ପାଉଥିବା ବିଭିନ୍ନ ମଣ୍ଡପ ଓ ମନ୍ଦିର ପରିଦର୍ଶନ କରି ମା'ଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବା ସହ ପୂଜା କମିଟିର ସଦସ୍ୟ ମାନଙ୍କ ସହ ଆଲୋଚନା କରୁଛନ୍ତି ।

### ମାଟିତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର

## ନକଲି ବିଦେଶୀ ମଦ ଜବତ କଲା ଅବକାରୀ ବିଭାଗ, ଅଭିଯୁକ୍ତ ଗିରଫ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ମୋବାଇଲ ଟିମ ସହାୟତାରେ ମଙ୍ଗଳବାର ସକାଳେ ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ଗ୍ରାମରେ ଚଢ଼ାଉକରି ମାଟିତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ନକଲି ବିଦେଶିମଦ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଯୁବକ ଜଣକ ହେଉଛି ସେହି ହାତୀଝୁରି ଗ୍ରାମର ପଦ୍ମଲୋଚନ ସିଂର ପୁଅ ବାପୁନି ଓରଫ ଧନଞ୍ଜୟ ସିଂ । ଅଭିଯୁକ୍ତ ଧନଞ୍ଜୟ ସିଂର ବୈଶିଙ୍ଗା ବଜାରରେ ଏକ ହୋଟେଲ ଥିବାବେଳେ ସେ ନକଲି ବିଦେଶିମଦ କାରବାର କରିଆସୁଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଏହାପରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲ ଟିମ ସହାୟତାରେ ଅଭିଯୁକ୍ତ ବାପୁନି ଓରଫ ଧନଞ୍ଜୟ ସିଂର ହାତୀଝୁରିସ୍ଥିତ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଘରବାଡ଼ି ପଛରେ ମାଟିତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ନକଲି ବିଦେଶୀମଦ ଜବତ କରିଥିଲେ । ଅବକାରୀ ନଡପୁର ଉପକଣ୍ଠ କଇଁଫୁଲିଆ ଗ୍ରାମର ଯଦୁ ନାମକ ଯୁବକ ଏହି ନକଲି ବିଷାକ୍ତ ବିଦେଶୀମଦ ଯୋଗାଉଥିବାନେଇ ଗିରଫ ଅଭିଯୁକ୍ତ ବାପୁନି ଓରଫ ଧନଞ୍ଜୟ ଅବକାରୀ ବିଭାଗ ଆଗରେ ବୟାନ



ଦେଇଛି । ଏନେଇ ଏକ ମାମଲା ରୁଜୁ କରି ଅବକାରୀ ବିଭାଗ ତଦନ୍ତ ଜାରି ରଖିଥିବା ବେଳେ ଏହି ନକଲି ବିଷାକ୍ତ ମଦ କାରବାରରେ ସମ୍ପୃକ୍ତ ରାକେଟର ପର୍ଦ୍ଦାଫାସ କରିବା ପାଇଁ ତଦନ୍ତକୁ ବ୍ୟାପକ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ବିଭାଗ ସେଠାରୁ ଭାରତ ବାହାରେ ବିକ୍ରୟ ପାଇଁ ଉଦ୍ଦିଷ୍ଟ ୫୪ଟି ବୋତଲରେ ଭର୍ତ୍ତି ୪୦ଲିଟରରୁ ଉର୍ଦ୍ଧ୍ୱ ନକଲି ବିଷାକ୍ତ ବିଦେଶୀମଦ ଜବତ କରିଥିବା ବେଳେ ବିଭିନ୍ନ କମ୍ପାନୀର ୨୨୫ଟି ପାଖାପାଖି ଖାଲି ମଦ ବୋତଲ ଏବଂ ୬ଲିଟର ସ୍ପିରିଟ ଜବତ କରିଛନ୍ତି । ତେବେ

### ୬୬ ତମ ପୋଲିସ୍ ସହିଦ ଦିବସ

## ଚଳିତ ବର୍ଷ ୧୯୧ ଜଣ ଆରକ୍ଷୀ ଦେଶ ପାଇଁ ଦେଇଛନ୍ତି ପ୍ରାଣବଳି

କଟକ, (ସବ୍ୟୁ):ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୬ ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀର ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ କିଛି ବର୍ଷ ପୂର୍ବରୁ ପୋଲିସ ସହିଦମାନଙ୍କର ତାଲିକା ସଂଖ୍ୟା ବହୁତ ଲମ୍ବା ରହୁଥିଲା ଏବଂ ତେବେ ବର୍ତ୍ତମାନ ପରିସ୍ଥିତିରେ ଦେଶରେ ସହିଦମାନଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ଘଟିଛି ବୋଲି କହିଥିଲେ । ଦେଶର ସମସ୍ତ ସୁରକ୍ଷା ବାହିନୀ ତଥା ପୋଲିସ କର୍ମଚାରୀଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସାହସ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଜମ୍ମୁ-କାଶ୍ମୀର, ପଞ୍ଜାବ, ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ତଥା ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆମ ପୋଲିସ ଅଧିକାରୀ ଓ ଯବାନମାନେ ବୀରତ୍ୱର ସହିତ ଯୁଦ୍ଧ କରୁଛନ୍ତି। ଆମ ରାଜ୍ୟର ସାହସୀ ପୋଲିସ କର୍ମଚାରୀମାନଙ୍କର ବୀରତ୍ୱ ଯୋଗୁଁ, ଆମେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ସ୍ଥାପନ କରିପାରିଛୁ ଏବଂ ଆଗାମୀ ଦିନରେ ମଧ୍ୟ ଏହାର ପ୍ରୟାସ ଜାରି ରଖିବୁ ବୋଲି ଡିଜିପି କହିଥିଲେ।

ଏହି ଅବସରରେ ସାଧାରଣ ଜନତାଙ୍କୁ ନିରନ୍ତର ସେବା ପ୍ରଦାନ କରୁଥିବା ରାଜ୍ୟର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଚଳିତ ବର୍ଷ ଭାରତ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୧୯୧ ଜଣ ଆରକ୍ଷୀ ପ୍ରାଣବଳି ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ଶହୀଦ ହୋଇଥିବା ରାୟଗଡା ଜିଲ୍ଲାର ଲକ୍ଷ୍ମଣ ମାଝୀ, କଟକର ଲୋକନାଥ ଶବରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉଭୟଙ୍କ ପରିବାର ବର୍ଗଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ଏହି ପବିତ୍ର ଦିବସରେ ସାମିଲ କରାଯାଇଥିଲା । ଡିଜିପି ଶ୍ରୀ ଖୁରାନିଆ ଶୋକସନ୍ତପ୍ତ ଉଭୟଙ୍କ ପରିବାର ବର୍ଗଙ୍କ ସହିତ ଭାବ ବିନିମୟ କରିବା ସହ ସମବେଦନା ଜ୍ଞାପନ କରିଥିଲେ । ଉଭୟଙ୍କ ତ୍ୟାଗ ଏବଂ ବଳିଦାନ ରାଜ୍ୟ ପୋଲିସ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଡିଜିପି କହିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଆନ୍ଧ୍ରପ୍ରଦେଶର ୫, ଅରୁଣାଚଳ ପ୍ରଦେଶର ୧ , ଆସମର ୨ , ବିହାରର ୮ , ଛତିଶଗଡର ୧୬, ଗୁଜୁରାଟ ୪, ଝାଡ଼ଖଣ୍ଡ ର ୧, କର୍ଣାଟକର ୮, କେରଳର ୧, ମଧ୍ୟପ୍ରଦେଶର ୧୧, ମହାରାଷ୍ଟ୍ରର ୧, ମଣିପୁର ର ୩, ନଗାଲାଣ୍ଡ ର ୧, ଓଡିଶାର ୨, ପଞ୍ଜାବ ର ୩, ରାଜସ୍ଥାନର ୭, ତାମିଲନାଡୁର ୬, ତେଲେଙ୍ଗାନା ର ୫, ତ୍ରିପୁରା ର ୨, ଉତ୍ତରପ୍ରଦେଶ ର ୩, ଉତ୍ତରାଖଣ୍ଡର ୪, ପଶ୍ଚିମବଙ୍ଗର ୧୨, ଚଣ୍ଡୀଗଡ଼ର ୨, ଦିଲ୍ଲୀର ୮, ଜାମ୍ମୁ ଓ କାଶ୍ମୀର ର ୧୪, ଲଦାଖର ୧, ଆସାମ ରାଇଫଲର ୨, ବିଏସଏଫ ର ୨୩, ସିଆଇଏସଏଫ ର ୬, ସିଆରପିଏଫର ୯, ଆଇଟିବିପିର ୫, ଏସଏସବିର ୬, ଏନଡିଆଏଫର ୧ ଏବଂ ଆରପିଏଫର ୯ ଜଣ ଶହୀଦ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟ ତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଣ୍ଟି ନକ୍ସଲ ଅପରେସନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଏସ. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସଏଫଏସଏଲ) ଡ଼ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରାଙ୍କ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ) ଅସୀତ କୁମାର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାରଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ନୂଆପଡ଼ା ବିଧାନସଭା ଉପ-ନିର୍ବାଚନ

## ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

କଟକ (ସବ୍ୟୁ): ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ପୋଲିସ ମୁଖ୍ୟାଳୟ ଠାରେ ପୋଲିସ୍ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଏକ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପ-ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ବାଚନ ଆଚରଣ ବିଧିର କଡାକଡି ଅନୁପାଳନ ଏବଂ ଭିଆଇପି ଓ ଭିଭିଆଇପିଙ୍କ ଗସ୍ତ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ପାଇଁ ଭାରତର ନିର୍ବାଚନ ଆୟୋଗର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ ଦଫା ୧୧୦/୧୦୭ ଭାରତୀୟ ଆଚାର ସଂହିତା ଅନୁଯାୟୀ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବା, ବେଆଇନ ଟଙ୍କା କାରବାରକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ମଦ ଜବତ କରିବା ଏବଂ ପଡ଼ି ରହିଥିବା ୱାରେଣ୍ଟକୁ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ତାମିଲ କରିବା ସମେତ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗୁଡ଼ିକୁ ତୀବ୍ର କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୋବାଇଲ୍ ପେଟ୍ରୋଲିଙ୍ଗ ଏବଂ ଫ୍ଲାଇଙ୍ଗ ସ୍କ୍ୱାଡ୍ ର କାର୍ଯ୍ୟକୁ ବଢ଼ାଇବା ଏବଂ ନିର୍ବାଚନ



ମଣ୍ଡଳୀର ବିଭିନ୍ନ ପ୍ରବେଶ ପଥରେ ନାକା ପୋଷ୍ଟ ସ୍ଥାପନ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷ ଓ ଗଦି ମାନଙ୍କର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ କୋଚେ ଉପ-ନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ତଥ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଡିଆଇଜିପି ଓ ଏସପିଙ୍କୁ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଉପନିର୍ବାଚନ ସମୟରେ ସମ୍ଭାବ୍ୟ ମାଓବାଦୀ କାର୍ଯ୍ୟକଳାପକୁ ଏଡାଇବାକୁ ଏଡିଜିପି (ଏ ଏନ ଓ) ସଂଜୀବ ପଣ୍ଡା ଜିଲ୍ଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କୁମ୍ବିଂ ଅପରେସନ ଓ ମାଓବାଦୀ ବିରୋଧୀ ଅଭିଯାନ କୁ ଜୋରଦାର କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ନିମନ୍ତେ ସମସ୍ତ ପ୍ରକାର ଯୋଜନାକୁ ଚୂଡାନ୍ତ ରୂପ ଦିଆ ଯାଇଛି ବୋଲି ଜଣାଇଥିଲେ । ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୧୪ କମ୍ପାନୀ ସିଏପିଏଫ (କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳ), ୫ ପ୍ଲାଟୁନ୍ ରାଜ୍ୟ ଓଏସଏପି/ଏପିଆର (ଓଡିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ/ ଅତିରିକ୍ତ ପୋଲିସ ରିଜର୍ଭ), ୩୫ ଟି ମୋବାଇଲ୍ ପାଟ୍ରୋଲିଂ ପାର୍ଟି, ୧୮ ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ୧୮ ଟି ଏସ ଏସ ଟି (ଷ୍ଟାଟିକ ସର୍ଭେଲାନ୍ସ ଟିମ୍) ସହିତ ଜିଲ୍ଲା ପୋଲିସ୍ ଅଧିକାରୀ/ କର୍ମଚାରୀଙ୍କୁ ନିୟୋଜିତ କରାଯିବ।

ରେଞ୍ଜ ଡି ଆଇ ଜି କେ. ବି. ସିଂହ ପୋଲିସ୍ ପକ୍ଷରୁ ଚୋରା ମଦ ଉପରେ ଚଢାଉ, ନିଶା ଦ୍ରବ୍ୟ ଚୋରା କାରବାର ରୋକିବାକୁ ସ୍ୱତନ୍ତ୍ର ରଣନୀତି, ପେଣ୍ଡିଂ ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ଆରକ୍ଷୀ ମହା ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ । ଏହା ଛଡ଼ା ଇଭିଏମ ଗୁଡ଼ିକର ସୁରକ୍ଷା ନିଶ୍ଚିତ କରିବା ପାଇଁ ସିସିଟିଭି କଭରେଜ୍ ସହିତ ଷ୍ଟ୍ରଙ୍ଗ୍ ରୁମ୍ ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର କଡାକଡି ପ୍ରୟୋଗ ସହିତ ନିର୍ବାଚନ ପରିଚାଳନା କରାଯିବ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ନୂଆପଡ଼ା ଜିଲ୍ଲାକୁ ରାଜ୍ୟ ପୋଲିସ ସଦର ମହକୁମା ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଆସନ୍ତା ୫ରୁ ହେବ ଭୁବନେଶ୍ୱର ଉତ୍ତର ମହୋତ୍ସବ

ବାରଙ୍ଗ , (ସବ୍ୟୁ): ଚଳିତ ବର୍ଷ ଭୁବନେଶ୍ୱର ଉତ୍ତର ମହୋତ୍ସବ ୨୦୨୫ ଆସନ୍ତା ନଭେମ୍ବର ୫ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଧରି ଚନ୍ଦ୍ରଶେଖରପୁର କ୍ଲବ ଟାଉନ ପଡିଆରେ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ସଭାପତି କୁନାଲ ରାଉତ କହିଛନ୍ତି । ଏନେଇ ରବିବାର ଦିନ ମହୋତ୍ସବ କମିଟି ପକ୍ଷରୁ ଏକ ଘରୋଇ ମଣ୍ଡପରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ଉତ୍ତର ମହୋତ୍ସବର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏହି ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ । ବିଜେପି ନେତା ତଥା ମହୋତ୍ସବ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ । ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଭୁବନେଶ୍ୱର ଉତ୍ତର ମହୋତ୍ସବର ସଭାପତି କୁନାଲ ରାଉତଙ୍କ ସମେତ ଉତ୍ତର ର୍ନିବାଚନ ମଣ୍ଡଳୀର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ । ମହୋତ୍ସବକୁ ଏକ ସାମାଜିକ, ସାଂସ୍କୃତିକ ଓ ସମ୍ପ୍ରତିର ମଞ୍ଚ ଭାବେ ବିବେଚନା କରି ଏହା ମାଧ୍ୟମରେ ଉତ୍ତର ଭୁବନେଶ୍ୱରର ନିଜସ୍ୱ ପରିଚୟ ଓ ସାଂସ୍କୃତିକ ଗୌରବକୁ ଉଜାଗର କରିବା ପ୍ରତି ଅତିଥି ମାନେ ଆଶା ବ୍ୟକ୍ତ କରିଥିଲେ । ଏହି ମହୋତ୍ସବରେ ବିଭିନ୍ନ ପ୍ରସିଦ୍ଧ ଓଡ଼ିଆ କଳାକାରମାନେ ଅଂଶଗ୍ରହଣ କରି ନିଜ କଳା ମାଧ୍ୟମରେ ଉତ୍ସବର ରୂଚି ଓ ଉଜ୍ଜ୍ୱଳତାକୁ ବଢ଼ାଇବେ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି ।

## ଚୌଦ୍ୱାର ଜେଲରେ ଦୁଇ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ଗୁରୁତର

### ଏପର୍ଯ୍ୟନ୍ତ ଜେଲରେ ଯୋଗଦେଇ ନାହାନ୍ତି ନୂତନ ଜେଲର

ଚୌଦ୍ୱାର,(ସ.ବ୍ୟୁ) : ଚୌଦ୍ୱାର ଜେଲରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । କିଛିଦିନ ତଳେ ଚୌଦ୍ୱାର ଜେଲରୁ ଦୁଇ ବିହାର କଏଦୀ ପାଚେରୀ ଡେଇଁ ଚମ୍ପଟ ମାରିଥିବା ବେଳେ ସେମାନଙ୍କ ସମ୍ପର୍କରେ ପୁଲିସ୍ କୌଣସି ସୂଚନା ପାଇପାରିନାହିଁ। ସୋମବାର ଚୌଦ୍ୱାର ଜେଲରେ ଆଉ ଏକ ଘଟଣା ଦେଖିବାକୁ ମିଳିଛି । ଦୁଇ ବିଚାରଧୀନ କଏଦୀଙ୍କ ମଧ୍ୟରେ ବଚସା ହୋଇ ମାରପିଟ୍ ହେବା ଫଳରେ ଜଣେ କଏଦୀଙ୍କ ମୁଣ୍ଡଫାଟି ଲହୁଲୁହାଣ ହୋଇ କଟକ ବଡ଼ମେଡ଼ିକାଲରେ ଚିକିତ୍ସାଧୀନ ହେଉଛନ୍ତି । ଜେଲର ୬୨ ନମ୍ବର ସେଲରେ କବି ସେଠ୍ ନାମକ ଜଣେ କଏଦୀ ସେହି ୱାର୍ଡ଼ରେ ରହୁଥିବା ଅନ୍ୟ ଜଣେ କଏଦୀ ସନ୍ତୋଷ ସିହ୍ନାଙ୍କ ମଧ୍ୟରେ ବଚସା ହେବା ଫଳରେ ହଠାତ୍ ସନ୍ତୋଷ ସିହ୍ନା ଖାଇବା ଥାଳିରେ କବିଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣରେ କବିଙ୍କ ମୁଣ୍ଡ ଫାଟି ରକ୍ତାକ୍ତ ହେବାରୁ ସଙ୍ଗେ ସଙ୍ଗେ ଜେଲ କର୍ତ୍ତୁପକ୍ଷ ଆମ୍ବୁଲାନ୍ସ ସାହାଯ୍ୟରେ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ମେଡ଼ିକାଲ ପଠାଇଥିବା ଜଣାପଡ଼ିଛି । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଜେଲ କର୍ତ୍ତୁପକ୍ଷ ଘଟଣାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିଲେ । ହେଲେ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଏ ସମ୍ପର୍କରେ ଜେଲର ଦାୟିତ୍ୱରେ ଥିବା ସବ୍‌ଜେଲର ପୁରୁଷୋତ୍ତମ ବେହେରାଙ୍କୁ ଯୋଗଯୋଗ କରିଥିଲେ । ପରେ ଶ୍ରୀବେହେରା ଘଟଣା ସମ୍ପର୍କରେ ଥାନା ଅଧିକାରୀଙ୍କୁ ସୂଚନା ଦେବାସହ ଏ ନେଇ ଥାନାରେ କେସ୍ ନମ୍ବର ୬୩୧/୨୫ରେ ମାମଲା ରୁଜୁ କରାଯାଇଛି। ସର୍କଲ ଜେଲ ସୁପରିଟେଣ୍ଡେ ସୁଜିତ୍ ବଳ କେଉଁ କାରଣରୁ ଜେଲ ପରିଚାଳନାରେ ଢିଲା ମନୋବୃତ୍ତି ପୋଷଣ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ମହିଳା ଗୁରୁତର

ଫୁଲନଖରା ,(ସବ୍ୟୁ): : କଟକ ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମପଞ୍ଚାୟତର ବାଟପୁରଣ ଗ୍ରାମର ଜସ୍ମିନ ସୁନ୍ଦରାୟ କୌଣସି କାର୍ଯ୍ୟରେ ଫୁଲନଖରା ରୁ କଟକ ଆଡ଼କୁ ଆସିବା ସମୟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କ ଗାଡ଼ିର ଡାହାଣ ପାର୍ଶ୍ୱକୁ ଧକ୍କା ଦେଇଥିଲା । ଯାହା ଫଳରେ କି, ଶ୍ରୀମତୀ ସୁନ୍ଦରାୟ ପଡ଼ିଯିବା ଫଳରେ ତାଙ୍କ ମୁଣ୍ଡର ପଛ ପାର୍ଶରେ ଗଭୀର ଆଘାତ ଲାଗିଛି । ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ନିକଟସ୍ଥ ସମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି ।ଉକ୍ତ ମହିଳା ଜଣକ ବାରଙ୍ଗ ବ୍ଲକ ମିଶନ ଶକ୍ତି ବିଭାଗର ବାଟପୁରଣ ଆଞ୍ଚଳିକ ମଞ୍ଚର ସି.ଆର.ପି - ସି.ଏମ ଭାବରେ କାର୍ଯ୍ୟରତ ଅଛନ୍ତି ।

### ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ

## ଶାଲୁ ଜିନ୍ଦଲଙ୍କ ଜନ୍ମଦିନ ଅବସରରେ ସେବା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ, ଏହାର ଅଧ୍ୟକ୍ଷା ଏବଂ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଜନ୍ମଦିନକୁ ଦେଶର ବିଭିନ୍ନ ସ୍ଥାନରେ 'ସେବା ଦିବସ' ଭାବରେ ପାଳନ କରାଯାଇଛି । ଏହି ଅବସରରେ ଫାଉଣ୍ଡେସନ ଦ୍ୱାରା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶ୍ରୀମତୀ ଶାଲୁ ଜିନ୍ଦଲ ଜୀଙ୍କ ମାନବିକ ସେବା ଏବଂ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରା ଯାଇଥିଲା ।

ଫାଉଣ୍ଡେସନର କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ଅନୁଗୁଳ, ବଡ଼ବିଲ, କାସିଆ, ଟେନସା ଏବଂ ଭୁବନେଶ୍ୱର; ଛତିଶଗଡ଼ର ରାୟଗଡ଼ ଏବଂ ତାମନାର; ଝାଡ଼ଖଣ୍ଡର ପାତ୍ରାଟୁ; ଆନ୍ଧ୍ର ପ୍ରଦେଶର ନେଲୋର ଏବଂ ମହାରାଷ୍ଟ୍ରର ଧୂଳେ ସମେତ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା। କାର୍ଯ୍ୟକଳାପ ମଧ୍ୟରେ ସାମାଜିକ ଦୁର୍ବଳ ଗୋଷ୍ଠୀଗୁଡ଼ିକୁ ସହାୟତା କରିବା, ବରିଷ୍ଠ ନାଗରିକମାନଙ୍କୁ ସହାୟତା କରିବା, ଗ୍ରାମୀଣ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ତୃଣମୂଳ ସ୍ତରରେ ପରିବେଶଗତ ସ୍ଥାୟୀ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆଦି ଅନ୍ତର୍ଭୁକ୍ତ ଥିଲା।




ଏହି ଅବସରରେ ଅନାଥାଶ୍ରମ, ଆଶ୍ରମ ଏବଂ ଅସହାୟ ପରିବାରକୁ ଖାଦ୍ୟ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ରାୟଗଡ଼ର ପରସାଡା ଗ୍ରାମ ପଞ୍ଚାୟତରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଜଳ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଏକ ପାଣି ପମ୍ପ ସ୍ଥାପନ କରାଯାଇଥିଲା। ମହିଳା ସଶକ୍ତିକରଣକୁ ଆହୁରି ଆଗକୁ ବଢ଼ାଇବା ପାଇଁ, ଟେନସାରେ ଏକ ମୁଢି ଉତ୍ପାଦନ କେନ୍ଦ୍ରର ଉଦଘାଟନ କରାଯାଇଥିଲା । ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦିକ ଚିକିତ୍ସା ଏବଂ ଫିଜିଓଥେରାପି ସୁବିଧାର ଆୟୋଜନ କରାଯାଇଥିଲା । ସେହିପରି ଯକ୍ଷ୍ମା ରୋଗୀଙ୍କ ସମେତ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ସହାୟତା ପ୍ରଦାନ କରାଯାଇଥିଲା ।

### ରଶ୍ମି ପରିଜାଙ୍କ ଉପରେ ଆକ୍ରମଣକୁ ନବୀନଙ୍କ ନିନ୍ଦା

# କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ବିଜେଡିର ସ୍ମାରକପତ୍ର

ଭୁବନେଶ୍ୱର, (ସବ୍ୟୁ): ଜଗତସିଂହପୁର ବିଜେଡ଼ି କର୍ମୀ ରଶ୍ମି ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାତ୍ମକ



ଆକ୍ରଣକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ଼ ନିନ୍ଦା କରିଛନ୍ତି। ମହିଳାଙ୍କ ଉପରେ ବଢୁଥିବା ଏପରି ଘଟଣା କଦାପି ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ସୋସିଆଲ ମିଡ଼ିଆରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ଏ ବାତାବରଣ ଜନମାନସକୁ ଆତଙ୍କିତ କରିଛି। ଅସାମାଜିକ ବ୍ୟକ୍ତି ଅପରାଧ ଘଟାଇବାକୁ ଭୟ କରୁନାହାଁନ୍ତି। ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ସରକାର ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଜାୟ ରଖନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଅପରପକ୍ଷରେ ବିଜେଡ଼ିର ଏକ ପ୍ରତିନିଧି ମଣ୍ଡଳ ବିଜେପି ୱାଇ.ବି ଖୁରାନିଆଙ୍କୁ ଭେଟି ଏକ ସ୍ମାରଣପତ୍ର ଦେଇଛନ୍ତି। ଜଗତସିଂହପୁର ଥାନା ଅଞ୍ଚଳରେ ବିଜେଡ଼ି କର୍ମୀ ତଥା ସୋସିଆଲମିଡିଆରେ ବିଭିନ୍ନ ପୋଷ୍ଟ ମାଧ୍ୟରେ ଲୋକପ୍ରିୟତା ହାସଲ କରିଥିବା ରଶ୍ମି ପରିଜାଙ୍କ ଉପରେ ବିଜେପି କର୍ମୀଙ୍କ ଦ୍ୱାରା ହୋଇଥିବା ମରଣାତ୍ମକ ଆକ୍ରମଣରେ ସଂପୃକ୍ତ ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଶ୍ରୀମତି ପରିଡା ଏବେ ଜଗତସିଂହପୁର ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

# ହୋଟେଲରେ ଗ୍ରାହକଙ୍କୁ ମିଳିତ ଆକ୍ରମଣ

ବଲଙ୍ଗା ,(ସବ୍ୟୁ):ମଙ୍ଗଳ ବାର ମଧ୍ୟାହ୍ନରେ ବଲଙ୍ଗା ବଜାରରେ ଥିବା ଏକ ହୋଟେଲରେ ଖାଉଥିବା ଜଣେ ଯୁବକ ବାନ୍ତି କରିବାରୁ ହୋଟେଲ ମାଲିକ ଓ କର୍ମଚାରୀ ମିଳିତ ଭାବେ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୁଚନା ମୁତାବକ ଏହି ଥାନା ଅନ୍ତର୍ଗତ କୋଟକୁ ସାଙ୍ଗ ଗ୍ରାମର ସଞ୍ଜୟ କାଣ୍ଡି ନାମକ ଜଣେ ଯୁବକ ମଙ୍ଗଳବାର ମଧ୍ୟାହ୍ନରେ ବଲଙ୍ଗା କେନାଲ ବନ୍ଧରେ ଥିବା ଏକ ହୋଟେଲକୁ ତାଙ୍କ ସହଯୋଗୀଙ୍କ ସହ ଖାଇବାକୁ ଯାଇଥିଲେ । ଖାଇବା ସମୟରେ ସଞ୍ଜୟଙ୍କ ତଣ୍ଟିରେ ମାଛ କଣ୍ଟା ଲାଗିଯିବାରୁ ସଂଞ୍ଜୟ ବାନ୍ତି କରିଦେଇଥିଲେ । କଣପାଇଁ ବାନ୍ତି କଲୁ ବୋଲି କହି ହୋଟେଲର କର୍ମଚାରୀ ସଂଞ୍ଜୟଙ୍କୁ ମାଡ଼ ମାରିଥିଲେ । ସଂଞ୍ଜୟ ବାନ୍ତି ପୋଛି ଦେବେ ବୋଲି କହିବାରୁ ହୋଟେଲ ମାଲିକ ସଞ୍ଜୟଙ୍କୁ ମାଡ଼ ମାରିଥିଲେ । ଏନେଇ ସଂଧ୍ୟାରେ ସଞ୍ଜୟଙ୍କ ପନୀ ରେଖା କାଣ୍ଡିଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି ।

# ଗାଡି ଧକ୍କାରେ ଗୋରୁ ମୃତ, ରାସ୍ତା ଅବରୋଧ

ନିମାପଡା,(ସବ୍ୟୁ): ସୋମବାର ବିଳମ୍ବିତ ରାତ୍ରରେ ଚାରିଛକ-ଗୋପ ରାସ୍ତାର ତମ୍ପାଳ ବଜାର ନିକଟରେ ଏକ ଅଜଣା ଗାଡି ଧକ୍କାରେ ୨ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ମଙ୍ଗଳବାର ଦିନ ବୁଲା ଗାଇ,ଗୋରୁ ଓ ଷ,,ଙ୍କ ଲାଗି ଗୋଶାଳା,କାଞ୍ଜିଆହୁଦା କରି ସୁରକ୍ଷା ଦେବାକୁ ଦାବୀ କରି ସ୍ଥାନୀୟ ତମ୍ପାଳ ଓ ପାଳିଶ୍ରୀ ଗ୍ରାମର ଶତାଧିକ ବାସିନ୍ଦା ତମ୍ପାଳ ଛକ ନିକଟରେ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଚାରିଛକ ପୁଲିସ ଓ ସରପଞ୍ଚଙ୍କ ପ୍ରତିନିଧି ରଚିତା ନନ୍ଦ ଖଟୋଇ ପହଂଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।



ଭୁବନେଶ୍ୱର ସପ୍ତମ ବାଟାଲିୟନ ପଡିଆରେ ୬୬ତମ ପୋଲିସ ସହିଦ ସ୍ମୃତି ଦିବସ ପାଳନ ଅବସରରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂହ, ଅତିରିକ୍ତ କମିଶନର ନରସିଂହ ଭୋଲ ଓ ଡିସିପି ଜଗମୋହନ ମିନା

# ମା ଦକ୍ଷିଣ କାଳୀଙ୍କ ପୀଠରେ ଅଘଟଣ : ବିଦ୍ୟୁତ ଆଘାତରେ ୨ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀର ଗୋବିନ୍ଦ ପୁରସ୍ଥିତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା ଦକ୍ଷିଣ କାଳୀଙ୍କ ପୀଠର ଅଘଟଣ ଘଟିଛି । ବିଦ୍ୟୁତ ଆଘାତରେ ୨ଜଣଙ୍କ ଜୀବନ ଯାଇଛି । ମୃତକ ୨ଜଣ ଜଣେ ପୁରୁଷ ଓ ଅନ୍ୟ ଜଣେ ମହିଳା ବୋଲି ଜଣାଯାଇଛି । ପୂଜା ସମୟରେ ବିଳମ୍ବିତ ରାତି ପ୍ରାୟ ୧୨ ଟାର ମଞ୍ଚ ପାଶ୍ୱର୍ରେ ଜଣେ ପୁରୁଷ ବ୍ୟକ୍ତି ଓ ଜଣେ ମହିଳା ବ୍ୟକ୍ତି ବୋଧହୁଏ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ଉପସ୍ଥିତ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଅଗ୍ନିକ ମାନେ ଓ ଭକ୍ତ ମାନେ ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ବୀର ଗୋବିନ୍ଦ ପୁର ଗ୍ରାମରେ କାଳୀପୂଜା ନିମନ୍ତେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତ ଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସାକ୍ଷୀଗୋପାଳ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବାଦୀ ପୋଲିସ ଶବ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ । ଫୋରେନସିକ ଟିମ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡି ଏନ ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତ । ସତ୍ୟବାଦୀ ଥାନାରେ ୨୬/୨୦୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ ହୋଇଅଛି । ମୃତକ ଦ୍ୱୟଙ୍କ ପରିଚୟ ଜଣା ନ ପଡ଼ିଥିବା ଦୃଷ୍ଟିରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୋଲିସ ତରଫରୁ ଉଭୟ ମୃତକଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଥାନା ଆଇ ଆଇ ସି ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଥିଲେ ।

### ବିଦେଶରେ ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ

# ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତି ଦିବ୍ୟସିଂହ ଦେବଙ୍କ ପତ୍ର

ପୁରୀ, (ସବ୍ୟୁ): ଗଜପତି ଦିବ୍ୟସିଂହ ଦେବଙ୍କ ପୁନର୍ବାର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି । ଇସ୍କନ ନିଜ ସିଦ୍ଧାନ୍ତର ପୁନର୍ବିଚାର କରିବାକୁ ଏବଂ ପବିତ୍ର ଶାସ୍ତ୍ର ଓ ପୁରାତନ ରୀତି ନୀତିର ସମ୍ମାନ ରଖି ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ୯ ଦିନ ମଧ୍ୟରେ ରଥଯାତ୍ରା ପାଳନ କରିବାକୁ ଦିଗଦର୍ଶନ ଦେଇଛନ୍ତି। ଏ ନେଇ ଗଜପତି ଅକ୍ଟୋବର ୧୯ ଓ ୨୫ ରେ ଇସ୍କନ ଜିବିସି ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ। ଇସ୍କନ ସମଗ୍ର ବିଶ୍ୱରେ ଜ୍ୟେଷ୍ଠ ପୂର୍ଣ୍ଣମୀରେ ସ୍ନାନ ଯାତ୍ରା କରିବା ପାଇଁ ସମ୍ମତ ହୋଇଛିତେବେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ରୁ ୯ ଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ ପାଇଁ ସହମତ ହୋଇ ପାରୁନଥିବା ଇସ୍କନ ଜିବିସି ଅଧ୍ୟକ୍ଷ ଗତ ୧୯ ତାରିଖରେ ଚିଠି ଲେଖି ଗଜପତିଙ୍କୁ ଚିଠି ଲେଖି ଜଣାଇଥିଲେ। ମଙ୍ଗଳବାର ଦିନ ଗଜପତି ଇସ୍କନ କର୍ତ୍ତୃପକ୍ଷଙ୍କୁ ପୁର୍ନବାର ଚିଠି ଲେଖିଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀଙ୍କ ସୂଚନା ଦେଇଛନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା କିମ୍ବା ଏହି ତିଥି ଠାରୁ ୯ ଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା କରିବା ପାଇଁ ଗଜପତି ମହାରାଜ ଚିଠିରେ ଉଲ୍ଲେଖ କରିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା ।

# ଇପିଏଫ୍ ପେନ୍‌ସନ୍ ସଂଘ ଲୋକଙ୍କୁ ଭୁଆଁ ବୁଲାଉଛି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଇପିଏଫ୍ ପେନ୍‌ସନ୍ ସଂଘ କରି କେତେକ କର୍ମକର୍ତ୍ତା ଓ ସଦସ୍ୟ ସର୍ବନିମ୍ନ ପେନ୍‌ସନ୍ ପାଉଥିବା ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଓ ପେନ୍‌ସନ୍ ବୃଦ୍ଧି ହେବ ବୋଲି କହି ସଭ୍ୟସଂଖ୍ୟା ବୃଦ୍ଧି କରି ନିଜ ନିଜର ପକେଟ୍ ଗରମ କରୁଥିବା ଅଭିଯୋଗ ହେଉଛି। ଯେଉଁମାନେ ବାର୍ଷିକ ଅଧିବେଶନ ବା ବିଭିନ୍ନ ଜିଲ୍ଲାରେ ଅଧିବେଶନ କରି ଆସୁଛନ୍ତି ସେମାନେ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇ ଇପିଏସ୍-୯୫ର ସର୍ବନିମ୍ନ ପେନ୍‌ସନ୍ ହଜାରେ ଟଙ୍କାରୁ ୭,୫୦୦ କିମ୍ବା ୯ହଜାର ଟଙ୍କା ବଢ଼ାଇବା ଲାଗି ବର୍ଷ ବର୍ଷ ଧରି କହିଆସୁଥିଲେ ମଧ୍ୟ ଏହା ଫଳପ୍ରଦ ହେଉନାହିଁ। ଏମାନେ ସର୍ବଭାରତୀୟ ପେନ୍‌ସନ୍ ସଂଘ ଜରିଆରେ ଲଢ଼େଇ ଜାରି ରଖିଛନ୍ତି ବୋଲି କହି ପେନ୍‌ସନ୍‌ଧାରୀଙ୍କୁ ଭଣ୍ଡାଇ ଆସୁଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି । ଏମାନେ ସଭ୍ୟମାନଙ୍କ ଠାରୁ ଚାନ୍ଦା ସଂଗ୍ରହ କରି ସେହି ପଇସାରୁ ଦିଲ୍ଲୀ ଯାଇ ବୁଲାବୁଲି କରିଆସୁଛନ୍ତି। ସୁପ୍ରିମକୋର୍ଟରେ କେସ୍ ଚାଲିଥିବା ଆଳରେ ସଂଘର କର୍ମକର୍ତ୍ତାମାନେ ଏକାଧିକ ଭାବେ ଦିଲ୍ଲୀ ଗସ୍ତ କରୁଥିବା କେତେଦୂର ଯଥାର୍ଥ ସେ ନେଇ ପ୍ରଶ୍ନ ଉଠୁଛି । ବିଭିନ୍ନ ସମ୍ବାଦପତ୍ରର କର୍ମଚାରୀ ମଧ୍ୟ ସର୍ବନିମ୍ନ ପେନ୍‌ସନ୍ ହଜାରେ ଟଙ୍କା ପାଆନ୍ତି। ସେହି ଆଳରେ ବିଭିନ୍ନ ସମ୍ବାଦପତ୍ରରେ ଏମାନେ ପେନ୍‌ସନ୍‌କୁ ନେଇ ବର୍ଷ ବର୍ଷ ଧରି ବିଭ୍ରାନ୍ତିକର ସମ୍ବାଦ ପରିବେଷଣ କରିଆସୁଛନ୍ତି। କର୍ମକର୍ତ୍ତାମାନେ ନିଜେ ହାୟର ପେନ୍‌ସନ୍ ନେଇ ଅନ୍ୟମାନଙ୍କୁ ବର୍ଦ୍ଧିତ ହାରରେ ପେନ୍‌ସନ୍ ବଢ଼ାଇବା ଲାଗି ଉଦ୍ୟମ କରୁଛନ୍ତି କାହିଁକି ? ଏ ବିଷୟରେ ଅନେକ ପେନ୍‌ସନ୍‌ଧାରୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିବା କୁହାଯାଉଛି ।

### ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଜେପିର ଦାବି

# ସତ୍ୟପାଠରେ ଅପରାଧିକ ତଥ୍ୟ ଲୁଚାଇଥିବାରୁ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ କରାଯାଉ

ଭୁବନେଶ୍ୱର, (ସବ୍ୟୁ): ନୂଆପଡା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମରେ ନୂଆପଡା ଥାନାରେ ରୁଜୁ ହୋଇଥିବା ଦୁଇଟି ଉଲ୍ଲେଖ କରିଥିଲେ, ଯାହାକି ବର୍ତ୍ତମାନ ସୁଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ବିଚାରଧିନ ଅଛି । ମାତ୍ର ଚଳିତ ଉପନିର୍ବାଚନ ପାଇଁ ଦାଖଲ



ଅଭିଯୋଗର ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ହୋଇନାହିଁ। ଗତ ୨୦୨୪ ସାଧାରଣ ନିର୍ବାଚନରେ ଦୁଇଟି ଅଭିଯୋଗ ୧୪୬/୨୦୨୨ ଏବଂ ୧୦/୨୦୧୮ ସଂପର୍କରେ ଶ୍ରୀ ମାଝୀ ନିର୍ବାଚନ ଆୟୋଗଙ୍କ ନିକଟରେ କରିଥିବା ସତ୍ୟପାଠରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ ଉକ୍ତ ଦୁଇଟି ମାମଲା ସଂପର୍କରେ ଜାଣିଶୁଣି ଉଲ୍ଲେଖ କରିନାହାନ୍ତି। ଏହା "ଜନପ୍ରତିନିଧି ଆଇନ-୧୯୫୧ ର ଧାରା ୧୨୫-'କ' ଅନୁଯାୟୀ ଧର୍ତବ୍ୟ ଅପରାଧ। ତେଣୁ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ ସହ ତାଙ୍କ ନାମାଙ୍କନ ପତ୍ର ନାକଚ ହେବା ଉଚିତ୍ ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଜେପି ତରଫରୁ ଦାବି କରାଯାଇଛି।

ଏ ସଂପର୍କରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି କହିଛନ୍ତି ଯେ; ଯେଉଁ କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ, ସେ ଦଳର ନେତାମାନେ ସମ୍ବିଧାନର ମୂଲ୍ୟ ବୁଝିବେ କେମିତି ? ନିଜ ମୂଳ ବିଚାରଧାରାରୁ ସଂପୂର୍ଣ୍ଣ ଓହରି ଯାଇଛି ଆଜିର କଂଗ୍ରେସ ଦଳ। କଂଗ୍ରେସ ଦଳର ବିଚାର ଓ କାର୍ଯ୍ୟଶୈଳୀକୁ ସାଧାରଣ ଜନତା ଆଉ ଗ୍ରହଣ କରୁନାହାନ୍ତି। ଏହା ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ରାଜ୍ୟ ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ଏବଂ ତୃପ୍ତିମୟୀ ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋତମାରେ ଗୋମାତା ହତ୍ୟା: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ନୂଆପଡା ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାର ବଳକା ଖାଦ୍ୟ ଖାଇ ୨୦ ଗୋଟି ଗାଈଙ୍କ ଦୁଃଖଦ ମୃତ୍ୟୁବରଣ କରିବା ନେଇ କଂଗ୍ରେସ ଭବନରେ କଂଗ୍ରେସର ବରିଷ୍ଠ ମୁଖପାତ୍ର ସୋନାଲି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଶ୍ରୀମତୀ ସାହୁ ଅଭିଯୋଗ କରିଥିଲ ଯେ ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁ ସଭାରେ ୨୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ରନ୍ଧନ ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିଜେପି କେବଳ ୫ ହଜାର ଲୋକଙ୍କୁ ଜୁଟାଇ ପାରିଥିଲା ।ତେଣୁ ପ୍ରାୟ ଅବଶିଷ୍ଟ ୧୫ ହଜାର ଲୋକଙ୍କ ପାଇଁ ଥିବା ଖାଦ୍ୟ ଦାୟିତ୍ୱହୀନ ଭାବରେ ଫୋପାଡ଼ି ଦେଇଥିଲେ । ଏହାକୁ ଗୋତମା ଗାଁର ଗାଈ ଭକ୍ଷଣ କରିବାରୁ ୨୦ ଗୋଟି ଗାଈ ମୃତ୍ୟୁବରଣ କରିବା ସହ ୪୦ ଗୋଟି ଗାଈ ଅସୁସ୍ଥ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏପର୍ଯ୍ୟନ୍ତ ଗାଈ ମାନଙ୍କ ପୋଷ୍ଟମର୍ଟମ ରିପୋର୍ଟ ସରକାର ସାର୍ବଜନୀନ କରିନାହାଁନ୍ତି । ପ୍ରାଣୀପାଳନ ବିଭାଗ ଚୁପ । ର୍ନିର୍ବାଚନ କମିଶନଙ୍କ ଠାରୁ କାରଣ ଦର୍ଶାଅ ନୋଟିସ ନାହିଁ, ସ୍ଥାନୀୟ ନେତା ଚୁପ, ସାଂସଦ ଚୁପ, ଏପରିକି ବିଜେପି ଦଳର ଛାମୁଆ ସଂଗଠନ ଗୋପ୍ରେମୀ ବୋଲାଉଥିବା ବଜରଙ୍ଗ ଦଳ, ଭିଏଚପି ଆଦି ନୀରବଦ୍ରଷ୍ଟା । ଗୋମାତାକୁ ନେଇ ରାଜନୀତି କରୁଥିବା ବିଜେପି କାହିଁକି ଲୁଚିଛି ବୋଲି ପ୍ରଶ୍ନ ପଚାରିଛନ୍ତି ଶ୍ରୀମତୀ ସାହୁ । ଗୋମାତା ଅପମୃତ୍ୟୁକୁ ବାବଦକୁ ପ୍ରତି ଗାଈ ପିଛା ୨୫ ହଜାର ଟଙ୍କା ସରକାର କ୍ଷତି ପୂରଣ ଦିଅନ୍ତୁ । ମୃତ ଗାଈଙ୍କ ପୋଷ୍ଟମର୍ଟମ ରିପୋର୍ଟ ସାର୍ବଜନୀନ କରାଯାଉ । ଏଭଳି ଧର୍ତ୍ତବ୍ୟ ଅପରାଧ ପାଇଁ ମୁଖ୍ୟମନ୍ତ୍ରୀ ଅଫିସ ତଥା ବିଜେପି ନିସର୍ତ୍ତ କ୍ଷମା ମାଗନ୍ତୁ । ଜିଲ୍ଲା ଖାଦ୍ୟ ନିରୀକ୍ଷଣ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଂଗ୍ରେସ ଦାବୀ କରିଥିବା ମୁଖପାତ୍ର ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ ।ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ସାହୁଙ୍କ ସହ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ଝୁନା ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଦୀପାବଳିରେ ୭୦ରୁ ଊର୍ଦ୍ଧ୍ୱ ଆହତ

ଭୁବନେଶ୍ୱର, (ସବ୍ୟୁ) : ଦୀପାବଳି ବାଣଫୁଟାରେ ୭୦ରୁ ଊର୍ଦ୍ଧ୍ୱର୍ ଆହତ ହୋଇ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆସିଥିଲେ । ବାଣଫୁଟା ଧୂଆଁରେ ରାଜଧାନୀ ରାସ୍ତା ଆଚ୍ଛାଦିତ ହୋଇଯାଇଥିବାରୁ ଦୁର୍ଘଟଣାରେ ୩୫ରୁ ଅଧିକ ଆହତ ହୋଇଥିବା କ୍ୟାପିଟାଲ ହସ୍ପିଟାଲ ସୂତ୍ରରୁ ସୂଚନା ମିଳିଛି । କମିଶନରେଟ୍ ପୋଲିସ ପକ୍ଷରୁ ବାଣ ଫୁଟାଇବା ପାଇଁ ରାତି ୭ଟାରୁ ୯ଟା ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଅମାନିଆମାନେ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟାଇ ଚାଲିଥିଲେ । ରାତି ୧୨ଟା ମଧ୍ୟରେ କ୍ୟାପିଟାଲ ହସ୍ପିଟାଲକୁ ବାଣଫୁଟାରେ ଆହତ ହୋଇଥିବା ୭୦ରୁ ଊର୍ଦ୍ଧ୍ୱର୍ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ସାମାନ୍ୟ ଆହତଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । କିଛି ଗୁରୁତର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ରାଜଧାନୀର କେନ୍ଦ୍ରସ୍ଥଳ ରାସ୍ତାଗୁଡ଼ିକ ବାଣଧୂଆଁରେ ଆଚ୍ଛାଦିତ ହୋଇଯିବା ଦ୍ୱାରା ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । କେବଳ କେନ୍ଦ୍ରସ୍ଥଳ ନୁହେଁ ଆଖପାଖ ଅଞ୍ଚଳରେ ମଧ୍ୟ କୁହୁଡ଼ି ସାଙ୍ଗକୁ ବାଣଧୂଆଁରେ ରାସ୍ତା ଦେଖି ହେଉ ନଥିଲା । ରାସ୍ତା ଆଲୋକ ମିଞ୍ଜିମିଞ୍ଜି ହୋଇ ଦିଶିବା ବ୍ୟତୀତ ବାଟଘାଟ ନିର୍ଣ୍ଣୟ କରି ହେଉ ନଥିଲା । ଯାହାଫଳରେ ୩୫ରୁ ଊର୍ଦ୍ଧ୍ୱର୍ ଆହତ ହୋଇଛନ୍ତି । ବାଣ ଧୂଆଁରେ ରାଜଧାନୀ ପରିବେଶ ଦୂଷିତ ହେଲା । ତାହା ପରିଷ୍କାର ହେବାପାଇଁ କିଛିଦିନ ଲାଗିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଦିନରେ ଚାଲିଗଲା ଦୁଇ ଯୁବକଙ୍କ ଜୀବନ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧିନରେ ରବିବାର ଏବଂ ସୋମବାରରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଦିନରେ ଚାଲିଗଲା ଦୁଇଟି ଜୀବନ । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ରଙ୍ଗାମାଟିଆ ଛକରେ ସୋମବାର ସଂନ୍ଧ୍ୟାରେ ମଟରସାଇକେଲ ଦୁର୍ଘଟଣା ଘଟି ବାଇକ ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବୈଶିଙ୍ଗା ଥାନା ଅଧିନ ପଦ୍ମଲାଭପୁର ଗ୍ରାମର ସ୍ୱର୍ଗତ ଶ୍ରୀଧର ମାଝିଙ୍କ ପୁଅ ରାମେଶ୍ୱର ମାଝି ଓରଫ ବାପି। ସୂଚନା ମୁତାବକ ରାମେଶ୍ୱର ଓଡି ୧୧ଜେଡ ୧୩୨୮ ନମ୍ବର ବିଶିଷ୍ଟ ବାଇକ ଯୋଗେ ଅତ୍ୟନ୍ତ ଦୃତଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରଙ୍ଗାମାଟିଆ ଛକରେ ରାସ୍ତା ପାର୍ଶ୍ୱରେ ସାଇନବୋର୍ଡରେ ପିଟିହୋଇ ଛିଟିକି ପଡିଥିଲେ।

ଏଥିରେ ରାମେଶ୍ୱରଙ୍କ ମୁଣ୍ଡରେ ଶକ୍ତ ଧକ୍କା ଲାଗି ଗଭୀର କ୍ଷତ ପୂର୍ବକ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଦୁର୍ଘଟଣାଟି ଏତେ ଶକ୍ତିଶାଳୀ ଥିଲା ଯେ ଘଟଣାସ୍ଥଳରେହିଁ ବାଇକ ଚାଳକ ରାମେଶ୍ୱରଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ରାମେଶ୍ୱର ବୈଶିଙ୍ଗା ବଜାରରୁ ନିଜ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୈଶିଙ୍ଗା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ସହିତ ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲ ଜବତ ପୂର୍ବକ ରାତିରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପ୍ରଥମ ସ୍ତ୍ରୀ ଓ ଶିଶୁପୁତ୍ର କିଛିବର୍ଷ ପୂର୍ବେ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିବା ବେଳେ ମୃତ ରାମେଶ୍ୱରଙ୍କ ବାପା ମଧ୍ୟ ମୋଟରସାଇକେଲ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା ।ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ରାମେଶ୍ୱର ଦ୍ୱିତୀୟ ବିବାହ କରିଥିବା ବେଳେ ରାମେଶ୍ୱରଙ୍କ ୪ବର୍ଷର କନ୍ୟା ଥିବା ଜଣାଯାଇଛି। ତେବେ ରାମେଶ୍ୱରଙ୍କ ମୃତ୍ୟୁ ଖବର ପାଇ ଗ୍ରାମରେ ଏକ ପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଅନୁରୂପ ଭାବେ ୧୮ ନଂ ଜାତୀୟରାଜପଥ ହାତୀଝୁରି ଢ଼ାବା ନିକଟରେ ରବିବାର ରାତି ୧୧ଟାରେ ଏକ ସଡକ ଦୁର୍ଘଟଣାରେ ଜନୈକ ଦ୍ରୁତଗାମୀ ବାଇକ ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରୁପ୍ସା ଉପକଣ୍ଠ ଦରକଳି ଗାଁର ଶାନ୍ତନୁ ସିଂ । ଶାନ୍ତନୁ ନିଜର ଓଡି-୧୧ଏସି -୭୬୦୧ନମ୍ବର ବିଶିଷ୍ଟ ବାଇକଯୋଗେ ଯାଉଥିବା ବେଳେ ହାତୀଝୁରି ଢ଼ାବା ନିକଟରେ ଭାରସାମ୍ୟ ହରାଇ ଏନଏଲ -୦୧ଏସି -୦୨୭୫/୭୬ନମ୍ବର ବିଶିଷ୍ଟ ଟ୍ରଲର ପଛରେ ପିଟିହୋଇ ଯାଇଥିଲେ । ତେବେ ଘଟଣା ସ୍ଥଳରେ ହିଁ ବାଇକ ଚାଳକ ଶାନ୍ତନୁଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା କ୍ଷ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଶାନ୍ତନୁର ଶବକୁ ବୈଶିଙ୍ଗା ଡାକ୍ତରଖାନାକୁ ଆଣିବା ସହିତ ଉଭୟ ଟ୍ରଲର ଓ ବାଇକ କୁ ଜବତ କହିଥିଲା ।

# ବଡ ଦାଣ୍ଡରେ ଯୁବକଙ୍କୁ ଛୁରାମାଡ଼

ପୁରୀ, (ସବ୍ୟୁ): ଦୀପାବଳୀରେ ସାରା ସହର ଉତ୍ସାହର ସହ ପାଳନ କରୁ ଥିବା ବେଳେ ବଡ ଦାଣ୍ଡ ପାପୁଡ଼ିଆ ମଠ ନିକଟରେ ଏକ ହିଂସା ଘଟିଛି। ଜଣେ ଯୁବକଙ୍କୁ ଛୁରାମାଡ ହୋଇଛି । ଟାଉନ ଥାନା ଅନ୍ତର୍ଗତ ପାପୁଡ଼ିଆ ମଠ ସମ୍ମୁଖରେ ଯୁବକଙ୍କୁ ଛୁରାମାଡ ହୋଇଛି। ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣକ ପରିଚୟ ହେଉଛି ହେମନ୍ତ ପଟ୍ଟନାୟକ । ଖଜା ଦୋକାନୀ ହେମନ୍ତଙ୍କୁ ବଚସା ନେଇ ଜଣେ ଦୃର୍ବୃତ୍ତ ଛୁରାମାଡ କରିଥିବା ସୂଚନା ମିଳିଛି । ଆହତ ହେମନ୍ତଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନା ଯୋଗ୍ୟ ଯେ ଦୀପାବଳୀ ରାତିରେ ହେମନ୍ତ ନିଜ ଖଜା ଦୋକାନୀ ମାଲିକଙ୍କ ସହ କଥାବାର୍ତ୍ତା ହୋଇ ଥଟା ତାମସା କରୁଥିବାବେଳେ ଜଣେ ଦୃର୍ବୃତ୍ତ ହଠାତ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ହୋଇ ନିଜ ପକେଟରେ ଥିବା ଛୁରୀ ବାହାର କରି ହେମନ୍ତଙ୍କ କାନକୁ ଆକ୍ରମଣ କରିଥିଲେ। ଫଳରେ ହେମଣ୍ଟଙ୍କ କାନ କଟି ପ୍ରଚୁର ରକ୍ତ ସ୍ରାବ ହୋଇ ଥିଲା। ରକ୍ତାକ୍ତ ଅବସ୍ଥାରେ ହେମନ୍ତଙ୍କୁ ପୋଲିସ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଥିଲା । ଦୃର୍ବୃତ୍ତଙ୍କୁ ଧରିବା ପାଇଁ ଟାଉନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# ଓଡିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବୀର କିଶୋର ରାୟଙ୍କ ଜୟନ୍ତୀ



କଟକ,(ସବ୍ୟୁ):ବୀର କିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଓଡିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି, ପୂର୍ବତନ ସାଂସଦ ବୀର କିଶୋର ରାୟଙ୍କ ୧୩୪ ତମ ଜୟନ୍ତୀ ଅବସରରେ ଓଡିଶା ହାଇକୋର୍ଟ ପରିସରରେ ଥିବା ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବାର ପରିସରରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା । ଏଥିରେ ଆଇନଜୀବି ସତ୍ୟବାଦୀ ମନ୍ତ୍ରୀ, ଅନିଲ ଦେଓ, ଅତିରିକ୍ତ ସରକାରୀ ଓକିଲ ଜୟନ୍ତ କୁମାର ବଳ, ଅମୀୟ ମିଶ୍ର, ବନ୍ଦେ ଉତ୍କଳର ପ୍ରତିଷ୍ଠାତା ଦେବସ୍ନାନ ଦାସ, ସ୍ମୃତି ସଂସଦର ସମ୍ପାଦକ ବିଜୟ କୁମାର ରଗଡ, ବାର କାଉନସିଲ ସଭ୍ୟ ଲକ୍ଷ୍ମୀ ନାରାୟଣ ପଟେଲ, ବାର ଆସୋସିଏସନର କାର୍ଯ୍ୟକାରୀ ସଭ୍ୟ ସୌଭାଗ୍ୟ ଦାସ, ସରୋଜ ଆଚାର୍ଯ୍ୟ, ସହ ସମ୍ପାଦକ ଗଙ୍ଗାଧର ସାମଲ, ଅଜୟ ନାୟକ, ପ୍ରଶାନ୍ତ ରାଉତରାୟ, ଯୁଗ୍ମ ସମ୍ପାଦକ ଅଭୟ ଶର୍ମା, ପ୍ରକାଶ ସାମଲ, ଜୟନ୍ତ ବିଶ୍ୱାଳ, ସାରଦା ମହାରଣା, ନରେନ୍ଦ୍ର ସାହୁ, ବ୍ରଜ ଭୂଷଣ ସାହୁ, ଶିବ ପ୍ରସାଦ ସ୍ୱାଇଁ ସହିତ ବହୁ ଆଇନିଜିବି ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ବିଚାରପତି ରାୟ ୧୮ ୯୧ ମସିହା ଅକ୍ଟୋବର ୨୧ ତାରିଖରେ କଟକ ଜିଲ୍ଲାର ବଗଲଗଡ଼ ଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ଓଡିଶାର ପ୍ରଥମ ଆଡ଼ଭୋକେଟ ଜେନେରାଲ ତଥା ପ୍ରଥମ ଓଡ଼ିଆ ବିଚାରପତି ଓ ଓଡିଶା ହାଇକୋର୍ଟ ପ୍ରଥମ ମୁଖ୍ୟ ବିଚାରପତି ହୋଇଥିଲେ ।୧୯୫୮ ମସିହାରେ ଜୁଲାଇ ୨୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

# କାଠମାଣ୍ଡୁ ଢାବାରେ ବନ୍ଧୁକ ଦେଖାଇ ଭଙ୍ଗାରୁଜା ଓ ମାରପିଟ୍, ଦୁର୍ବୃତ୍ତ ଫେରାର






ବାରିପଦା, (ସବ୍ୟୁ) : ବାରିପଦା ସହରରେ ଆଇନ୍ ଶୃଙ୍ଖଳା ବିଗିଡିବାରେ ଲାଗିଛି। କଥା କଥା କେ ଗୁଳି ଫୁଟୁଛି । କେତେବେଳେ ମାରଣାସ୍ତ୍ର ବୁଲୁଛି । ଭଞ୍ଜପୁର ଥାନା ଅଧିନ ମୁର୍ଗାବାଡି ସ୍ଥିତ କାଠମାଣ୍ଡୁ ନାମକ ଢାବାରେ କିଛି ଦୃବୃର୍ତ୍ତ ଗଣ୍ଡଗୋଳ ଘଟାଇ ଆତଙ୍କରାଜ ସୃଷ୍ଟି କରିଛନ୍ତି। ବନ୍ଧୁକ ମୁନରେ ଭୟଭୀତ କରାଇ ଢାବା ମାଲିକ ଓ କର୍ମଚାରୀଙ୍କୁ ନିସ୍ଥୁକ ମାଡ ମାରିଛନ୍ତି।

ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ବୁଲେଟ୍-ଜିଟି ଗାଡିକୁ ଜବତ କରିଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କାଠମାଣ୍ଡୁ ନାମକ ଢାବାକୁ ୭ଜଣ ପାଖାପାଖି ଦୃବୃର୍ତ୍ତ ପଶିଥିଲେ। ମାଲିକ ସହିତ ଗଣ୍ଡଗୋଳ କରି ବନ୍ଧୁକ ମୁନରେ ଭୟଭୀତ କରାଇଥିଲେ। ଏଥିରେ ଢାବା କର୍ମଚାରୀ ମାନେ ବିରୋଧ କରିବାରୁ ସେମାନଙ୍କୁ ବନ୍ଧୁକ ଦେଖାଇ ମାଡ ମାରିଥିଲେ। କିଛି କର୍ମଚାରୀ ତୁରନ୍ତ ଭଞ୍ଜପୁର ଥାନାକୁ ଖବର ଦେଇଥିଲେ, ତେବେ ଘଟଣା ପ୍ରଘଟ ହେବାରୁ ସ୍ଥାନୀୟ ଲୋକେ ପହଞ୍ଚିବା କ୍ଷଣି ଦୃବୃର୍ତ୍ତମାନେ ଫେରାର ହୋଇଯାଇଥିଲେ। ତରବରରେ ଅପରାଧିଙ୍କ ଏକ ବୁଲେଟ୍ ଜିଟି ମଟର ସାଇକେଲ ଛାଡି ଯାଇଥିବାବେଳେ ସିସିଟିଭି ଫୁଟେଜ୍‌କୁ ନେଇ ଭଞ୍ଜପୁର ପୋଲିସ ତନାଘନା ଜାରି ରଖିଛି। ସିସିଟିଭି ଫୁଟେଜ୍‌ରୁ ଅପରାଧିଙ୍କ ପରିଚୟ ମିଳିପାରିଛି ।

କାଠମାଣ୍ଡୁ ଢାବା ମାଲିକ ଆଶିଷ ପ୍ରଧାନଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଢାବାରେ ଭଙ୍ଗାରୁଜା, ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ମାରପିଟ୍ କରିବା ଏବଂ ଢାବାରୁ ନଗଦ୍ ଟଙ୍କା ଲୁଟ୍ କରିଥିବାନେଇ ଭଞ୍ଜପୁର ଥାନାରେ ୩୧୩/୨୫ରେ ମାମଲା ରୁଜୁ ହୋଇଥିବାବେଳେ ଦୃବୃର୍ତ୍ତ ମାନେ ଫେରାର ହୋଇଯାଇଥିବା ଜଣାଯାଇଛି ।

# ମହୁମାଛି ଆକ୍ରମଣରେ ୭ ଆହତ, ଭୟରେ ଦଉଡ଼ିଲେ ଲୋକେ

ଭଞ୍ଜନଗର, (ସବ୍ୟୁ): ଆଜି ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ମହୁମାଛି ଆକ୍ରମଣରେ ୨ ଜଣ ଶିଶୁଙ୍କ ସମେତ ମୋଟ ୭ ଜଣ ଆହତ ହୋଇଛନ୍ତି । ମହୁମାଛି ଆକ୍ରମଣ ଭୟରେ ସଂପୃକ୍ତ ରାସ୍ତାରେ ଲୋକମାନେ ଇତସ୍ତତ ଭାବେ ଦଉଡୁଥିବା ଦେଖିବାକୁ ମିଳିଛି।

ଭଞ୍ଜନଗର ସହରର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଏଲ୍‌ଆଇସି ଅଫିସ କଡରେ ଥିବା ଏକ ମୋବାଇଲ ଦୋକାନରେ ଆଜି ସକାଳୁ ଦୀପାବଳୀ ଉପଲକ୍ଷେ ହୋମାଦି ପୂଜାକର୍ମ ଚାଲିଥିବା ବେଳେ ହୋମ ଧୂଆଁ ମହୁମାଛି ବସା ବାନ୍ଧିଥିବା ଏକ ଗଛ ଯାଏଁ ଯାଇଥିଲା। ଆଉ ଧୂଆଁ ବାଜିବା ପରେ ମହୁମାଛି ମାନେ ଗଛରୁ ବାହାରି ସଂପୃକ୍ତ ରାସ୍ତାରେ ଯାହାକୁ ପାଇଲେ ଗୋଡାଇ ଆକ୍ରମଣ କଲେ। ଗଛ ତଳେ ଥିବା ଏକ ପରିବା ଦୋକାନୀକୁ ଏମାନେ ପୁରା ଘାଇଲା କରିଥିବା ବେଳେ ସେ ଦୋକାନ ଛାଡି ଜୀବନ ବିକଳରେ ପ୍ରାୟ ୨୦୦ ମିଟର ରାସ୍ତା ଚିତ୍କାର କରି ଦଉଡିଥିବା ଦେଖିବାକୁ ମିଳିଛି। ଆହତ ୭ ଜଣ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଛନ୍ତି।

ମହୁମାଛି ଆକ୍ରମଣରେ ଆହତ ମାନେ ହେଲେ ଦେବାଶିଷ ମହାପାତ୍ର, ସୁଶ୍ରୀ ସୁଚିସ୍ମିତା, ଅନ୍ତର୍ଯ୍ୟାମୀ ପୋଲାଙ୍ଗ, ଅନୀଲ କୁମାର ପ୍ରଧାନ, ପ୍ରଭାକର ମିଶ୍ର, ରୁଦ୍ର ମଣି ଦାଶ(୧୨) ଓ ଦେବାଓଶ ମିଶ୍ର।

# ନିର୍ମାଣଧୀନ କୋଠାରେ ତାଲାମାରି ଠିକାଦାର ଛୁ'
# ଗୁହାଳ ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର




ଭଞ୍ଜନଗର, (ସବ୍ୟୁ): ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ କୋକଳବା ପଞ୍ଚାୟତର ଲଙ୍ଗଳଖୋଳା ଗାଁରେ ରହିଥିବା ଆଦର୍ଶ ଗାଈ ଗୁହାଳ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର। ନିଜସ୍ୱ ଘର ନଥିବାରୁ ୨୦୨୩/୨୪ ଆର୍ଥିକ ବର୍ଷରେ ଏଠାରେ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଲା । ସେହି ବର୍ଷ ହିଁ ନିର୍ମାଣ କାର୍ଯ୍ୟ ଶେଷ ହେଲା। ହେଲେ କାମ କରୁଥିବା ଠିକାଦାର, ନିର୍ମାଣଧୀନ ଘରେ ତାଲା ପକାଇ କୁଆଡେ ଚାଲିଯାଇଥିବାରୁ ଏବେ ତାହା କାମରେ ଆସିପାରୁନି । ଫଳରେ ପଞ୍ଚାୟତ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଗାଁରେ ଖାଲି ରହିଥିବା ଆଦର୍ଶ ଗାଈ ଗୁହାଳ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର। ଅନ୍ୟପକ୍ଷରେ ନିର୍ମାଣାଧୀନ ଅଙ୍ଗନୱାଡ଼ି କୋଠାରେ ଲତା-ବୁଦା ମାଡିଗଲାଣି । ଫଳ ସ୍ୱରୂପ, ଆଦର୍ଶ ଗାଈ ଗୁହାଳ ଏବେ ଏକମାତ୍ର ବିକଳ୍ପ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଆଜି ପର୍ଯ୍ୟନ୍ତ ଏହି ଘଟଣାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇନାହାନ୍ତି କେମିତି। ତଥାପି ଗତ ମାସରେ କୋକଳବା ପଞ୍ଚାୟତ ଠାରେ ପ୍ରଶାସନ ପକ୍ଷରୁ ହୋଇଥିବା ଜନ ଅଭିଯୋଗ ଶୁଣାଣୀରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଉଦୟ ଜାନୀ ପିଲାଙ୍କୁ ରାସ୍ତା କଡ଼ରେ ଥିବା ଗୁହାଳ ଘରେ ପାଠ ପଢାଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅଭିଭାବକ ପ୍ରମିଳା ନାୟକ ତଥା ଅନ୍ୟ ବୁଦ୍ଧିଜୀବୀ ମାନେ। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖିବାକୁ ବିଭାଗୀୟ ଅଧିକାରୀ ଗଣମାଧ୍ୟମର ଫୋନ୍ ମଧ୍ୟ ରିସିଭ୍ କରୁନାହାନ୍ତି ।

ତେବେ ସରକାରଙ୍କ ପକ୍ଷରୁ ହୋଇଥିବା ଯୋଜନା, ଅର୍ଥ ବ୍ୟୟ ଅଟକଳ ଏବଂ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେବା, ସବୁକିଛି ଠିକ୍ ଠାକ୍ । ହେଲେ ଏସବୁ ଭିତରେ କଣ, କେଉଁଠି କଣ ଏମିତି ତ୍ରୁଟି ରହିଗଲା ଯେ' ନୂତନ କୋଠାଘର ଗଲା ଦୁଇବର୍ଷ ଧରି କାମରେ ଆସିପାରୁନି। ଗୋଟିଏ ଆଦର୍ଶ ଗାଈ ଗୁହାଳ ଘରେ ଅଙ୍ଗନୱାଡ଼ି ପିଲାଙ୍କୁ ପାଠ ପଢ଼ାଇବା, କେତେଦୂର ଠିକ୍ ତାହା ସାଧାରଣରେ ପ୍ରଶ୍ନବାଚୀ ଠିଆ କରିଛି । ବିଭାଗୀୟ ଅଧିକାରୀଙ୍କ ପାଖରେ ଏ ସଂକ୍ରାନ୍ତରେ ଖବର ଅଛି, ନା' ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ।

## ବାଣ ଫୁଟାଇବା ବେଳେ ଅଘଟଣ, ଜଣେ ଗୁରୁତର

ବୁଗୁଡ଼ା, (ସବ୍ୟୁ): ବାଣ ଫୁଟାଇବା ଅଘଟଣରେ ବୁଗୁଡ଼ା ବ୍ଲକ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମର ଜନୈକ ବ୍ୟକ୍ତି ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଜଣକ ହେଲେ ବେଲପୁର ଗ୍ରାମର ପ୍ରଭାକର ସ୍ୱାଇଁ । ପ୍ରକାଶ ଯେ, ଦୀପାବଳି ରାତିରେ ବେଲପୁର ଗ୍ରାମରେ ବାଣ ଫୁଟା ଚାଲିଥିବା ବେଳେ ପ୍ରଭାକର ଛିଡା ହୋଇ ଦେଖୁଥିଲେ। ଏ ସମୟରେ ଏକ ବାଣ ଆସି ତାଙ୍କର ଅତି ନିକଟରେ ଫୁଟିଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ସହ ଅନ୍ୟ କେତେଜଣ ମଧ୍ୟ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।

ଲୋକେ ପ୍ରଭାକରଙ୍କୁ ଆହତ ଅବସ୍ଥାରେ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ନିଆଯାଇଥିଲା । ସେହିପରି ବୁଗୁଡ଼ା ଶକ୍ତିନଗର ସାହିର କୁନି ଝିଅଟିଏ ବାଣ ଫୁଟାଇବା ବେଳେ ଆହତ ହୋଇ ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି।

# ବେପରୁଆ ଗାଡି ଚାଳନା : ଜଣେ ମୃତ, ଦୁଇ ଗୁରୁତର

ଧରାକୋଟ, (ସବ୍ୟୁ): ଗୋଟିଏ କାରର ସିରିଜ ଦୁର୍ଘଟଣାରେ କାର ଚାଳକ ଓ କାରରେ ବସିଥିବା ବ୍ୟକ୍ତିଙ୍କୁ କାବୁ କରି ନର୍ଦ୍ଧମ ଛେଚିଲେ ଗ୍ରାମବାସୀ। କାରଟି ପ୍ରଥମେ ଧରାକୋଟ ଥାନା ଅନ୍ତର୍ଗତ ବରଡ଼ାବିଲି ଗ୍ରାମ ଜାତୀୟ ରାଜପଥ ୫୯ରେ ଗୋଟିଏ ବାଇକକୁ ଧକ୍କା ଦେଇ ଚମ୍ପଟ ମାରୁଥିବାବେଳେ ସେଠାରୁ କିଛି ଦୂର ପରେ ବରଡାବାଲି ଗ୍ରାମର କାଳୁ ଚରଣ ଗୌଡ ବୟସ ୭୦ଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ଦୁଇ ବାଇକ ଚାଳକ ଧରାକୋଟ ବ୍ଲକ ଅନ୍ତର୍ଗତ ସାବା ପଞ୍ଚାୟତର ମେଣ୍ଟି ବାଉଁଶ ଗ୍ରାମର ବଳରାମ ନାୟକ (୬୦) ଓ ଡମ୍ବୁରୁ ନାୟକ (୪୦) ଗୁରୁତର ହୋଇ ପଡ଼ିଥିଲେ। ପ୍ରକାଶଯୋଗ୍ୟଯେ ବଳରାମ ଓ ଡମ୍ବୁରୁ ନିଜ ଜମିର ଚାଷ କାର୍ଯ୍ୟ ପାଇଁ ବଳଦ କିଣିବା ପାଇଁ ସୋରଡ଼ା ଅଞ୍ଚଳକୁ ଯାଉଥିଲେ। ସେହିପରି ବରଡ଼ାବିଲି ଗ୍ରାମର କାଳୁ ଚରଣ ଗୌଡ଼ଙ୍କୁ ବି କାର ଟି ଧକ୍କା ଦେବାରୁ ସେ ବି ଗୁରୁତର ହୋଇଛନ୍ତି। ପରେ କାର ଟିକୁ ଗାଁ ଲୋକେ ପିଛା କରି ଥିଲେ । କାର ଟି ଦ୍ରୁତ ଗତିରେ ଯିବା ବେଳେ ସୋରଡ଼ା ଥାନା ଅନ୍ତର୍ଗତ ଲାଠି ପଡା ଗ୍ରାମ ନିକଟରେ ପୁଣି ଜଣେ ସାଇକେଲ ଆରୋହିଙ୍କୁ ଧକ୍କା ଦେଇଥିଲା।

ସେଠାରେ ଗାଁ ଲୋକେ କାରଟିକୁ ଅଟକାଇ ଡ୍ରାଇଭର ଓ ସହଯୋଗୀକୁ ନିର୍ଦ୍ଧୁମ ଛେଚିଲା ପରେ ସୋରଡ଼ା ପୋଲିସ ଜିମା ଦେଇଛନ୍ତି। ଅନ୍ୟ ପଟେ ବଳରାମ ନାୟକଙ୍କ ଧରାକୋଟ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ୧୦୮ ଆମ୍ବୁଲାନ୍ସ ଦୁଇ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଗୁରୁତର ଆହତ ଡମ୍ବୁରୁଙ୍କୁ ଦୁଇ ଘଣ୍ଟା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦୁର୍ଘଟଣା ସ୍ଥଳରେ ଧରାକୋଟ ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରିଥିବାବେଳେ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଧରାକୋଟ ପୁଲିସ ଜବତ କରିଛି । ଅନ୍ୟ ପଟେ କାର ଡ୍ରାଇଭର ଭୁବନେଶ୍ୱର ସୁନ୍ଦରପଦାର ଶ୍ରୀତମ ସାହୁ ଓ ଅନିଲ ପାହାଡ଼ ସିଂଙ୍କୁ ଦୁର୍ଘଟଣା ଘଟାଇଥିବା କାର ସହ ସୋରଡ଼ା ପୁଲିସ ଧରାକୋଟ ପୋଲିସକୁ ହସ୍ତାନ୍ତର କରିଛି । କାରକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଧରାକୋଟ ପୋଲିସ ଅଟକ ରଖିଛି ।

ଶନିବାର ଦିନ ଜାତୀୟ ରାଜପଥ ୫୯ ର ହନୁମାନ ଦ୍ୱାର ଓ ମୁଣ୍ଡମରାଇ ମଝି ରାସ୍ତାରେ ଜଣେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବନମାଳି ଗୌଡ ନିଜ ସ୍କୁଟିରେ ଜାନବିଲୀକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ବେପରୁଆ ଭାବରେ ବାଇକରେ ଆସୁଥିବା ତିନି ଜଣ ଆରୋହୀ ତାଙ୍କୁ ପଛପଟୁ ଧକ୍କା ଦେବା ଯୋଗୁଁ ଗୁରତର ହୋଇ ପଡ଼ିଥିବା ବନମାଳିଙ୍କର ମୃତ୍ୟୁ ଘଟିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ପ୍ରତିଦିନ ଜାତୀୟ ରାଜପଥ ୫୯ରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିଲେ ମଧ୍ୟ ବିଭାଗୀୟ ପଦାଧିକାରୀ କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି ।

# ବିଭିନ୍ନ ଖେଳରେ ଛାତ୍ରଛାତ୍ରୀଙ୍କ ଚାମ୍ପିଅନ ହାସଲ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଡି.ଏ.ଭି ପିଟିଏସଆର ପବ୍ଲିକ ସ୍କୁଲର ଭିନ୍ନ ଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଖେଳରେ ବିଜୟୀ ହୋଇ ଚମ୍ପିଆନ ହୋଇ ଜାତୀୟସ୍ତର ଖେଳକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଖେଳରେ ବିଭିନ୍ନ ଖେଳ ହୋଇଥିଲା। ଏଥିରେ ଓଡ଼ିଶାର ସମଗ୍ର ଡିଏଭି ସ୍କୁଲର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଭଞ୍ଜନଗର ଡିଏଭିର ଛାତ୍ରଛାତ୍ରୀ ଟାଇକୋଣ୍ଡ ଖେଳରେ କୃତି ହାସଲ କରି ଜାତୀୟସ୍ତରକୁ ଚୟନ ହୋଇଛନ୍ତି । ଏହା ଝାରସୁଗୁଡା ଡିଏଭି ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏଥି ମଧ୍ୟରୁ ଦୁଇ ଜଣ ଛାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଯୁକ୍ତ ଦୁଇ ପ୍ରଥମ ବର୍ଷ ର ଛାତ୍ର -ପ୍ରତ୍ୟୁଷ କୁମାର ପ୍ରଧାନ ଓ ଷଷ୍ଠ ଶ୍ରେଣୀର ଛାତ୍ର - କେ. ସୂର୍ଯ୍ୟପ୍ରକାଶ ରାଓ ଏବଂ ଛଅ (୬)ଜଣ ରୌପ୍ୟ ପଦକ ହାସଲ କରିଛନ୍ତି । ଦୁର୍ଗାପ୍ରସାଦ ପ୍ରଧାନ ଯୁକ୍ତ ଦୁଇ ଛାତ୍ର, ଆୟୁଷ ପଣ୍ଡା ଦଶମ ଛାତ୍ର, ସମୀର ପାତ୍ର(ଦଶମ), ରହିନୀ ପଣ୍ଡା(ଷଷ୍ଠ), ତ୍ରିୟାଂଶ ଶୁଭଦର୍ଶୀ (ପଞ୍ଚମ )ଓ ଆଦିତ୍ୟ କୁମାର ସାହୁ (ଅଷ୍ଟମ )ବିଜୟୀ ପ୍ରାପ୍ତ କରି ୨୦ତାରିଖ ଭଞ୍ଜନଗର ଠାରେ ପହଂଚି ଥିଲେ। ତତସହିତ ଜାତୀୟସ୍ତର ଖେଳିବାକୁ ଦିଲ୍ଲୀ ଯିବାକୁ ଚୟନ ହୋଇଛନ୍ତି । ଡିଏଭି ପିଟିଏସଆର ପବ୍ଲିକ ସ୍କୁଲର (ଟାଇକୋଣ୍ଡ) ଛାତ୍ର,ଛାତ୍ରୀ ଚମ୍ପିଆନ ଘୋଷିତ ହୋଇଛନ୍ତି।

# ଜାତୀୟସ୍ତରୀୟ ଧର୍ତି ଆବା ଜନଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ସଫଳତା

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଜନଜାତି ମନ୍ତ୍ରାଳୟ ତଥା ଡଃ ରାମଦୟାଲ ମୁଣ୍ଡା ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚି ଠାରେ ପ୍ରଥମ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି । ୩ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ଭାରତର ୧୫ଟି ରାଜ୍ୟରୁ ୧୪୨ଟି ଫିଲ୍ମ ପଞ୍ଜିକରଣ କରିଥିବାବେଳେ ୫୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚିତ୍ର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା । ସେଥିମଧ୍ୟରୁ ଓଡିଶାର ୪ଟି କ୍ଷୁଦ୍ର ଚଳଚିତ୍ର ମଧ୍ୟରୁ ରମେଶ ହେମ୍ବ୍ରମଙ୍କ 'ପୁଇସା ଦାରେ ୨ୟ ଏବଂ ଦୀପକ କୁମାର ବେଶ୍ରାଙ୍କ 'ପପାୟା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଓଡିଶା ପାଇଁ ସୁନାମ ଆଣିଛନ୍ତି । ତତ୍‌ସହିତ ଓଡିଶାର ଅନ୍ୟ ଦୁଇଟି ଫିଲ୍ମ ଶ୍ୟାମା ସୁନ୍ଦର ମାଝିଙ୍କ 'ବ୍ରେକିଙ୍ଗ ଦି ବାରିୟାର୍ସ ଓ ରାଜମୋହନ ସୋରେନଙ୍କ 'ହେଣ୍ଡେ ସୋନା ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଝାଡ଼ଖଣ୍ଡ ସରକାରଙ୍କ ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମର ଲିଣ୍ଡା, ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରାକେଶ ଓରାଓନ ତଥା ଫିଲ୍ମ ନିର୍ମାତା ମେଘନାଦ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଓଡିଶାର ଏହି ଫିଲ୍ମ ନିର୍ମାତା ମାନେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।

# ଜରା ନିବାସରେ ସବୁଜ ବାହିନୀ ପକ୍ଷରୁ ଦୀପାବଳି

ବ୍ରହ୍ମପୁର, (ସବ୍ୟୁ): ବାଣ ନୁହେଁ ହସ ଫୁଟାଇବା ମିଠା ଖୁଆଇ ଖୁସି ବାଣ୍ଟିବା ନାରା ଦେଇ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ ସ୍ଥିତ ଓମ ଜରା ନିବାସ ସେବାଶ୍ରମରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ସେବାଶ୍ରମରେ ରହୁଥିବା ବରିଷ୍ଠ ନାଗରିକ ସେମାନଙ୍କ ପରିବାର ସହିତ ଦୀପାବଳି ପାଳନ କରିବାରେ ବଞ୍ଚିତ ରହୁଥିବାରୁ ଏହି କମି ଦୂର କରିବା ପାଇଁ ଏଭଳି ପ୍ରୟାସ କରିଥିଲେ। ସଙ୍ଗଠନର ସଦସ୍ୟ ସେବାଶ୍ରମରେ ରହୁଥିବା ବୃଦ୍ଧ ବୃଦ୍ଧାଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ, ପିଠାପଣା, ନୂତନ ବସ୍ତ୍ର ସହ ଭଜନ ସମାରୋହ ଓ ନାମ ଜପର ଆୟୋଜନ କରିଥିଲେ। ଦୀପାବଳିରେ ଏଭଳି କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ବିଗତ ପାଞ୍ଚ ବର୍ଷ ଧରି ବିଭିନ୍ନ ସେବାଶ୍ରମରେ ଆୟୋଜନ କରାଯାଇଆସୁଛି। ବ୍ରହ୍ମପୁର ସବୁଜ ବାହିନୀର ଏହି ମହତ ଉଦ୍ଦେଶ୍ୟକୁ ବ୍ରହ୍ମପୁରର ବିଭିନ୍ନ ସଙ୍ଗଠନ ସହ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସହଯୋଗ କରିଛନ୍ତି । ତେବେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଦିଗରେ ଦୀପାବଳୀରେ ବାଣ ଫୁଟାଇବା ଦ୍ୱାରା ବାୟୁର ଗୁଣବତ୍ତା ଖରାପ ହେବା ଯୋଗୁଁ ଜନସାଧାରଣଙ୍କୁ ଶ୍ୱାସରୋଗ, ଚର୍ମରୋଗ, ହୃଦରୋଗ ହେବା ସହ ପରିବେଶରେ ରହୁଥିବା ଅନେକ ନିରୀହ ଜୀବଜନ୍ତୁଙ୍କ ଜୀବନହାନୀ ହେଉଛି ବୋଲି ସଙ୍ଗଠନର ଉପ ସଭାପତି ଏ ପ୍ରକାଶ ମତବ୍ୟକ୍ତ କରିଛନ୍ତି। ସେହିଭଳି ସେବାଶ୍ରମର ପରିଚାଳନା ଦାୟିତ୍ୱରେ ଥିବା ମିନତୀ ରାଓଙ୍କ କହିବା ଅନୁଯାୟୀ ବାଣ ନଫୁଟାଇ ଏଭଳି ଆୟୋଜନ କରାଯାଇଥିବାରୁ ଆଶ୍ରମର ରହୁଥିବା ମଉସା ମାଉସୀ ଖୁସୀ ଅନୁଭବ କରିଛନ୍ତି। ଏହି ଉତ୍ସବରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିଲେ।

# ସୌର ବିପ୍ଳବରେ ସାମିଲ ହେଲା ଭାଟକୁମରଡ଼ା ଗାଁ



ବ୍ରହ୍ମପୁର, (ସବ୍ୟୁ): ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇବା ଏବଂ ଗ୍ରାମୀଣ ଉପଭୋକ୍ତାଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ନିଆଯାଇଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନାର ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ ଅଧୀନରେ ସୌର ଶକ୍ତିକୁ ଆପଣେଇବା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ଟିପିଏସ୍‌ଓଡିଏଲ୍ । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଶକ୍ତିକୁ ସହଜ ଓ ସୁଲଭ ମୂଲ୍ୟରେ ସଭିଙ୍କ ପାଖରେ ତଥା ଗ୍ରାମୀଣ ଉପଭୋକ୍ତାଙ୍କ ପାଖରେ ପହଞ୍ଚାଇବା ସହିତ ଗୁଣାତ୍ମକ ସୌର ପ୍ୟାନେଲ ସ୍ଥାପନ, ସୁରକ୍ଷା ଓ ଏକ ସ୍ଥାୟୀ ଏବଂ ଦୀର୍ଘମିଆଦୀ ବିକାଶକୁ ସୁନିଶ୍ଚିତ କରିବା। ୟୁଏଲ୍‌ଏ ମଡେଲ ଯୋଜନା ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଏକ ସଂଯୋଗ ହିସାବରେ କାର୍ଯ୍ୟ କରୁଛି ଯିଏ ଗ୍ରାହକମାନଙ୍କର ଚାହିଦାକୁ ଏକତ୍ରିତ କରିବା, ବୈଷୟିକ ପରିଚାଳନା ଏବଂ ଦକ୍ଷିଣ ଓଡ଼ିଶାର ଗାଁ'ଗୁଡ଼ିକରେ ନିରବଚ୍ଛିନ୍ନ ଭାବରେ ସୌର ପ୍ୟାନେଲ ସ୍ଥାପନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ଏହି କ୍ରମରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଇଲେକ୍ଟ୍ରିକାଲ ଡିଭିଜନ ଅଧୀନସ୍ଥ ଭାଟକୁମରଡ଼ା ଗ୍ରାମପଞ୍ଚାୟତ, ଭାଟକୁମରଡ଼ା ଗାଁର ଶ୍ରୀ ପ୍ରଭାକର ବେହେରାଙ୍କ ଘରେ ୧କିଲୋୱାଟ୍ କ୍ଷମତା ବିଶିଷ୍ଟ ରୁଫ୍ ଟପ୍ ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସୌର ପ୍ୟାନେଲ ସ୍ଥାପନ ପୂରା ଗାଁ ପାଇଁ ଏକ ବିଶେଷ ସଫଳତା ଅଟେ, ଯେଉଁଠି ସୌର ଶକ୍ତିକୁ ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଉଛି। ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନାର ୟୁଏଲ୍‌ଏ ମଡେଲ ଅଧୀନରେ ଭାଟକୁମରଡ଼ା ଗାଁର ପ୍ରାୟ ୨୨ଜଣ ଉପଭୋକ୍ତା, ପ୍ରତ୍ୟେକେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ପାଇଁ ୮,୭୪୭ଟଙ୍କା ଜମା କରିସାରିଛନ୍ତି। ତହିଁରୁ ୧୮ଜଣ ଉପଭୋକ୍ତାଙ୍କ ଘର ଛାତ ଉପରେ ଏକ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ସଫଳତାର ସହ ହୋଇ ସାରିଛି । ଏଥିସହିତ ବଳକା ଥିବା ସ୍ଥାପନ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ। ଏହି ସମସ୍ତ ପ୍ରକ୍ରିୟା ତଥା ସମସ୍ତ ସୌର ପ୍ୟାନେଲ ସ୍ଥାପନ ହୋଇ କାର୍ଯ୍ୟକ୍ଷମ ହେଲେ ସମ୍ପୂର୍ଣ୍ଣ ଗାଁ ଏକ ରୂପାନ୍ତରଣର ସାକ୍ଷୀ ହେବ। ଯେଉଁଠାରେ ପୂରା ଗାଁର ବିଜୁଳି ଗ୍ରୀଡ୍ ଉପରେ ନିର୍ଭରତା ହ୍ରାସ ପାଇବ, ବିଜୁଳି ବିଲ୍ କମ୍ ହେବା ସହିତ ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଭାଗିଦାରୀ ହୋଇପାରିବ ଗ୍ରାମୀଣ ଉପଭୋକ୍ତାଙ୍କ ପାଇଁ ୟୁଏଲ୍‌ଏ ମଡେଲ ବିଶେଷ ଭାବରେ ସହାୟକ ହେବ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ
# ବିନ୍ଦୁ ଓ ବିସ୍ତୃତି' ଶୀର୍ଷକ ଜାତୀୟ ପାଠଚକ୍ର

ବ୍ରହ୍ମପୁର, (ସବ୍ୟୁ) : ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ 'ସ୍ୱାଧୀନତୋତ୍ତର ଓଡ଼ିଆ କଥା ସାହିତ୍ୟ : ବିନ୍ଦୁ ଓ ବିସ୍ତୃତି' ଶୀର୍ଷକ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ କଥା ସାହିତ୍ୟର ଡ ଅଲେଖ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷା ଡ ପ୍ରମିଳା ଖାଡ଼ଙ୍ଗା ପୌରୋହିତ୍ୟ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ କୁଳମଣି ଓଝାଙ୍କ ସଂଚାଳନା କରିଥିଲେ।

ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି, ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଡ. ଶରତ କୁମାର ଜେନା, କବି ଓ କଥାଶିଳ୍ପୀ ମନୋରଞ୍ଜନ ପାଣିଗ୍ରାହୀ, କବି ସୁଶାନ୍ତ ଦାସ ଓ ଡ. ଆନନ୍ଦ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସର ଧାରା ଓ ଦିଗ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ପ୍ରଫେସର ଡ. ସଦାନନ୍ଦ ନାୟକ, ଡ. ଉଷାରାଣୀ ରଥ, ଡ. ଅଜୟ କୁମାର ତ୍ରିପାଠୀ, ଡ. ସମୀର ଭୋଇ, ଡ ବିଦ୍ୟୁତ ପ୍ରଭା ସାହୁ, ଡ ବିଭୂତି ଭୂଷଣ ଆଚାର୍ଯ୍ୟ, ଡ. ରବୀନ୍ଦ୍ର କୁମାର ପଣ୍ଡା, ଡ. ତପନ କୁମାର ଜେନା, ଡ. ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ସୁଶାନ୍ତ କୁମାର ପରିଡ଼ା ଏହି ଅଧିବେଶନର ବିବରଣୀ ଲିପିବଦ୍ଧ କରିଥିବାବେଳେ ଡ. ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରିଜର୍ଭ ପଡ଼ିଆରେ ୬୬ତମ ପୋଲିସ ଶହୀଦ ଦିବସ



ବ୍ରହ୍ମପୁର, (ସବ୍ୟୁ): ଆମ୍ବପୁଆ ସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ମଙ୍ଗଳବାର ୬୬ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆଇଜି ନୀତି ଶେଖର ଯୋଗଦେଇ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ସେଠାରେ ସେ ଶହୀଦଙ୍କ ସ୍ମୃତିଚାରଣ କରି ସେମାନଙ୍କ ନାମ ପଠନ କରିଥିଲେ। କର୍ତ୍ତବ୍ୟରତ ପୋଲିସ ମାନେ ନିଜ ମାତୃଭୂମିର ରକ୍ଷା କରିବାକୁ ଯାଇ ସେମାନେ ଜୀବନକୁ ବଳିଦାନ ଦେଇଛନ୍ତି। ୨୦୨୪ ସେପ୍ଟେମ୍ବର ୧ ତାରିଖରୁ ୨୦୨୫ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଭାରତରେ ୧୯୧ ଜଣ ପୋଲିସ କର୍ମଚାରୀ ଶହୀଦ ହୋଇଥିବା ବେଳେ ରାଜ୍ୟରେ ଦୁଇ ଜଣ ଶହୀଦ ହୋଇଛନ୍ତି ବୋଲି ସେ କହିଛନ୍ତି। ସେମାନଙ୍କ ଏହି ବଳିଦାନ ବୃଥା ହେବ ନାହିଁ ବୋଲି ଆଇଜି କହିଛନ୍ତି। ଏହା ପରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ପୋଲିସ ଅଧିକାରୀମାନେ ଜନସାଧାରଣଙ୍କ ନିକଟତର ହୋଇ ସେବା ପ୍ରଦାନ କରିବାକୁ ହେବ । ଏହା ସହିତ ପୋଲିସ ନିଜର କର୍ତ୍ତବ୍ୟ ଓ ଦାଇତ୍ୱ ନିଷ୍ଠାର ସହ କରିବାକୁ ଏସପି ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍ପି କୈଳାଶ ଚନ୍ଦ୍ର ବୁରୁଦା, ଆଲୋକ ଜେନା, ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡ଼ିଏସପି, ସମସ୍ତ ଏସଡ଼ିପିଓ ପୋଲିସ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନ ଏବଂ ଜିଲାର ଥାନା ଅଧିକାରୀ ଗଣ ସମେତ ହାବିଲଦାର ଓ କନେଷ୍ଟେବଲ ସଂଘର ସଭାପତି , ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ ।

# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

ଧରାକୋଟ, (ସବ୍ୟୁ): କାର୍ତ୍ତିକ ମାସରେ ଶାକାହାରୀ ଲୋକଙ୍କ ସଂଖ୍ୟା ଅଧିକ। ପୁଣ୍ୟ ଓ ଧର୍ମର ମାସ ହେତୁ ଏହି ମାସରେ ଅଧିକାଂଶ ଲୋକ ଆମିଷ ଖାଆନ୍ତି ନାହିଁ। ଏଣୁ ଏହି ମାସରେ ପନି ପରିବାରର ଚାହିଦା ଅଧିକ ଯୋଗୁଁ ଦର ପ୍ରାୟତଃ ବଢି ଯାଇଥାଏ। ସଂପ୍ରତି ଧରାକୋଟ ଅଞ୍ଚଳରେ ପରିବାଦର ଆସାତିତ ଭାବରେ ବଢି ଚାଲିଥିବାରୁ ଖାଉଟି ମାନଙ୍କ ଚିନ୍ତା ବଢି ଯାଇଛି। ଏହାର ପ୍ରଭାବ ହାଣ୍ଡିଶାଳରେ ଦେଖିବାକୁ ମିଳିଛି। ବିଶେସତଃ ମୁଣ୍ଡମରାଇ, ଧରାକୋଟ, ଦସମାଇଲି, ମାଣିକପୁର, ପୁଟୁ, ଯାହାଡ଼ା, ସିଙ୍ଗିପୁର, ଚାରିଛକ, କାନଗିରିଡି, କୁସପଡା, ସରଧାପୁର, ଓଳମ୍ବା, ପୋଡ଼ାପଲି, ସିନ୍ଦୂରାପଲି, ବେଠୁଆର,ସୁନାପଲି ଗାଁରେ ଅଧିକ ପରିମାଣରେ ପନି ପରିବା ଚାଷ କରାଯାଏ । ସଂପ୍ରତି ଏହି ସବୁ ଗାଁରୁ ପ୍ରତିଦିନ ଆଦାୟ ହେଉଥିବା ପରିବା ବ୍ରହ୍ମପୁର, ହିଞ୍ଜିଳି, ଆସିକା, ସୋରଡା, ଦାରିଂବାଡ଼ି, କବିସୂର୍ଯ୍ୟନଗର ଅଞ୍ଚଳର ବେପାରୀ ସକାଳୁ ସକାଳୁ କିଣି ନିଅନ୍ତି। ଏଣୁ ଲୋକାଲ ଅଞ୍ଚଳରେ ପରିବା ଆବଶ୍ୟକତା ଅନୁଯାୟୀ ମିଳିପାରିନାହିଁ। ଫଳରେ ବର୍ତ୍ତମାନ ବିନ କିଲୋ ୧୨୦, ଦେଶୀ କାଙ୍କଡ଼ ୧୪୦, ବଡ଼କାଙ୍କଡ଼ ୮୦, ପୋଟଳ ୮୦, କଲରା ୬୦, ସାରୁ ୫୦, ଭେଣ୍ଡି ୬୦, ବାଇଗଣ ୬୦, କଖାରୁ ୪୦, କୁହୁରି ୪୦, ଝୁଲଣ ୬୦, ଦେଶୀଆଳୁ ୬୦, କଞ୍ଚାକଦଳୀ ୮୦, ସଜନା ୧୦୦, ଟମାଟ ୪୦ , କନ୍ଦମୂଳ ୬୦ ଟଙ୍କାରେ ବଜାରରେ ବିକ୍ରୀ ହେଉଛି।



ଏପରିକି ଖୋଷଡ଼ା ଓ ସଜନା ଶାଗ ବିଡ଼ା ୨୦ ଟଙ୍କାରେ ପହଂଚିଛି। ଏଣୁ ଖାଉଟି ମାନେ ଖୁବକମ ପରିମାଣର ପରିବା ଘରକୁ ନେଉଛନ୍ତି । କିନ୍ତୁ ଆଳୁ ଓ ପିଆଜଦର ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତିରେ ଅଛନ୍ତି । ଚଳିତବର୍ଷ ବର୍ଷାର ପରିମାଣ ଅଧିକ ଥିବାରୁ ପନି ପରିବା ଚାଷ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ଧରାକୋଟ ଅଞ୍ଚଳରୁ ବାହାରକୁ ପରିବା ଚାଲି ଯାଉଥିବାରୁ ଏଠାରେ ପରିବାର କୃତ୍ରିମ ଅଭାବ ଦେଖା ଦେଇଛି । ଏଣୁ ଏହା ପରିବା ବେପାରୀଙ୍କ ପାଇଁ ପୁଷମାସ ଭଳି ହୋଇଛି। ଦର ଆକାଶଛୁଆଁ ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ କେହି ନାହିଁ। ଯାହାର ପ୍ରଭାବ ସିଧା ଖାଉଟିଙ୍କ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି।

# ସାଇବର ସୁରକ୍ଷା ନେଇ ଜନସାଧାରଣ ସଚେତନ ହୁଅନ୍ତୁ: ଜିଲ୍ଲାପାଳ

ରାୟଗଡା,(ସବ୍ୟୁ): ରାୟଗଡା ଠାରେ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଆନୁକୂଲ୍ୟରେ ସାଇବର ସୁରକ୍ଷା ଅଭିଯାନ ଓଡିଶା-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାୟଗଡ଼ା ଜିଲ୍ଲା ଓଡିଶା ପୁଲିସ ପ୍ରଶାସନ ଦ୍ୱାରା ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଓଡିଶା ଉଦଘାଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଏସପି ସ୍ୱାଥୀ ଏସ.କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାୟଗଡା ନଗରପାଳ ପି.ମହେଶ ପଟ୍ଟନାୟକ,ଅତିରିକ୍ତ ଏଏସପି ସ୍ୱସ୍ତିକ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଡିଜିଟାଲ ଯୁଗରେ ସାଇବର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତାରେ ପଡିଥିବା ବେଳେ କେବଳ ସଚେତନତା ହିଁ ଏହାର ମୂଳ ଅସ୍ତ୍ର ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସେହିପରି ସ୍ୱାଗତ ଭାଷଣ ଦେଇ ଏଏସପି ଶ୍ରୀ ପଣ୍ଡା ବର୍ତମାନର ସାଇବର ଠକେଇ ମଧ୍ୟରେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ ଏପରି ଅନେକ ଅଫର ଠକେଇରେ ବିଭିନ୍ନ ପ୍ରଲୋଭନ ଦେଖାଇ ନିରୀହ ଜନସାଧାରଣଙ୍କୁ ସାଇବର ଠକାମୀର ଶୀକାର କରୁଛନ୍ତି । ତେଣୁ ପ୍ରତିଦିନ ସାଇବର ସୁରକ୍ଷା ପାଇଁ ମୋବାଇଲ ବ୍ୟବହାରକାରୀମାନେ ସତର୍କ ରହିବା ଏବଂ କ୍ଲିକ୍ କରିବା ପୂର୍ବରୁ ଥରେ ଚିନ୍ତା କରିବା, ଓଟିପି, ପିନ୍, କିମ୍ବା ବ୍ୟାଙ୍କ ପାସୱାର୍ଡ କେବେ କାହାକୁ ସେୟାର ନ କରିବା, ନିଜ ଡିଭାଇସକୁ ସୁରକ୍ଷିତ ରଖିବା, ସୁରକ୍ଷିତ ବ୍ୟାଙ୍କିଙ୍ଗ ଅଭ୍ୟାସ କରିବା, ସୋସିଆଲ ମିଡିଆରେ ସତର୍କତା ରହିବା, କଲ ଏବଂ ମେସେଜ ଉପରେ ସଚେତନ ହେବା, ସୁରକ୍ଷିତ ଅନଲାଇନ ସର୍ଫ କରିବା, ବିଶ୍ୱାସ କରିବା ପୂର୍ବରୁ ଯାଂଚ କରିବା ଏବଂ କେଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଆର୍ଥିକ କ୍ଷତି ହେଲେ ପ୍ରଥମ ଏକ ଘଂଟା ମଧ୍ୟରେ ଜାତୀୟ ସାଇବର କ୍ରାଇମ ହେଲ୍ପଲାଇନ-୧୯୩୦ରେ ତୁରନ୍ତ ରିପୋର୍ଟ କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ ।

ସେହିପରି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଡିଜିଟାଲ ପ୍ଲାଟଫର୍ମକୁ ବହୁଳ ଭାବେ ବ୍ୟବହାର କରୁଥିବା ଯୁବପିଢୀ ସଚେତନ ହେବା ବହୁତ ଜରୁରୀ ବୋଲି କହିଥିବା ବେଳେ ବିଶେଷ କରି ମହିଳାମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି କହିବା ସହ ପୁଲିସ ପ୍ରଶାସନର ଏହି ଅଭିଯାନରେ ସାମିଲ ହୋଇ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଏସପି ସ୍ୱାତି ଏସ କୁମାର ଅଭିଯାନ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତମାନ ଆୟୋଜନ କରାଯାଇଥିବା ଏବଂ ଜିଲ୍ଲାବାସୀଙ୍କୁ ସଚେତନକରିବା ପାଇଁ ସାଇବର ସୁରକ୍ଷା ସଚେତନତା ରଥର ପରିଭ୍ରମଣ ସୂଚୀ ବିଷୟରେ ଆଲୋକପାତ କରାଇଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, କଲେଜ ଛାତ୍ରଛାତ୍ରୀ, ସମାଜସେବୀ, ବିଭିନ୍ନ ସଂଗଠନ ସଦସ୍ୟସଦସ୍ୟା, ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀ, ବିଭିନ୍ନ ଥାନା ଅଧିକାରୀ ଏବଂ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୋଲିସ ଅଧିକାରୀଙ୍କୁ ମାଡ ମାରି ଲୁଟ ଉଦ୍ୟମ, ୮ ଗିରଫ

ବୌଦ୍ଧ,(ସବ୍ୟୁ): ପୋଲିସ ଅଧିକାରୀଙ୍କୁ ମାଡ ମାରିବା ଅଭିଯୋଗରେ ବୌଦ୍ଧ ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ ବୌଦ୍ଧ ଏସପି କାର୍ଯ୍ୟାଳୟରେ ଡିଭିଏଫ ଇନଚାର୍ଜ ଭାବରେ କାର୍ଯ୍ୟରତ ସବଇନିସପେକଫର ସିଦ୍ଧେଶ୍ୱର ଖାଡିଆ ଗତ ୧୭ ତାରିଖ ଡ୍ୟୁଟି ସାରି ରାତି ୧ଘଣ୍ଟା ସମୟରେ ଘରକୁ ଫେରୁଥିବା ସମୟରେ ବୌଦ୍ଧ ସହରର ମର୍ଜାକୁଦ ବିଜ୍ର ଛକଠାରେ ୭ ରୁ ୮ ଜଣ ଯୁବକ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଅତର୍କିତ ଭାବରେ ତାଙ୍କୁ ଆକ୍ରମଣ କରିଥିଲେ । ଶ୍ରୀଖାଡିଆଙ୍କୁ ଯୁବକମାନେ ମାଡ ମାରି କ୍ଷତ ବିକ୍ଷତ କରିବା ସହିତ ତାଙ୍କଠାରୁ ମୋବାଇଲ ଓ ୨ ହଜାର ଟଙ୍କା ଛଡାଇ ନେଇଥିଲେ । ଏଥିସହିତ ଯୁବକଙ୍କ ମାଡରେ ଗୁରୁତର ଆହତ ହୋଇଥିବା ସବଇନିସପେକଫର ଖାଡିଆଙ୍କୁ ମହାନଦୀ ବ୍ରିଜ ଉପରୁ ତଳକୁ ପକାଇ ମାରିବାକୁ ଉଦ୍ୟମ କରୁଥିବାବେଳେ ସେ ବୌଦ୍ଧ ଏସପି ଅଫିସରେ କାମ କରୁଥିବା କହିବା ପରେ ଯୁବକମାନେ ତାଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ । ଏନେଇ ଶ୍ରୀ ଖାଡିଆ ବୌଦ୍ଧ ଥାନାରେ ଅଭିଯୋଗ କରିବା ପରେ ବୌଦ୍ଧ ପୋଲିସ ଏକ ମାମଲା ରୁଜୁ କରି ଘଟଣାକୁ ଗମ୍ଭିରତାର ନେଇଥିଲା। ଏହି ଘଟଣାରେ ପୋଲିସ ୮ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ କାଳେଶ୍ୱରର ଚନ୍ଦନ ନାଏକ ( ୨୫), ପଳାସର ତ୍ରିଜିତ କୁମାର ନାଏକ ( ୨୪)ବୌଦ୍ଧ ମୁସଲିମ ସାହିର ସାହିଲ ବେଜ ( ୨୦) ବୌଦ୍ଧ ଖଦାଳ ସାହିର ଦିପକ ମିଶ୍ର ( ୨୦) ବୌଦ୍ଧ ବ୍ରିଜ ଛକର ରଂଜନ ମେହେର (୨୧) ବୌଦ୍ଧ ଖଲିଆବଗିଚାର ସବ୍ୟସାଚୀ ସେଠି ( ୧୯) ବୌଦ୍ଧ ଖଦାଳସାହିର ରାଜିବ ନାଏକ ( ୨୧) ଓ ବୌଦ୍ଧ ବାବୁସାହିର ଶ୍ରବଣ ସାମନ୍ତ(୨୧) ଗିରଫ କରିଛି। ଏନେଇ ବୌଦ୍ଧ ଥାନା ଅଧିକାରୀ ନଳିନୀ କାନ୍ତ ଦାସଙ୍କୁ ପଚାରିବାରୁ ୮ ଜଣ ଯୁବକଙ୍କୁ ଗିରଫ କରାଯାଇ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଥିଲେ ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଆଦିବାସୀ ମହାସଂଘ ଜୟପାଟଣା ବ୍ଲକ ସଭାପତି ମନୋଜ କୁମାର ପାତ୍ରଙ୍କ ମାଆ ପ୍ରମିଳା ଦେବୀଙ୍କ ସୋମବାର ପୂର୍ବାହ୍ନରେ ନିଜ ବାନେର ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପାତ୍ର ଜଣେ ଧର୍ମ ପରାୟଣା ମହିଳା ଭାବରେ ନିଜର ପରିଚୟ ରଖିବା ସହିତ ଆଦିବାସୀ ମହିଳାମାନଙ୍କୁ ଧର୍ମ ଓ ସଂସ୍କୃତିକୁ ଜାଗ୍ରତ କରିବା ପାଇଁ ବିଶେଷ ଭୂମିକା ନେଇଥିଲେ । ମୃତ୍ୟୁ ଖବର ପ୍ରକାଶିତ ହେବାପରେ ଶତାଧିକ ଆତ୍ମୀୟ ସ୍ୱଜନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ । ପୁଅ ମନୋଜ କୁମାର ମୁଖାଗ୍ନି ଦେଇଥିଲେ ।

# ଦୀପାବଳିରେ ସମାଜକୁ ଭାଇଚାରା ସନ୍ଦେଶ

ଝାରସୁଗୁଡା,(ସବ୍ୟୁ): ଅଗ୍ରଣୀ ସାମାଜିକ ସଂସ୍ଥାୟଙ୍ଗ ଷ୍ଟାର ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁରୋମାଲ ବୁଡ଼ାପଡା ଠାରେ ଥିବା ଝାଡେଶ୍ୱରୀ ସ୍ୱତନ୍ତ୍ର ଦୃଷ୍ଟି ବାଧିତ, ମୁକ ବଧିର,ମାନସିକ ଅନଗ୍ରସର ବିଦ୍ୟାଳୟରେ ସାମୁହିକ ଦୀପାବଳୀ ମହୋତ୍ସବ ପାଳିତ ହୋଇଥିବା ବେଳେ ଦିବ୍ୟାଙ୍ଗ ସେବା ଜଗନ୍ନାଥ ସେବା ସେବା ନିମିତ୍ତ ଏହି ଦୀପାବଳୀର ନାମକରଣ କରାଯାଇ ଦିଲ ଦିବ୍ୟାଙ୍ଗ ଓର ଦିବାଲି ରଖା ଯାଇଛି । ଏବଂ ଉତ୍ସବ ଦୀର୍ଘ ୧୪ ବର୍ଷ ହେଲାୟଙ୍ଗ ଷ୍ଟାର ଟ୍ରଷ୍ଟର ସଭାପତି ଇଂ ଅରବିନ୍ଦ ବାରିକଙ୍କ ନେତୃତ୍ୱରେ ଦିବ୍ୟାଙ୍ଗ ପିଲାଙ୍କ ମୁହଁରେ ହସ ଫୁଟାଇ ଆସୁଛନ୍ତି । କାର୍ଯ୍ୟକ୍ରମକୁ ଧୁମଧାମରେ ପାଳନ କାରାଯାଇ ଥାଏ । ଚଳିତ ବର୍ଷ ବିଭିନ୍ନ ସଂପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ଦିବ୍ୟାଙ୍ଗ ସ୍କୁଲକୁ ନିମନ୍ତ୍ରଣ କରିଥିଲେ । ଅତିଥୀ ମାନଙ୍କ ମଧ୍ୟରେ ହିନ୍ଦୁ ସମ୍ପ୍ରଦାୟରୁ ଆଚାର୍ଯ୍ୟ ଦୀପେଶ ପାଣ୍ଡେ , ଝାରସୁଗୁଡା ମୁସଲିମ ସମ୍ପ୍ରଦାୟରୁ ସିଦ୍ଧିକୁଇଲ ହକ, ଶିଖ ସମ୍ପ୍ରଦାୟରୁ ସତପାଲ ସିଂ, ଖ୍ରୀଷ୍ଟିଆନ ସମ୍ପ୍ରଦାୟରୁ ସିଷ୍ଟର ଲିଲି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ।

୬ ଜଣ ପଣ୍ଡିତଙ୍କ ସାମୁହିକ ମନ୍ତ୍ରପାଠ ଓ ଦୀପାବଳିର ମହତ୍ୱ ବୁଝାଇବା ବିଶେଷ ଭାବେ ସମସ୍ତଙ୍କୁ ପ୍ରଭାବିତ କରିଥିଲା । ଉତ୍ସବକୁ ଇଂ ଅରବିନ୍ଦ ବାରିକ ପରିଚଳନା କରିଥିବା ବେଳେ ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଉପସ୍ଥିତ ବିଶେଷ ଅତିଥି ମାନେ ନିଜର ବକ୍ତବ୍ୟରେ ମାଧ୍ୟମରେୟଙ୍ଗ ଷ୍ଟାର୍ସ ଚେରିଟେବୁଲ ଟ୍ରଷ୍ଟର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପସଭାପତି ବିଜୟ ସାହିଗଲ,ଡାଇରେକକଫର ଦୟାସାଗର ପ୍ରଧାନ, ପ୍ରଶାନ୍ତ ଭଇଁଶା, ମନୋଜ ପଣ୍ଡା ,ରାଜ ଦାସ ,ରାଜା ଦାସ ,ବସନ୍ତ ରୋହିଦାସ,ରାଜା ମହାରଣା, ବିଷ୍ଣୁ ଗୋପାଳ ପଣ୍ଡା ,ସନ୍ତୋଷ ଦାସ,ରାକେଶ ଦେହୁରୀ ପ୍ରମୂଖ ଭାଗନେଇ ଦିବ୍ୟାଙ୍ଗ ପିଲାଙ୍କ ସହ ଫୁଲଝଡ଼ି,ଝିର ଝିରି, କୁଫି,ଚକ୍ରି ବାଣ ପ୍ରଭୁତି ଲଗାଇ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିଲେ । ବିଦ୍ୟାଳୟ ପକ୍ଷରୁ ଗୁଣନିଧି ଭାଇଁସା, ପୁଷ୍ପିତା ମହାକୁର, ସାଇ ନିହାରିକା ମିଶ୍ର, ସୀତାରାମ ସଲମା, ସୁଲୋଚନା ସାହୁ ପ୍ରମୁଖ ସହଯୋଗ କରି ଥିଲେ । ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗ ପିଲା କର୍ମଚାରୀ ଓ ଅତିଥି ମାନଙ୍କୁ ବିଶେଷ ଭାବେ ଗୁପଚୁପ ପରିବେଷଣ କରାଯାଇଥିବା ବେଳେ ପିଲା ମାନେ ଖୁସି ଥିବାର ନଜିର ରହିଥିଲା ।

# ନୂଆପଡ଼ା ଉପନିର୍ବାଚନ : ତଦାରଖ କଲେ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

ନୂଆପଡା,(ସବ୍ୟୁ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ଓ ନିରପେକ୍ଷ ଭାବରେ ପରିଚାଳିତ କରିବା ସହିତ ସମଗ୍ର ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ଭାରତ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନୂଆପଡାରେ ପହଞ୍ଚିଛନ୍ତି । ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଭାବରେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ପ୍ରକାଶ ବିନ୍ଦୁ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିସାବରେ ଅତୁଲ୍ ପାଣ୍ଡେ, ଭାରତିୟ ରାଜସ୍ୱ ସେବା, ଏବଂ ପୋଲିସ୍ ପର୍ଯ୍ୟବେକ୍ଷକ ହିସାବରେ ବି ଶଙ୍କର୍ ଜଇସ୍ୱାଲ୍ , ଭାରତୀୟ ପୋଲିସ୍ ସେବା ନୂଆପଡାରେ ନିଜନିଜ ଦାୟିତ୍ୱରେ ଯୋଗ ଦେଇଛନ୍ତି । ଜିଲ୍ଲାପାଳ ମଧୁସୂଦନ ଦାଶ ପର୍ଯ୍ୟବେକ୍ଷକ ମାନଙ୍କୁ ଜିଲ୍ଲାରେ ସ୍ୱାଗତ କରି ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ବିନ୍ଦୁ ଉପ ଜିଲ୍ଲାପାଳ ତଥା ଆର୍ ଓ କାର୍ଯ୍ୟାଳୟକୁ ଯାଇ




ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ତଦାରଖ କରିଥିଲେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ଜିଲ୍ଲାପାଳଙ୍କ ସହିତ ନିର୍ବାଚନ ସହିତ ସଂପୃକ୍ତ ବିଭିନ୍ନ କମିଟିର କାର୍ଯ୍ୟ ତଦାରଖ କରିଥିଲେ । ସେହିପରି ପୋଲିସ୍ ପର୍ଯ୍ୟବେକ୍ଷକ ଶ୍ରୀ ଜଇସ୍ୱାଲ୍ ନିର୍ବାଚନ ସମ୍ବନ୍ଧୀୟ ସମ୍ଭାବ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତିର ତର୍ଜମା କରିଥିଲେ । ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତିନି ପର୍ଯ୍ୟବେକ୍ଷକ ମିଳିତ ଭାବରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ । ଏଠାରେ ଜିଲ୍ଲାପାଳ ଶ୍ରୀ ଦାଶ ନିର୍ବାଚନର ପ୍ରଶାସନିକ ପ୍ରସ୍ତୁତି ଓ ଜିଲ୍ଲା ଏସପି ଅମ୍ରିତ ପାଲ ସିଂ ଆଇନ୍ ଶୃଙ୍ଖଳା ପରିସ୍ଥିତି ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଉପସ୍ଥାପନା କରିଥିଲେ । ପର୍ଯ୍ୟବେକ୍ଷକମାନେ ସମସ୍ତ ବିଷୟ ବିଶଦ ସମୀକ୍ଷା କରି ଅଧିକାରୀ ମାନଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଭାରତ ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ସମସ୍ତ ପ୍ରକ୍ରିୟାକୁ ତଦାରଖ କରି ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶୀ ଭାବରେ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ବିନ୍ଦୁ ରାଜନୈତିକ ଦଳ, ପ୍ରାର୍ଥୀ ଓ ମତଦାତାଙ୍କ ପାଇଁ ସ୍ଥାନୀୟ ସର୍କିଟ ହାଉସ ରେ ଦିନ ୧୧ ରୁ ୧୨ ଟା ଯାଏଁ ଉପଲବ୍ଧ ରହି, ତାଙ୍କ ଅଭିଯୋଗ ଓ ଅସୁବିଧାଗୁଡିକୁ ସମାଧାନ କରିବେ । ତାଙ୍କର ମୋବାଇଲ୍ ନମ୍ବର ୯୦୭୮୭୫୨୪୫୨, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ଙ୍କ ମୋବାଇଲ୍ ନମ୍ବର ୭୦୭୭୮୩୬୪୨୮, ପୋଲିସ୍ ପର୍ଯ୍ୟବେକ୍ଷକ ଶ୍ରୀ ଜଇସ୍ୱାଲଙ୍କ ମୋବାଇଲ୍ ନମ୍ବର ୯୯୩୮୫୪୫୦୨୮ ରେ ସେମାନଙ୍କୁ ଯୋଗାଯୋଗ କରି ନିର୍ବାଚନ ସମ୍ବନ୍ଧୀୟ ସମସ୍ୟା ଯେକେହି ଜଣାଇ ପାରିବେ। ପର୍ଯ୍ୟବେକ୍ଷକମାନେ ମତଦାନ କେନ୍ଦ୍ରଗୁଡ଼ିକୁ ଭ୍ରମଣ କରି, ନିର୍ବାଚନ ଆୟୋଗ ଦ୍ୱାରା ନିଆଯାଇଥିବା ପଦକ୍ଷେପମାନଙ୍କ ସଠିକ କାର୍ଯ୍ୟାନ୍ୱୟନ ଓ ମତଦାତାଙ୍କ ସୁବିଧା ସୁନିଶ୍ଚିତ କରିବେ । ନୂଆପଡା ଉପନିର୍ବାଚନ ପାଇଁ ୧୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନଭେମ୍ବର ୧୧ ତାରିଖରେ ଭୋଟ ଗ୍ରହଣ ଏବଂ ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ହେବ ।

# ଜାତୀୟ ରାଜପଥ ଟୋଲ ପ୍ଲାଜା କର୍ମଚାରୀଙ୍କୁ ତାଲିମ

ତରଭା,(ସବ୍ୟୁ): ସର୍ବ ଭାରତୀୟ ସ୍ତରରେ ଏଚ ଏଲ ଏଫ ପି ପି ଟି ତରଫରୁ ସମସ୍ତ ଏନ ଏଚ ଟୋଲପ୍ଲାଜା ମାନଙ୍କରେ କର୍ମଚାରୀ ମାନଙ୍କୁ ବିଭିନ୍ନ ତାଲିମ ଦେବାର କାର୍ଯ୍ୟକ୍ରମମାନ ଚାଲିଥିବା ବେଳେ ସେହିପରି ବଲାଙ୍ଗିର -ସୋନପୁର ୫୭ ନମ୍ବର ଟୋଲ ପ୍ଲାଜାରେ ଗତ ତିନି ଦିନ ଧରି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟୋଲ ପ୍ଲାଜାରେ କାମ କରୁଥିବା ସମସ୍ତ କର୍ମଚାରୀ ମାନଙ୍କୁ ଟୋଲ ପ୍ଲାଜାର ନିୟମ, ଲୋକଙ୍କୁ କଣ କଣ ସହାୟତା କରାଯିବ , ପ୍ରାଥମିକ ସହାୟତା, ମାନସିକ ଚାପରୁ ମୁକ୍ତି, ବ୍ୟବହାରିକ ଶିକ୍ଷା, ଏନଏଚ ର ଅନ୍ୟାନ୍ୟ ଆପ୍ଲିକେସନ ବିଷୟରେ ଶିକ୍ଷା ପ୍ରଦାନ କରାଯାଇଛି । ତାଲିମ୍ କାର୍ଯ୍ୟକ୍ରମକୁ ତାଲିମ୍ ଦାତା ଭାବରେ ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ଦେବୀଦତ୍ତ ମହାନ୍ତି ତାଲିମ୍ ଦେଇଥିବା ବେଳେ ଏଚ ଏଲ ଏଫ ପି ପି ଟି ର ସପନ କୁମାର ସ୍ୱାଇଁ ଏବଂ ତପନ କୁମାର ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ମୋଟ ୨୮ ଜଣ ପ୍ରଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଲେ ।

# ଶ୍ୟାମା କାଳୀ ମନ୍ଦିରରେ ୮୩ ତମ ବାର୍ଷିକ ପୂଜା

ବରଗଡ଼,(ସବ୍ୟୁ) : ଶ୍ରୀ ଶ୍ରୀ ମାଁ ଶ୍ୟାମାକାଳୀଙ୍କ କଳସ ଶୋଭାଯାତ୍ରା ଆନନ୍ଦ ଓ ଆଲୋକର ପର୍ବ ଦୀପାବଳି । ସମଗ୍ର ଭାରତ ବର୍ଷରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏହି ଉତ୍ସବକୁ 'ଆଲୋକର ଆଗମନ ଦିବସ' ଭାବେ ମହାସମାରୋହରେ ପାଳନ କରାଯାଇଥାଏ । ଦୀପ ସମୂହକୁ ଆମେ ଦୀପାବଳୀ କହିଥାଉ । ଆଲୋକ ଅନ୍ଧକାରକୁ ଦୂରୀଭୂତ କରିଥାଏ । ଏହା ପ୍ରାଚୁର୍ଯ୍ୟର ପ୍ରତିକ ଅଟେ । ପବିତ୍ର କାର୍ତ୍ତିକ ମାସ ଅମାବାସ୍ୟା ଦିନ ଦୀପାବଳୀ ପର୍ବ ପାଳିତ ହୋଇଥାଏ । ଏହି ଦିନ କାଳୀ ପୂଜା ମଧ୍ୟ ହୋଇଥାଏ । ବରଗଡ଼ର ମାଁ ଶ୍ୟାମା କାଳୀ ମନ୍ଦିରର ୮୩ ତମ ବାର୍ଷିକ ପୂଜା ମହୋତ୍ସବ ଅବସରରେ ମନ୍ଦିର ପରିସରରୁ ଶହ ଶହ ମହିଳା ଶ୍ରଦ୍ଧାଳୁଙ୍କ ଗହଣରେ ଭବ୍ୟ କଳସ ଶୋଭାଯାତ୍ରା ବାହାରି ଜୀରାନଦୀକୁ ଶୋଭାଯାତ୍ରାରେ ଯାଇଥିଲେ । ଦୁଲ୍‌ଦୁଲି ବଜା, ନିଶାନ, ଢ଼ୋଲ, ଟିମ୍‌ଟିମି, ଘଣ୍ଟବାଦ୍ୟ, ଶଙ୍ଖ, ପେଁ କାଳୀ, ଘୁମୁରା ପ୍ରଭୃତି ସାଂସ୍କୃତିକ



ଦଳ ର ବାଦ୍ୟ ତାଳେ ତାଳେ ବରଗଡ ସହର ପରିକ୍ରମା କରାଯାଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିରା ନଦୀ ଘାଟରେ ଖଣ୍ଡାଧୁଆ ହୋଇ ଦୀପ ସ୍ଥାପନା କରାଯାଇ କଳସ ପୂଜା ଅନୁଷ୍ଠିତ ହୋଇ ପିତୃପୁରୁଷଙ୍କୁ ଉପସ୍ଥିତ ସମସ୍ତେ ତିଳତର୍ପଣ କରିଥିଲେ । ପରେ କଳସ ଅଣାଯାଇ ମନ୍ଦିରରେ ସ୍ଥାପନା କରାଯାଇ ପୂଜା କରାଯାଇ ଅଖଣ୍ଡ ଦୀପ ସ୍ଥାପନା କରାଯାଇଥିଲା । କାଳୀପୂଜା ଅବସରରେ ପ୍ରତ୍ୟହ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟ ପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ପାର୍ଶ୍ୱଦେବତା ପୂଜା, ବାବା ଶ୍ୟାମେଶ୍ୱରଙ୍କ ଠାରେ ରଦ୍ରାଭିଷେକ, ଜଗନ୍ନାଥଷ୍ଟକମ, ହନୁମାନ ଚାଲିସା ପଠନ ହୋଇଥାଏ । ନିଶାର୍ଦ୍ଧରେ ମାଁ ଶ୍ୟାମାକାଳୀ ଦେବୀଙ୍କ ପୀଠରେ ମାଁ ଶ୍ୟାମାକାଳୀଙ୍କ ଗୁପ୍ତ ରିତିନିତି ଅନୁଷ୍ଠିତ ହୋଇ ମାଁଙ୍କ ମହାସ୍ନାନ ପରେ ଉଗ୍ରତାରା, ତ୍ରିପୁର ଭୈରବୀ, ତ୍ରିପୁର ସୁନ୍ଦରି, ମାଁ ଭୁବନେଶ୍ୱରୀ, ବଗଳାମୁଖୀ, ଛିନ୍ନମସ୍ତା, ଧୂମାବତୀ, ମହାଲକ୍ଷ୍ମୀ, ଯୋଗିନୀ, କ୍ଷେତ୍ରପାଳଙ୍କ ପୂଜା ଅର୍ଚ୍ଚନା ପରେ ଚଣ୍ଡିହବନ ଅନୁଷ୍ଠିତ ହୋଇ ଆରତି, ପୁଷ୍ପାଞ୍ଜଳି କରାଯାଇଥିଲା । ସକାଳୁ ମାଁ ଶ୍ୟାମାକାଳୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ପଣ୍ଡିତ ନରସିଂହ ଶତପଥୀ , ଚଣ୍ଡି ପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ବିପିନ ବିହାରୀ ଦାଶ ପୂଜାର୍ଚ୍ଚନା କରିଥିବା ବେଳେ ସତ୍ୟ ପ୍ରକାଶ ରଥ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବାର୍ଷିକ ପୂଜନୋତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇ ୨୬.୧୦.୨୦୨୫ ରବିବାର ଦିନ ମାଁ ଶ୍ୟାମାକାଳୀ ପୂଜାର ପୂର୍ଣ୍ଣାହୁତି ହେବ । କାଳୀ ପୂଜା ପରିଚାଳନା କମିଟିର ସମସ୍ତ ସଭ୍ୟ କାଳୀ ପୂଜାରେ ସହଯୋଗ କରିଥିଲେ ।

# ଅବକାରୀ ତଲାସୀ : ୪୯ ଲକ୍ଷ ୮୭ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଜବତ

ନୂଆପଡା,(ସବ୍ୟୁ): ନୂଆପଡା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ପକ୍ଷରୁ ତଲାସୀ ଅଭିଯାନ ଜୋର୍ ହୋଇଛି । ସୋମବାର ବିଭାଗୀୟ ଅଧିକାରୀ ଯାଞ୍ଚ କରି ୨୯୫ ଲିଟର ରନ୍ଧା ମଦ,୨୫ଲିଟର ବାହାର ଭାଟି ମଦ ଏବଂ ୭୯୫୦ କେଜି ମହୁଲ ପୋଚ ଜବତ କରିଛନ୍ତି । ଏ ସବୁର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୨ ହଜାର ଟଙ୍କା ହେବ । ଅଦ୍ୟାବଧି ଅବକାରୀ ବିଭାଗ ୬୩ଲିଟର ବିଅର୍, ୩୨.୫ଲିଟର ବିଦେଶୀ ମଦ, ୩୪୧୦ଲିଟର ହାତ ରନ୍ଧା ମଦ,୫୭୦ଲିଟର ବାହାର ଭାଟି ମଦ ,୪ କେଜି ଗଞ୍ଜେଇ ଏବଂ ୭୮,୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି । ଏସବୁର ଆନୁମାନିକ ମୂଲ୍ୟ ୪୯ ଲକ୍ଷ ୮୭ ହଜାର ଟଙ୍କା ହେବ । ଏହା ସହିତ ତିନୋଟି ବାଇକ୍ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି । ବେଆଇନ୍ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବୌଦ୍ଧରେ ଜିଲ୍ଲାସ୍ତରୀୟ ସହିଦ ଦିବସ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ବଲାସିଙ୍ଗା ସ୍ଥିତ ରିଜର୍ଭ ପଡିଆ ଠାରେ ମଙ୍ଗଳବାର ୬୬ ତମ ପୋଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଏସପି ରାହୁଲ ଗୋଏଲ ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଚଳିତବର୍ଷ ଦେଶ ମାତୃକାର ସେବା କରି ସହିଦ ହୋଇଥିବା ଯବାନଙ୍କ ନାମ ପାଠ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଶ୍ରୀଗୋୟଲ ସହିଦ ପରିବାରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଯୋଗଦେଇ ସହୀଦମାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ । ରିଜର୍ଭ ଇନିସପେକଫର କୁଳମଣି ଗିରି ସହିଦ ପ୍ୟାରେଡ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ,ଏସଡିପିଓ ଲରେନ ରାଉତରାୟ,ବୌଦ୍ଧଥାନା ଅଧିକାରୀ ନିଳିନୀକାନ୍ତ ଦାଶଙ୍କ ସମେତ ଜିଲ୍ଲା ପୋଲିସର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହିଦମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ ।

# ଶ୍ୟାମାକାଳୀ ଜନ୍ମ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା

ଭବାନୀପାଟଣା,(ସବ୍ୟୁ): ପବିତ୍ର ଦୀପାବଳୀ ଅବସରରେ ଭବାନୀପାଟଣାସ୍ଥିତ ଦକ୍ଷିଣ କାଳୀ ଠାକୁରାଣୀ ମନ୍ଦିରରେ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ଉପଲକ୍ଷେ ଚଣ୍ଡୀ ମହାଯଜ୍ଞ ନିମନ୍ତେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରବିବାର ମଧ୍ୟାହ୍ନ ୧୨ ଟାରେ ମନ୍ଦିରର ପୂଜକ କ୍ଷେତ୍ର ମୋହନ ଯୋଶୀ ମାଆଙ୍କ ଖଡ୍‌ଗକୁ ପୂଜାର୍ଚ୍ଚନା କରି ଗର୍ଭ ଗୃହରୁ ବାହାର କରି ଶୋଭାଯାତ୍ରା ରେ ସହର ପରିକ୍ରମା କରି ପୁରୁଷୋତ୍ତମ ସାଗରକୁ ଯାଇଥିଲେ । କଳସ ଶୋଭାଯାତ୍ରାରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳା ଅଂଶ ଗ୍ରହଣ କରିଥିଲେ । ଯଜ୍ଞର ଆଚାର୍ଯ୍ୟ ନାରାୟଣ ମିଶ୍ର ଓ ନିରଞ୍ଜନ ଦାଶ ପୁରୁଷୋତ୍ତମ ସାଗରରେ ଜଳାଧିବାସ କରି ଜଳରୂପି ଭଗବତୀଙ୍କୁ ଆବାହନ କରି କଳସ ପୂଜାର୍ଚ୍ଚନା କରିବା ପରେ ମହିଳା ମାନେ ମୁଣ୍ଡରେ କଳସ ଧରି ଶୋଭଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମନ୍ଦିରର ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟ ମାନଙ୍କ ଦ୍ୱାରା କଳସ ସ୍ଥାପନ କରା ଯାଇଥିଲା । କାଳୀ ମନ୍ଦିର ପଡ଼ାବାସୀଙ୍କ ପକ୍ଷରୁ ଦୁଇ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ସୋମବାର ସକାଳ ଆଠଟାରେ ଚଣ୍ଡୀ ମହାଯଜ୍ଞର ଶୁଭାରମ୍ଭ ହେବ ଓ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ପାଳିତ ହେବ । ମଙ୍ଗଳବାର ଅପରାହ୍ନ ଗୋଟାଏରେ ଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି ମନ୍ଦିର କମିଟି ସଭାପତି ସତ୍ୟ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି ।

## ଜାତୀୟ ଦୌଡଯୁକ୍ତ ସନ୍ତରଣ ପ୍ରତିଯୋଗୀତା

# ସିନିୟର ବର୍ଗରେ ଅମିୟଙ୍କୁ ରୌପ୍ୟ ପଦକ

ରେଢାଖୋଲ,(ସବ୍ୟୁ):: ଜାତୀୟ ଦୌଡଯୁକ୍ତ ସନ୍ତରଣ ପ୍ରତିଯୋଗୀତାରେ ନାକଟିଦେଉଳ ବ୍ଲକ୍ ଉପରମୁଣ୍ଡା ଗ୍ରାମର ଚାଷୀ ଘରର ପୁଅ ଅମୀୟ କୁମାର ପ୍ରଧାନଙ୍କୁ ମିଳିଛି ଜାତୀୟ ସ୍ତରରେ ବ୍ରୋନ ପଦକ। ବ୍ରୋଞ୍ଜ ପଦକ ପାଇବା ପରେ ଚାରି ଆଡୁ ଅମୀୟଙ୍କୁ ପ୍ରଶଂସାର ସୁଅ ଛୁଟୁଛି।

ଗତ ଅକେଫାବର ୪ ରୁ ୭ ତାରିଖ ମଧ୍ୟରେ ମଧ୍ୟପ୍ରଦେଶ ରାଜ୍ୟର ଇନ୍ଦୋର ଷ୍ଟାଡିୟମରେ ଦୌଡଯୁକ୍ତ ସନ୍ତରଣ ପ୍ରତିଯୋଗୀତାରେ ଅମୀୟ କୁମାର ପ୍ରଧାନ ଭାଗ ନେଇ ୭.୩୨ ସେକେଣ୍ଡରେ ଅତିକ୍ରମ କରି ବ୍ରୋନ ପଦକ ହାସଲ କରିଥିଲେ। ଏହି ଖେଳରେ ୨୮ ଟି ରାଜ୍ୟରୁ ଖେଳାଳୀମାନେ ପ୍ରତିନିଧିତ୍ୱ କରିଥିଲେ। ସେ ବ୍ରୋଞ୍ଜ ପଦକ ହାସଲ କରିବା ସହ ବିଶ୍ୱ ଚମ୍ପିୟାନ୍ ସିପ୍ ରେ ଭାଗନେବା ପାଇଁ ଆସନ୍ତା ଡିସେମ୍ବର ୮ ରୁ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ ବୋଲି ଅମୀୟ ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି। ବିଜେତା ଅମୀୟ ବର୍ତ୍ତମାନ ଟିଟିଲାଗଡଠାରେ ଥିବା ଓମ୍ ଭେଲି ଉଚ୍ଚ ବିଦ୍ୟାଳୟରେ ଜଣେ ପ୍ରଶିକ୍ଷକ ଭାବରେ କାର୍ଯ୍ୟକରୁଛନ୍ତି । ସେ ଏହି ଦୌଡଯୁକ୍ତ ସନ୍ତରଣ ପ୍ରତିଯୋଗିତା ଖେଳରେ ରାଜ୍ୟର ୪୦ ରୁ ଅଧିକ ସ୍ଥାନରୁ ମେଡାଲ ପାଇଛନ୍ତି। ୨୦୧୪ ମସିହାରେ ମାତ୍ର ୧୩ ବର୍ଷ ବୟସରେ ସମ୍ବଲପୁର କ୍ରୀଡା ଛାତ୍ରାବାସରେ ନାମ ଲେଖାଇଥିଲେ। ଏହା ପରେ ୨୦୨୦ ରେ ଭୁବନେଶ୍ୱର ସ୍ଥିତ କ୍ରୀଡା ଛାତ୍ରାବାସରେ ନାମ ଲେଖାଇ ନିଜର ଅଭ୍ୟାସ ଜାରି ରଖିଥିଲେ।

ଅମୀୟଙ୍କ ମାଆ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଜଣେ ଚାଷୀ। ଜଣେ ଚାଷୀ ପରିବାରରେ ଜନ୍ମ ଲାଭ କରି ଅମୀୟ ଆଜି ଆନ୍ତର୍ଜାତୀୟ ସ୍ତରରେ ନିଜର ଖେଳ ପ୍ରଦର୍ଶନ କରିବାକୁ ଯାଉଥିବାରୁ ଚାରିଆଡୁ ପ୍ରଶଂସାର ଛୁଅ ଛୁଟୁଛି। ଏହି ସଫଳତା ପାଇଁ ଅମିୟ ତାଙ୍କ ବାପା, ମାଆ, ଗୁରୁଜନଙ୍କ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଭଲ ଖେଳ ପ୍ରଦର୍ଶନ କରି ଗାଁ ଓ ଦେଶର ନାଁ ରଖିବେ ବୋଲି ସେ ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଛନ୍ତି । ଗତ କାଲି ଅମୀୟ ଜାତୀୟ ସ୍ତରରେ ଭାଗ ନେଇ ଫେରିବା ପରେ ଉପରମୁଣ୍ଡା ଗ୍ରାମବାସୀ ଅମୀୟଙ୍କୁ ସ୍ୱାଗତ କରିବା ସହ ତାଙ୍କର ସଫଳତା ପାଇଁ ସମ୍ବର୍ଦ୍ଧନା ଦେଇଥିଲେ। ଏପରିକି ଗ୍ରାମର ଆବାଳ ବୃଦ୍ଧ ବନୀତା ଏକ ହୋଇ ଖୁସିରେ ଆତ୍ମହରା ହୋଇ ପଡିଥିଲେ।

# ବୃନ୍ଦାବାହାଲରେ ଶହୀଦ ସ୍ମୃତି ଦିବସ

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଠାରେ ଥିବା ଶହୀଦ ବିଜେନ୍ଦ୍ରନାଥ ପାର୍କ ସ୍ଥିତ ସହୀଦ ସ୍ମୃତି ପୀଠ ଠାରେ ଗୋଲାମୁଣ୍ଡା ପୁଲିସ ତରଫରୁ ୬୬ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛ । ଏହି ଅବସରରେ ବୀର ଶହୀଦ ବିଜେନ୍ଦ୍ରନାଥ ରାଉତଙ୍କ ସ୍ମୃତିଚାରଣ କରି ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି,ଏସ୍.ଆଇ ବିଳାସିନୀ ଭୋଇ ,ଏ.ଏସ୍ .ଆଇ ପ୍ରେମରାଜ କଅଁର,ପୁଲିସ କର୍ମଚାରୀ ରଞ୍ଜନ କୁମାର ରାଉତ,ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଯୋଗଦେଇଥିଲେ । ସେହିପରି ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ , ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବରିଷ୍ଠ ବିଜେପି ନେତା ଟଙ୍କଧର ନାଏକ,ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ,ସଂଜୀବ ରାଉତ,ସହୀଦ ଙ୍କ ଭଉଣୀ ମାଣିକ୍ୟ ରାଉତ,ବାପା ପତିତ ରାଉତ ପ୍ରମୁଖ ଯୋଗଦେଇ ସହୀଦଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଦେଶ ତଥା ରାଜ୍ୟର ସେବା ପାଇଁ ସେମାନଙ୍କର ସାହସିକତା, ବୀରତ୍ୱ ଏବଂ ବଳିଦାନ ସଦାସର୍ବଦା ଅକ୍ଷୁର୍ଣ୍ଣ ହୋଇ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

# ବ୍ୟବସାୟୀ ନବୀନ ସାହୁଙ୍କ ପରଲୋକ

ଜୁନାଗଡ଼,(ସବ୍ୟୁ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ନବୀନ ସାହୁ(୫୫) ଙ୍କ ହୃଦଘାତରେ ମଙ୍ଗଳବାର ଭୋର ୩ ଘଣ୍ଟା ସମୟରେ ପରଲୋକ ହୋଇଯାଇଛି । ସେ ଜଣେ ବ୍ୟବସାୟୀ ସହିତ ମିଷ୍ଟଭାସି ସମ୍ପନ୍ନ ବ୍ୟକ୍ତି ଭାବରେ ପରିଚିତ ଥିଲେ । ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଅନେକ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କ ଏକ ମାତ୍ର ପୁଅ ଓ ଝିଅ ସହିତ ପନୀ ମଧ୍ୟ ଉପସ୍ଥିତ ଥିଲେ । ଅପରାହ୍ନ ସମୟରେ ଜୁନାଗଡ଼ ହାତୀନଦୀ ନିକଟସ୍ଥ ଶ୍ମସାନରେ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ତଥା ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ କୁନାଲ ସାହୁ ମୁଖାଗ୍ନି ଦେଇଥିଲେ ।

# ପୂର୍ବ ଶତ୍ରୁତାକୁ ନେଇ ଗୁଳିମାଡ଼: ଯୁବକ ଗିରଫ



ନୀଳଗିରି, (ସବ୍ୟୁ): ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଧୀନ ଦ୍ୱାରିକା ଛକ ଠାରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସହ ଗୋଟିଏ ରାଉଣ୍ଡ ଫଲ୍ସ ଫାୟାରିଂ ହୋଇଛି। ଫଲ୍ସ ଫାୟାରିଂ କରିଥିବା ଯୁବକ ଗିରଫ ହୋଇଥିବାବେଳେ ଘଟଣା ସ୍ଥଳରୁ ବନ୍ଧୁକ, କାର୍ତ୍ତୁଜ ଜବତ କଲା ପୋଲିସ। ସୂଚନା ଅନୁସାରେ ସୋମବାର ସନ୍ଧ୍ୟା ସାଢ଼େ୬ଟାରେ ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତିଆ ଛକଠାରେ ଥିବା ଜଣେକ ବାଇକ ଗ୍ୟାରେଜରେ ଉକ୍ତ ପଞ୍ଚାୟତ ଦ୍ୱାରିକା ଗ୍ରାମର ବାସିନ୍ଦା ତାପସ ବାରିକ(୩୮) ଗ୍ୟାରେଜ ମାଲିକ ମିଲନ୍ ବାରିକଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିବାବେଳେ ଗତ ସନ୍ଧ୍ୟାରେ ତାପସ ନିଜ ଗାଡିରେ ପ୍ରେସର ଦେବା ବିଷୟକୁ ନେଇ ଗ୍ୟାରେଜ ମାଲିକ ମିଲନ୍ ସହ ଯୁକ୍ତି ତର୍କ ଗଣ୍ଡଗୋଳ ବେଳେ ତାପସ ବାରିକ ୱାନ ସଟ୍ ଗନ୍ ରୁ ଫଲ୍ସ ଫାୟାରିଂ କରିଥିଲେ। ପରେ ଗାଁକୁ ଯିବାପରେ ପୁଣି ଗଣ୍ଡଗୋଳ ହୋଇଥିଲା। ଗ୍ୟାରେଜ ମାଲିକ ମିଲନ୍ ଓ ସ୍ଥାନୀୟ ଅଞ୍ଚଳ ଲୋକେ ଛାନିଆ ହୋଇ ନୀଳଗିରି ଥାନାକୁ ଜଣାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାରେଜ ମାଲିକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଦୁର୍ବୃତ୍ତ ତାପସ ବାରିକ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲେ। ଇଶ୍ୱରପୁର ଫାଣ୍ଡି ଅଧିକାରୀ ସମସ୍ତ ଘଟଣା ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକଙ୍କୁ ଜଣାଇବା ପରେ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ସାଧା ପୋଷାକ ଧାରି ଟିମ୍ ଉକ୍ତ ରାତିରେ ତାର ଘରେ ରେଡ କରାଯାଇଥିବା ବେଳେ ଦୁର୍ବୃତ୍ତ ତାପସ ବାରିକଙ୍କୁ ଘରପାଖରୁ କାବୁ କରିବା ସହିତ ଏକ ବନ୍ଧୁକ ଓ କାର୍ତ୍ତୁଜି କୁ ଜବତ କରିଥିଲେ। ତାପସ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବାର ସୂଚନା ମିଳିଥିବା ବେଳେ ନୀଳଗିରି ଥାନା ପକ୍ଷରୁ ଥାନାରେ କେଶ୍ ନମ୍ବର ୪୧୮/୨୫ରେ ମାମଲା ରୁଜୁ ହେବାସହ ମଙ୍ଗଳବାର ନୀଳଗିରି ପୋଲିସ ଅପରାଧୀ ତାପସ ବାରିକକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ବେଦମାତା, ମହାକାଳୀ ବେଶରେ ପୂଜା ପାଇଛନ୍ତି ମା' ଭଦ୍ରକାଳୀ



ଭଦ୍ରକ, (ସବ୍ୟୁ): ଭଦ୍ରକ ଅଧିଷ୍ଠାତ୍ରୀ ଦେବୀ ପରମବୈଷ୍ଣବୀ ମା'ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ପ୍ରଥମ ଦିନ ସୋମବାର ମା'ଦେବମାତା ବେଶରେ ପୂଜା ପାଉଛନ୍ତି। ବେଦ ମାତା ବେଶରେ ମା'ହଳଦିଆ ପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ଗୋପ୍ୟ ଅଳଙ୍କାରରେ ସୁସଜ୍ଜିତ ହୋଇଥିଲେ। ବାମ ହସ୍ତ ଯୁଗଳରେ ବେଦ ଓ ଗଦା ଧାରଣ କରିଥିବାବେଳେ ଦକ୍ଷିଣ ହସ୍ତ ଯୁଗଳରେ ଜପା ମାଳି ଓ ପଦ୍ମଧାରଣ କରିଥିଲେ। ମାଆଙ୍କର ମୁଖ ମଣ୍ଡଳ ହଳଦି ବର୍ଣ୍ଣ ଥିବାବେଳେ ମା'ହଂସ ବାହନରେ ବିରାଜମାନ କରିଛନ୍ତି। ବେଦମାତା ବେଶରେ ଦର୍ଶନ କଲେ ଭକ୍ତର ଜ୍ଞାନ ଚକ୍ଷୁ ଉନ୍ମୁକ୍ତ ହୁଏ, ଭକ୍ତର ଆତ୍ମା ଶୁଦ୍ଧି ଓ ପବିତ୍ର ହୁଏ। ପୀଠରେ ଗୁପ୍ତ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚବେଦ। ପୂଜା ପରେ ମାନସିକ କଳସ ଶୋଭାଯାତ୍ରା ବାହାରିଥିଲା।

ମାନସିକ ଭକ୍ତମାନେ ଶୋଭାଯାତ୍ରାରେ ଯାଇ ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ଜଳ ଆଣିଥିଲେ। କଳସ ମଣ୍ଡପରେ ଘଟସ୍ଥାପନ କରିବା ପରେ ଶାସ୍ତ୍ରୀୟ ବ୍ରାହ୍ମଣ, ଆଚାର୍ଯ୍ୟମାନଙ୍କ ଦ୍ୱାରା ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟା ବେଳେ ମା'ଙ୍କର ଦିବ୍ୟ ଆଳତୀ ଦର୍ଶନ ନିମନ୍ତେ ପୀଠରେ ଭିଡ଼ ଲାଗିଥିଲା। ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ସନ୍ଧ୍ୟାରେ ଗାୟକ ପ୍ରବୀର ସନାତନ ଦାସଙ୍କର ପାଲା ପରିବେଷଣ ଭକ୍ତମାନଙ୍କ ମନ ମୋହି ଥିଲା। ମଙ୍ଗଳବାର ମା' ଭକ୍ତମାନଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି। ପ୍ରତ୍ୟେକ ଦିନ ମା'ଙ୍କର ଅନ୍ନପ୍ରସାଦ ଭକ୍ତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ମାଗଣା ଦିଆଯାଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଆକର୍ଷିତ କରୁଛି। ମନ୍ତ୍ରୀ, ବିଧାୟକ, ସାଂସଦ,ବରିଷ୍ଠ ରାଜନେତା ଏବଂ ପ୍ରାଶାସନିକ ଅଧିକାରୀମାନେ ପୀଠକୁ ଯାଇ ମା'ଙ୍କର ଆଶୀର୍ବାଦ କାମନା କରୁଛନ୍ତି। ଆଜି ମା' ରାଜରାଜେଶ୍ୱରି ବେଶରେ ପୂଜା ପାଉଛନ୍ତି। ପୀଠର ନିଆରା ଆଧାତ୍ମିକ ପରିବେଶ ଭକ୍ତମାନଙ୍କୁ ଆକର୍ଷିତ କରୁଛି।

## କାନ୍ଥ ପଡି ୨ଯୁବକ ଗୁରୁତର

ବାହାନଗା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କସବା ଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ଦୁଇ ଯୁବକ ଘର କାର୍ଯ୍ୟ କରୁଥିବାବେଳେ ଘରର କାନ୍ଥ ପଡି ଗୁରୁତର ହୋଇଛନ୍ତି। ଯୁବକ ଦୁଇ ଜଣ ହେଲେ ଅନନ୍ତ ବିଶ୍ୱାଳ(୫୦) ଓ ଭାସ୍କର ମଳିକ(୪୨) ବୋଲି ଜଣା ପଡ଼ିଛି। ମଙ୍ଗଳବାର ସକାଳେ ଘରର ମାଟି କାନ୍ଥ ଭାଙ୍ଗୁ ଥିବା ସମୟରେ କୌଣସି କାରଣ ବଶତଃ ମାଟିକାନ୍ଥ ଅଧା ଭାଙ୍ଗି ଯାଇ ଅନନ୍ତ ଓ ଭାସ୍କର ଉପରେ ପଡିଥିଲା। ଅନନ୍ତଙ୍କ ବାମହାତ ଉପରେ ପଡି ଗଭୀର ଆଘାତ ହୋଇଥିବା ବେଳେ ଭାସ୍କରର ଗୋଡ଼ ଉପରେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗାଡି ଯୋଗେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ରେମୁଣାସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇ ଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

## ବାଣ ଫୁଟାଉଥିବା ବେଳେ ଛିଣ୍ଡିଲା ହାତ ପାପୁଲି ନାବାଳକ ସମେତ ୧୨ରୁ ଊର୍ଦ୍ଧ୍ୱ ଆହତ

ସୋର, (ସବ୍ୟୁ): ଆଲୋକର ପର୍ବ ଦ୍ୱିପାବଳୀରେ ଅଘଟଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଥିବା ବେଳେ ୬ ଜଣ ନାବାଳକଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସୁଚନା ଅନୁସାରେ ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬) ସୋମବାର ସନ୍ଧ୍ୟାରେ ଚାଇନା ବାଣ ଫୁଟାଉଥିବା ବେଳେ ହଠାତ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫାଟି ଯାଇଥିଲା। ଫଳରେ ହାତରୁ ପାପୁଲି ଅଲଗା ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ।

ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସଂଧ୍ୟାରେ ବାଣ ଫୁଟାଉଥିବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ଼(୫), ସୌମ୍ୟାଶୁ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି।

## ଦେହ ବେପାର: ରାଣୀ ମହୁମାଛି ସହ ୬ ଗିରଫ, ୫ ଯୁବତୀ ଉଦ୍ଧାର

କେନ୍ଦୁଝର,(ସବ୍ୟୁ): କେନ୍ଦଝର ସହରରେ ଦେହ ବେପାର ଚାଳଉଥିବା ଖବର ପାଇ ସଦରଥାନା ପୋଲିସ ଚଢ଼ାଉ କରି ସେକ୍ସ ରାକେଟ ଦଲାଲଙ୍କ ରାଣୀମହୁମାଛି ସହ ୬ଜଣ ଗରାଖଙ୍କୁ ଗିରଫ କରିଛି ଏବଂ ଏହି ବେପାରରେ ସଂପୃକ୍ତି ଥିବା ସନ୍ଦେହରେ ୫ଜଣ ଯୁବତୀ ଉଦ୍ଧାର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଗୋବିନ୍ଦପୁର ଅଞ୍ଚଳରେ ରାଣୀ ମହୁମାଛି ରାଣୀ ଓରଫ ବନରାଣୀ ବାରିକ ଏକ ୩ ମହଲା କୋଠାରେ ମୟୂରଭଞ୍ଜ, ବାଲେଶର, ଜଗତସିଂହପୁର ଏବଂ ଝାଡଖଣ୍ଡରୁ ଯୁବତୀମାନଙ୍କୁ ଆଣି ରାକେଟ ଚଳାଇଥିଲେ। ଚଢ଼ାଉ ବେଳେ ୫ ଜଣଙ୍କୁ କେନ୍ଦୁଝର ଟାଉନ ପୁଲିସ ଗିରଫ କରିଛି। ଗିରଫ ଯୁବକଙ୍କ ମଧ୍ୟରୁ ୨ ଜଣ ଗ୍ରାହକ ନରଣପୁର ଅଞ୍ଚଳର ଅଭିଷେକ ବେହେରା (୨୧) ତୁରୁମୁଙ୍ଗା ଥାନା ଅଞ୍ଚଳର ପଙ୍କଜ କୁମାର ନାୟକ(୩୨)। ସେକ୍ସ ରାକେଟ ପରିଚାଳନାରେ ବନରାଣୀଙ୍କୁ ଯୁବତୀ ଯୋଗାଉଥିବା ତୁରୁମୁଙ୍ଗା ଅଞ୍ଚଳର ନାରାୟଣ ମହାପାତ୍ର, ଯୋଡ଼ା ଅଞ୍ଚଳର ଫିରୋଜ ମହମ୍ମଦ ଏବଂ ମନୋଜ ବାରିକକୁ ମଧ୍ୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ବିଭିନ୍ନ ଆପତ୍ତିଜନକ ଜିନିଷ, ଟଙ୍କା, ମୋବାଇଲ ଓ ବାଇକ ଜବତ ହୋଇଛି। ଏହି କୁତ୍ସିତ ଧନ୍ଦାର ମୁଖ୍ୟ ରାଣୀ କିଛି ଦିନ ପୂର୍ବରୁ ଏହିଭଳି ଅପରାଧ କରି ଧରାପଡି ଜେଲ ଯାଇଥିଲା ପୁଣି ଫେରି ଜୋରଦାର ବେପାର କରୁଛି ବୋଲି ପୋଲିସ କହିଛି।

## ଜମିବାଡ଼ି ବିବାଦ : ଭାଉଜକୁ ଆକ୍ରମଣ

କେନ୍ଦୁଝର, (ଜିପ୍ର) କେନ୍ଦୁଝର ଜିଲ୍ଲା ହାଟଡିହିରେ ଜମିବାଡ଼ି ବିବାଦକୁ ନେଇ ଭାଉଜକୁ ଆକ୍ରମଣ କରିଛି ଦିଅର। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଆନନ୍ଦପୁର ଥାନା ଗୋଳାବନ୍ଧ ଗାଁରେ ବାସନ୍ତୀ ନାଏକ ନାମକ ବିଧବା ଅସହାୟ ମହିଳାଙ୍କୁ ତାଙ୍କ ଦିଅର ବୁଦ୍ଧିଆ ନାଏକ ଟାଙ୍ଗିଆରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଆକ୍ରମଣ ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଜମିବାଡ଼ି ଭାଗ ବଣ୍ଟାକୁ ନେଇ ଭାଉଜକୁ ଆକ୍ରମଣ କରିଥିବା ସୂଚନା ରହିଛି।

## ପୋଲିସ ବୃତ୍ତି ପ୍ରତିଯୋଗିତା: ସର୍ବଭାରତୀୟକୁ ନରେନ୍ଦ୍ର ରାଉତ ମନୋନିତ



ଦୋବଲ, (ସବ୍ୟୁ): ୭୦ତମ ରାଜ୍ୟସ୍ତରୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଗତ ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ୧୯ପର୍ଯ୍ୟନ୍ତ ଦୀର୍ଘ ୪ଦିନ ବ୍ୟାପୀ କଟକ ଓଏସଏପି ୬ବାଟାଲିୟନ ବକ୍ସିବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡିଶାର ସମସ୍ତ ଜିଲ୍ଲାରୁ ମନୋନୀତ ହୋଇଥିବା କନେଷ୍ଟବଳରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ମୋଟ ୩୫୦ ଜଣ ଅଫିସର ଭାଗ ନେଇଥିଲେ। ବିଶେଷ କରି ସାଇବର କ୍ରାଇମ୍, ପେକିଂ ଏବଂ ସିଲିଂ, ଘଟଣାସ୍ଥଳ ଅନୁସନ୍ଧାନ, ଅବଜରଭେଶନ, ବିଶ୍ଳେଷଣ ଓ ସୁରାକ ସଂଗ୍ରହ, ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ଆଦିରେ ପ୍ରତିଯୋଗିତା କରାଯାଇଥିଲା।

ଧାମନଗର ଥାନାର ଏଏସଆଇ ନରେନ୍ଦ୍ର କୁମାର ରାଉତ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅବଜରଭେଶନ ଟେଷ୍ଟରେ ପ୍ରଥମ ସ୍ଥାନରେ କୃତିତ୍ୱ ହାସଲ କରିବା ସହ ଭଦ୍ରକ ଜିଲ୍ଲା ତଥା ଧାମନଗର ଥାନା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି କୃତିତ୍ୱ ପାଇଁ ଶ୍ରୀରାଉତଙ୍କୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ଡିଜି ଓଡ଼ିଶା କଟକ ୱାଇବି ଖୁରାନିଆଙ୍କ ପାଖରୁ ମାନପତ୍ର, ଟ୍ରଫି ଓ ନଗଦ ୧୦ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ମହଲରୁ ଶୁଭେଚ୍ଛା କାମନା କରିବା ସହ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ,ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଶ୍ରୀରାଉତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ଆସନ୍ତା ନଭେମ୍ବର ୨୦ରେ ମହାରାଷ୍ଟ୍ରରେ ହେବାକୁ ଥିବା ସର୍ବଭାରତୀୟ ପୋଲିସ ବୃତ୍ତି ଗତ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି ବୋଲି ଶ୍ରୀରାଉତ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଉଭୟ ପକ୍ଷରୁ ୬ ଗିରଫ

ସୋର,(ସବ୍ୟୁ):ସୋର ଥାନା ଅନନ୍ତପୁର ପଞ୍ଚାୟତ ଅଇଁରୀ ଗ୍ରାମରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ବେଳେ ସୋର ପୁଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳଙ୍କ ସହିତ ବର୍ତନା ଗ୍ରାମର ସଞ୍ଜୟ କୁମାର ପାତ୍ରଙ୍କ ପୂର୍ବ ଶତ୍ରୁତା ଥିଲା। ତେବେ ସୋମବାର ରାତିରେ ସଞ୍ଜୟ ଅଇଁରୀ ଗ୍ରାମରେ ଅନ୍ୟ ମାନଙ୍କ ସହିତ ଯାଉଥିବା ବେଳେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଫଳରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟକରୁଥିବା ଭଦ୍ରକ ହଳଦିଆ ଅଞ୍ଚଳର ଶଶଧର ରାଉଳ (୪୨) ଆହତ ହୋଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛଅ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା।ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ୮୪୯ ଏବଂ ୮୫୦/୨୫ ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅପରାହ୍ନରେ ଥାନାରେ ଅଟକ ଥିବା ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳ (୨୨),ରମେଶ ପରିଡା (୩୬), ଦିଗବିଜୟ ବାରିକ (୨୧), ବର୍ତନା ଗ୍ରାମର ସଞ୍ଜୟ ପାତ୍ର (୨୦), ଅରଡ଼ା ଗ୍ରାମର ରାଜୁ ମଳିକ (୨୩) ଏବଂ ଭଦ୍ରକ ହଳଦିଆ ଗ୍ରାମର ଶଶଧର ରାଉଳ (୪୨) କୁ ଗିରଫ କରିଥିଲେ। ପୁଲିସ ଶଶଧର ନିକଟରୁ ଏକ ବନ୍ଧୁକ ଏବଂ ବାଇକକୁ ଜବତ କରିଥିଲା। ସନ୍ଧ୍ୟାରେ ସୋର ମେଡ଼ିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଟ୍ରକ୍ ଧକ୍କାରେ ଷଣ୍ଢ ମୃତ : ରାସ୍ତାରୋକ

ବାସୁଦେବପୁର,(ସବ୍ୟୁ)ବାସୁଦେବପୁର ବ୍ଲକର ବାଲିମୁଣ୍ଡା ଛକରେ ଆଇନ ବୋଝେଇ ଟ୍ରକ ଧକ୍କାରେ ଦୁଇ ଷଣ୍ଢ ମୃତ୍ୟୁ ଓ ୩ଗୋରୁ ଆହତ। ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଓ ବଜରଙ୍ଗ ଦଳ କର୍ମୀ କହୁଥିବା ଯୁବକମାନଙ୍କ ଦ୍ୱାରା ରାସ୍ତା ଅବରୋଧ କରିଛନ୍ତି। ଫଳରେ ଦୁଇ ପାର୍ଶ୍ୱରେ ଅଟକି ରହିଛି ଶହ ଶହ ଟ୍ରକ ଓ ଯାତ୍ରୀବାହୀ ଗାଡି ଖରାରେ ଅଟକି ରହିଥିଲା। ବାସୁଦେବପୁରରୁ ଧାମରାକୁ ଯିବାକୁ ଯାତ୍ରୀବାହୀ ବସ ଓ ଧାମରକରୁ ବାସୁଦେବପୁର ଆସୁଥିବା ବସ ଅଟକି ରହିଛି। ଫଳରେ ଶହ ଶହ.ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇ ଚାଲି ଚାଲି ଯାଉଥିବାର ଦେଖିବାକୁ ମିଳିଥିଲା। ଉଦଭ୍ରାନ୍ତ ଯୁବକମାନେ ଏକ ରୋଗୀଙ୍କ ଗାଡିକୁ ଛାଡିନଥିଲେ। ଯାତ୍ରୀମାନେ ଖାଇବାକୁ ନପାଇ ଓ ପାଣି ନପାଇ ହନ୍ତସନ୍ତ ହେବାକୁ ପଡିଥିଲା। ଦାବୀ ପୂରଣ ନହେଲେ ରାସ୍ତାରୁ ହଟିବୁ ନାହିଁ ବୋଲି କହିଛନ୍ତି ଯୁବକମାନେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ମୃତୟନ କରାଯାଇଛି। ଶେଷରେ ତହସିଲଦାରଙ୍କ ହସ୍ତକ୍ଷେପ ପରେ ଅପରାହ୍ନ ତିନିଟାବେଳ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ସୋର ଜେଲରୁ କଏଦୀ ଫେରାର

ବାଲେଶ୍ୱର, (ସବ୍ୟୁ): କଟକଜିଲ୍ଲା ଚୌଦ୍ୱାର ଜେଲୁ ଦୁଇ ଜଣ ବିହାରୀ କଏଦୀ ଫେରାର ଘଟଣା ମନରୁ ଲିଭି ନଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋର ଜେଲରୁ ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଜଣ କଏଦୀ ଫେରାର ପାଇଁ ଉଦ୍ୟମ କରିଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ ପୁଲିସ ଜଣକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଚମ୍ପଟ ମାରିବାରେ ସଫଳ ହୋଇଛି। ଏ ବାବଦରେ ଜଣାପଡ଼ିବା ପରେ ଜେଲର ବୈଲୋଚନ ପଣ୍ଡା ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସୋର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୋର ଜେଲରୁ କଏଦୀ ଫେରାର ନେଇ ଜେଲ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ଯେ, ଜେଲ ଭାଙ୍ଗି ଜଣେ କଏଦୀ ଫେରାର ହୋଇଯାଇଛି। ବିଚାରାଧୀନ କଏଦୀ କମ୍ବଳ ପକାଇ ଫେରାର ହୋଇଯାଇଛି। ବଡ଼ପଥର ବାନ୍ଧି ଆର ପଟକୁ ପକାଇ ଫେରାର ହୋଇଯାଇଛି।ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳରୁ ଗିରଫ ଅଭିଯୁକ୍ତ ଏକ ଚୋରି ମାମଲାରେ ଜେଲ ଆସିଥିଲା। ତାକୁ ଜେଲ ୪ ନମ୍ବର ୱାର୍ଡରେ ରଖା ଯାଇଥିଲା।ଏହି ଘଟଣା ନେଇ ଜେଲ ଡିଜି ସୁଶାନ୍ତ ନାଥ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ସରଜମିନ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସୋର ଜେଲରେ ଏବେ ୨୫୦ ଜଣ ବନ୍ଦୀ ଅଛନ୍ତି। ଏମାନଙ୍କୁ ମାତ୍ର ୩ ଜଣ ଜଗୁଛନ୍ତି। ଜଣେ ଜେଲ ଗେଟ୍ରେ ଏବଂ ଦୁଇଜଣ ଭିତରେ ଜଗୁଥିଲେ। ତେବେ ଜେଲ କର୍ମଚାରୀଙ୍କୁ ଚକମା ଦେଇ ବନ୍ଦୀ ଦୀପକ ରାୟ ଚମ୍ପଟ ମାରିଛି। ଜେଲ ପ୍ରାଚୀର ଡେଇଁ ସେ ପକାଇଛି

ସୂଚନାଯୋଗ୍ୟ, ରାଜ୍ୟରେ ଗୋଟିଏ ପରେ ଗୋଟିଏ ଜେଲରେ ବନ୍ଦୀ ଜେଲରୁ ଫେରାର ହେବ ଘଟଣା ଚିନ୍ତାର କାରଣ ହୋଇଛି। ଏହା ସହ ଜେଲ ସୁରକ୍ଷା କିଭଳି ଚଳାଇଛି ତାକୁ ପଦାରେ ପକାଉଛି। ତେବେ ଜେଲ ଡିଜି କହିଛନ୍ତି, ଯେତିକି ୱାର୍ଡର ଜେଲରେ ରହିବା କଥା ରାଜ୍ୟରେ ୱାର୍ଡର ସଂଖ୍ୟା କମ ରହିଛି। ବନ୍ଦୀ ଫେରାର ଜେଲ ସୁରକ୍ଷାକୁ ପଦାରେ ପକାଇଛି।।

## ସ୍କ୍ୱାଡ୍ ଧରିଲା ଚୋରା ଲୁହାପଥର

ଯୋଡ଼ା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବଡ଼ବିଲ ରେଳସାଇଡିଂରୁ ବିପୁଳ ଚୋରା ଲୁହାପଥର ଠାବ ହୋଇଛି। ଟ୍ରେନ ୱାଗନରେ ଏସବୁ ଲୁହାପଥର ଆନ୍ଧ୍ରପ୍ରଦେଶର ଭାଇଜାଗ ଯାଇଥାନ୍ତା। ମାତ୍ର କମ୍ପାନି କର୍ତ୍ତୃପକ୍ଷ ଏ ସଂପର୍କିତ କୌଣସି କାଗଜପତ୍ର ଦେଖାଇ ପାରିନାହାନ୍ତି। ଖଣି ବିଭାଗ ସ୍କ୍ୱାଡ ମଙ୍ଗଳବାର ସକାଳୁ ଚଢ଼ଉ ଆରମ୍ଭ କରି ଦିନତମାମ ଖୋଳତା କରିବା ପରେ ଆହୁରି ବିପୁଳ ପରିମାଣର ଲୁହାପଥର ଗଚ୍ଛିତ ଥିବା ସନ୍ଧାନ ପାଇଛି। ବଡ଼ବିଲ ରେଳସାଇଡିଂରୁ ଟ୍ରେନ ଯୋଗେ ଲୁହାପଥର ବୋଝେଇ ହୋଇ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳକୁ ପରିବହନ ହୋଇଥାଏ। ତଦନୁସାରେ, ଏଠାରୁ ରେଳ ଯୋଗେ ଭାଇଜାଗକୁ ଲୁହାପଥର ପରିବହନ ପାଇଁ ଏକ କମ୍ପାନି ପକ୍ଷରୁ ଟ୍ରେନ ୱାଗନ ବୁକିଂ ହୋଇଥିଲା। ତେବେ କମ୍ପାନି ଦ୍ୱାରା ଚୋରା ଲୁହାପଥର ପରିବହନ ହେଉଥିବା ନେଇ କୌଣସି ସୂତ୍ରରୁ ଖଣି ବିଭାଗର ରାଜ୍ୟସ୍ତରୀୟ ସ୍କ୍ୱାଡ ଖବର ପାଇବା ପରେ ମଂଗଳ ସକାଳୁ ଚଢ଼ଉ କରିଥିଲେ। ରେଳ ସାଇଡିଂ ଭିତରେ ୨୫୦୦ ଟନ ଲୁହାପଥର ଗଚ୍ଛିତ ଥିବାବେଳେ ସାଇଡିଂ ବାହାରେ ୪ ହଜାର ଟନ ଲୁହାପଥର ଗୁଣ୍ଡ ଗଚ୍ଛିତ ଥିଲା। ଏହା ଭିତରୁ ୯୬୦ ଟନ କାଗଜପତ୍ର ଦେଖାଯାଇ ପାରି ନ ଥିଲା।କମ୍ପାନି ନାମରେ ଏଠାର ପରିବହନ ପାଇଁ ୱାଗନ ବୁକିଂ ଥିଲେ ମଧ ଗଚ୍ଛିତ ଲୁହାପଥର ସଂପର୍କରେ କମ୍ପାନି କର୍ମଚାରୀ କେଣସି କାଗଜପତ୍ର ଦେଖାଇପାରି ନଥିଲେ।

ଏହି ଲୁହାପଥର କେଉଁଠୁ ଆସିଲା ତାହାର ଯାଞ୍ଚ ଚାଲିଛି। କୁହାଯାଉଛି, ବିଗତ ବର୍ଷରେ ଖଣି ଦୁର୍ନୀତି ବେଳେ ଶାହା କମିସନଙ୍କ ତଦନ୍ତ ସମୟରେ ବିଭିନ୍ନ ସ୍ଥାନରେ ଜବତ ହୋଇଥିବା ଲୁହାପଥର ଗଚ୍ଛିତ ଥିଲା। ଏହି ଗଚ୍ଛିତ ଲୁହାପଥର ଦୀର୍ଘବର୍ଷ ଧରି ପ ପରେ ବିଭିନ୍ନ ଉପାୟରେ ଏହାକୁ ଚୋରି କରି ବିକ୍ରି କରି ଦିଆଯାଉଛି। ଏବେ ବଡବିଲ ରେଳ ସାଇଡିଂରେ ଗଚ୍ଛିତ ଥିବା ଏହି ଲୁହାପଥର ଗୁଣ୍ଡ ସେହି ସମୟର ଲୁହାପଥର ହୋଇଥାରେ ବୋଲି ସନ୍ଦେହ କରାଯାଉଛି। ସେହିପରି ଉକ୍ତ ରେଲୱେ ସାଇଡ ବାହାରେ ଅନ୍ୟ ଏକ ସ୍ଥାନରେ ମଧ ୨୦ ହଜାର ଟନ ଲୁହାପଥର ଗଚ୍ଛିତ ଥିବାରୁ ଏହାର କାଗଜପତ୍ର ସଂପର୍କରେ ସ୍କ୍ୱାଡ ଖୋଳତା କରୁଛି। ଖଣି ଅଧିକାରୀ ବସନ୍ତ କୁମାର ସାହୁ, କନିଷ୍ଠ ଖଣି ଅଧିକାରୀ ପ୍ରିୟବ୍ରତ ସାହୁ, ସହକାରୀ ଖଣି ଅଧିକାରୀ ଜେଏନ କୁଲ ପ୍ରମୁଖ ଏହି ଚଢ଼ଉ କରିଥିଲେ। ଏ ନେଇ ଉକ୍ତ ଟିମ ଖଣି ନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି। ବିଭିନ୍ନ ଶିଳ୍ପ ଓ ଖଣିରେ ଉକ୍ତ ସ୍କ୍ୱାଡ ଏବେ ଯାଞ୍ଚ କରି ସେମାନଙ୍କ ଷ୍ଟକ ତନଖି କରୁଥିବା ସୂଚନା ମିଳିଛି। ତେବେ ସଂପର୍କରେ ଖଣି ବିଭାଗ କେଣସି ସୂଚନା ଦେଉନାହିଁ।

## ବାଣ ନିଆଁରେ ଜଳିଗଲା ଦୁଇ ବଖରା

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ସନ୍ତସରପୁର ଗ୍ରାମରେ ସୋମବାର ଦୀପାବଳି ଅବସରରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୧୦ ଟି ଗୋରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପବିତ୍ର ଦୀପାବଳି ପାଇଁ ସରକାରଙ୍କ ପକ୍ଷରୁ ସଂଧ୍ୟା ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଥିବା ବେଳେ ସୋରରେ ପ୍ରଶାସନର ଅବହେଳା ପାଇଁ ଲୋକେ ରାତି ୧୧ ଟା ପର୍ଯ୍ୟନ୍ତ ବାଣ ଫୁଟାଇଥିବା ଜଣାପଡିଛି। ରାତିରେ ବାଣ ଫୁଟାଇବା ବେଳେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗି ଦୁଇ ବଖରା ଘର ପୋଡି ପାଉଁଶ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତକାଲି ରାତି ୧୦ ଟାରେ ସୋର ପୌରପାଳିକା ଅଧିନ ୧୪ ନମ୍ବର ୱାର୍ଡ ସନ୍ତସରପୁର ଗ୍ରାମର ଜୟନ୍ତ କୁମାର ଭୋଇଙ୍କ ଚାଳ ଘରେ ବାଣ ନିଆଁ ପଡିବାରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ଗୁହାଳ ଘରୁ ୧୦ ଟି ଗୋରୁଙ୍କୁ ଫିଟାଇଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଗୋଟିଏ ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ଦୁଇ ବଖରା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିବିପନ୍ନ ଜୟନ୍ତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବାଣ ନିଆଁରେ ଆହତ ୧୫ ଡାକ୍ତରଖାନାରେ ଭର୍ତ୍ତି

ଭଦ୍ରକ/ଭଣ୍ଡାରିପୋଖରୀ,(ସବ୍ୟୁ): ପ୍ରଶାସନିକ କଟକଣା ସତ୍ତ୍ୱେ ଚଳିତ ଦୀପାବଳୀ ଉତ୍ସବର ବାଣପୁଟା ପୂର୍ବର ସବୁକୁ ଟପିଯାଇଛି। ବାୟୁ ପ୍ରଦୂଷଣର ମାତ୍ରାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସବୁଜ ବାଣକୁ ଅନୁମତି ମିଳିଥିଲା। ପୁଲିସ ପକ୍ଷରୁ କେତେକ ବେଆଇନ ବାଣ ପ୍ରସ୍ତୁତି ଓ ମହଜୁଦ ଉପରେ ଚଢାଉ ହୋଇଥିଲା। ହେଲେ ସବୁ କଟକଣାକୁ ଏଡାଇ ଗାଁ ଗହଳି ସବୁଠି ଶହ ଶହ ବେଆଇନ ବାଣ ଦୋକାନ ଖୋଲିଥିଲା। ଏତେ ପରିମାଣରେ କଲିକତି ବାଣ ପରିବହନକୁ ପୁଲିସ ଜାଣି ଅଜଣା ହୋଇଥିଲା। ପିଲା ଓ ଯୁବକ ବର୍ଗ ବାଣପୁଟାରେ ମତୁଆଲା ହୋଇ ଉଚ୍ଚ ଆଲୋକ, ଶବ୍ଦ ଓ ପ୍ରବଳ ଧୁମ୍ରଯୁକ୍ତ ବାଣ ଅପରାହ୍ନ ୪ଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଫୁଟାଇ ଚାଲିଥିଲେ। ଫଳରେ ଚତୁର୍ଦ୍ଦିଗ ଧୂଆଁମୟ ହୋଇଯାଇଥିଲା। ବାୟୁ ପ୍ରଦୂଷଣ ସର୍ବୋଚ୍ଚ ସ୍ତରକୁ ଆସିଥିଲା। ବାଣନିଆଁରେ ୧୨ଜଣ ଜଣ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତରଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରମ୍ପରା ପାଳନ ନାମରେ ଉଭୟ ଶବ୍ଦ ଓ ବାୟୁ ପ୍ରଦୂଷଣକୁ ସଚେତନ ନାଗରିକମାନେ ଗ୍ରହଣ କରିପାରି ନାହାନ୍ତି। ବାଣ ପ୍ରସ୍ତୁତି ଓ ପରିବହନକୁ କଡାକଡି ରୋକା ନଗଲେ ଜନସାଧାରଣଙ୍କ ଉପରେ ବାଣଫୁଟା ନିଷେଧାଦେଶ ଗୁରୁତ୍ୱହୀନ ହୋଇଯାଇଛି।

## ହାତୀ ଆକ୍ରମଣରେ ରାତି ତମାମ ଛଟପଟ ଯୁବକ : ୧୭ ଘଣ୍ଟା ପରେ ଉଦ୍ଧାର



ମୋରଡା, (ସବ୍ୟୁ) : ରାସଗୋବିନ୍ଦ ପୁର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।ଫୁଟବଲ ଖେଳ ଦେଖି ଜଙ୍ଗଲ ରାସ୍ତା ଦେଇ ଘରକୁ ଫେରିବା ସମୟରେ ହାତୀ ଆକ୍ରମଣରେ ଗୁରୁତର ଯୁବକ ରାତି ତମାମ ଜଙ୍ଗଲରେ ପଡି ରହି ଛଟପଟ ହେଲେ। ଖବର ପାଇ ୧୭ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରିଛି ବନ ବିଭାଗ।ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଟୁପୁରା ଗ୍ରାମର ସମରାଇ ହେମ୍ବ୍ରମ(୫୫) ଗତ ରବିବାର ସନ୍ଧ୍ୟାରେ ପାଖ ଗାଁ କପ୍ତିପଦାକୁ ଫୁଟବଲ ଖେଳ ଦେଖିବାକୁ ଯାଇ ମନାକଷା ଜଙ୍ଗଲ ରାସ୍ତା ଦେଇ ସମରାଇ ଘରକୁ ଫେରିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସମରାଇଙ୍କ ଗୋଡ଼ ଭାଙ୍ଗି ଯିବାରୁ ସେ ଗୁରୁତର ଅବସ୍ଥାରେ ରାତି ତମାମ ଜଙ୍ଗଲରେ ଅସହାୟ ଭୟବିତ ଅବସ୍ଥାରେ ପଡିରହିଲେ। ସୋମବାର ପୂର୍ବାହ୍ନ ୧୧ଟା ରେ ସ୍ଥାନୀୟ ଲୋକେ ଜଙ୍ଗଲରୁ ବନ୍ୟ ଦ୍ରବ୍ୟ ଆଣିବାକୁ ଯାଇ ଗୁରୁତର ସମରାଇଙ୍କୁ ଦେଖି ବନବିଭାଗକୁ ଖବର ଦେଇଥିଲେ।

ଖବର ପାଇ ଫରେଷ୍ଟର ମାଳତୀ ସିଂ, ଫରେଷ୍ଟ ଗାର୍ଡ ଅରବିନ୍ଦ ଗିରି ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ସମରାଇଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ଅବସ୍ଥା ଶଙ୍କଟାପନ ଥିବାରୁ ସେଠାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ରାତି ତମାମ ଜଣେ ଲୋକ ହାତୀ ଆକ୍ରମଣରେ ଗୁରୁତର ଅବସ୍ଥାରେ ପଡି ରହି ଛଟପଟ ହେବା ଘଟଣା ବନବିଭାଗ କିପରି ଜାଣି ପାରିଲା ନାହିଁ ଯାହା ବନବିଭାଗର ଅବହେଳାକୁ ଦର୍ଶାଉଛି ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ଉକ୍ତ ଘଟଣା ସମ୍ପର୍କରେ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ଜଙ୍ଗଲ କଡ଼ କେନାଲ ରାସ୍ତାରେ ବନବିଭାଗ କର୍ମଚାରୀ ଥିଲେ। ଉକ୍ତ ଜଙ୍ଗଲରେ ତିନି ଦିନ ହେବ ହାତୀ ଅଛନ୍ତି ବୋଲି ଗାଁ ଲୋକକୁ ସୂଚନା ଦେବା ଦିଆଯାଇଛି। ତେବେ ସୂଚନା ସତ୍ତ୍ୱେ ସମରାଇ କେନାଲ ରାସ୍ତାରେ ନଯାଇ ଜଙ୍ଗଲ ମଝିରେ ଘରକୁ ଫେରୁଥିଲେ। କ୍ଷତିଗ୍ରସ୍ତ ସମରାଇଙ୍କୁ ସରକାରଙ୍କ ତରଫରୁ କ୍ଷତି ପୂରଣ ମିଳିବ ବୋଲି ସୂଚନା ଦେଇଛନ୍ତି।

## ପୂର୍ବତନ ବିଧାୟକ ରାଜେନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ



ଭଦ୍ରକ,(ସବ୍ୟୁ): ଭଦ୍ରକର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ମହାନ୍ତିଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନିଜ ଗ୍ରାମରେ କରାଯାଇଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ କୁଢବରୁହାଁ ପଞ୍ଚାୟତ ଅଫିସ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାରେ ସମାଜସେବୀ ଅଜୟ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସ୍ୱର୍ଗତ ରାଜେନ୍ଦ୍ର ମହାନ୍ତିଙ୍କ ରାଜନୀତିକ ଜୀବନୀ ଉପରେ ଆଲୋଚନା କରିଥିଲେ। ଶ୍ରୀମହାନ୍ତିଙ୍କ ରାଜନୀତି ଜୀବନରେ ୱାର୍ଡମେମ୍ବରରୁ ଆରମ୍ଭ କରି ସରପଞ୍ଚ ,ସମିତିସଭ୍ୟ ବ୍ଲକ ଚେୟାରମ୍ୟାନ ପରେ ବିଧାୟକ ହୋଇଥିଲେ। ତାଙ୍କ ସମୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା।

ଭଦ୍ରକ ମହାବିଦ୍ୟାଳୟରେ ପିଜି ବିଭାଗ ଖୋଲାଯାଇଥିଲା। ଚରମ୍ପା କଲେଜ ସମେତ ଚଣ୍ଡୀଗାଁ ପଂଚାୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ମହାନ୍ତି,ସେକ ଫାରୁକ,କୈଳାଶଚନ୍ଦ୍ର ମହାପାତ୍ର,ସୁଷମା ମହାନ୍ତି,ରାଜେନ୍ଦ୍ର ପାଣି,ପ୍ରଫୁଲ୍ଲ ନାୟକ ଉପସ୍ଥିତ ରହି ସ୍ୱର୍ଗତ ରାଜେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତି ନିରୋଧ ମହାନ୍ତି,ରାଜକିଶୋର ଦାସ,ବସନ୍ତ ମହାନ୍ତି,କାଳନ୍ଦୀ ଜେନା,ରଜତ ନାୟକ,ଶରତ ମହାନ୍ତି ଯୋଗ ଦେଇଥିବାବେଳେ ନାରୀନେତ୍ରୀ ଲକ୍ଷ୍ମୀ ନାୟକ ଯୋଗ ଦେଇଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ସମାଜସେବୀ ଅଶୋକ ମହାନ୍ତି। ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୬୮)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ଯ ଇମଂ ପରମଂ ଗୁହ୍ୟଂ ମଦ୍ଭକ୍ତେଷ୍ୱଭିଧାସ୍ୟତି ।**
**ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥ ୬୮ ॥**

(ଏତୈଃ ଦୋଷୈଃ ବିରହିତେଭ୍ୟଃ ଗୀତାଶାସ୍ତ୍ରାପଦେଷ୍ଟୁଃ ଫଳମାହ)-
ପରମଂ ଗୁହ୍ୟଂ ( ସର୍ବେଭ୍ୟୋଽପି ଗୁହ୍ୟେଭ୍ୟା ଗୋପ୍ୟଂ) ଇଦଂ (ମଦୁକ୍ତଂ ଗୀତାଶାସ୍ତ୍ରଂ)
ଯଃ ମଦ୍ଭକ୍ତେଷୁ ଅଭିଧାସ୍ୟତି ( ମଦ୍ଭକ୍ତେଭ୍ୟୋ ବକ୍ଷ୍ୟତି), ମୟି ପରାଂ
(ସର୍ବୋତ୍ତମାଂ) ଭକ୍ତିଂ କୃତ୍ୱା ଅସଂଶୟଃ (ନିଃସନ୍ଦେହଃ) (ସନ୍)
ମାଂ ଏବ ଏଷ୍ୟତି (ପ୍ରାପ୍ସ୍ୟତି) ॥ ୬୮ ॥

# ଭାରତର ଆର୍ଥନୀତିକ ପ୍ରଗତି

ଇତି ମଧ୍ୟରେ ଭାରତର ଆର୍ଥନୀତିକ ପ୍ରଗତି ବେଶ ଉଲ୍ଲେଖନୀୟ ବୋଲି କୁହାଯାଇପାରେ । ଆଗାମୀ ଦଶନ୍ଧି ମଧ୍ୟରେ ବିଶ୍ୱର ଆର୍ଥନୀତିକ ସଂପ୍ରସାରଣ କ୍ଷେତ୍ରକୁ ଭାରତ ୨୦ ପ୍ରତିଶତ ପ୍ରଦାନ କରି ପାରିବ ବୋଲି ମଧ୍ୟ କୁହାଯାଉଛି । ଭାରତ ତାହା ନିଜର ସମୁଦାୟ ଘରୋଇ ଉତ୍ପାଦ (GDP)୩ ଦଶମିକ ୫ ଟ୍ରିଲିଅନ ଡଲାରରୁ ଆଗେଇ ଯାଇ ୨୦୩୧ ସୁଦ୍ଧା ୭ ଦଶମିକ ୫ ଟ୍ରିଲିଅନ ଡଲାରରେ ପହଞ୍ଚାଇ ପାରିବ ବୋଲି ଆଶା କରାଯାଉଛି, ଯାହା ଦ୍ୱିଗୁଣିତ ବୋଲି ଧରାଯିବ ।

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ମଧ୍ୟରେ ଭାରତରେ ଅଦ୍ଭୁତ ରୂପାନ୍ତରଣ ଅର୍ଥନୀତି କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଦ୍ରୁତ ଗତିରେ ଓ ବିରାଟ ପରିସୀମା ମଧ୍ୟରେ ଭାରତୀୟ ଅର୍ଥନୀତି ପରିଗଣିତ ହୋଇଛି । ଔପନିବେଶିକତାର ଧାରାରେ ଦୀର୍ଘ ଦିନ ଧରି ଚାଲି ଆସିଥିବା ଭାରତର ଅର୍ଥନୀତି ଓହରି ଆସି ତାହାର ଗତିପଥକୁ ବଦଳାଇ ଦେଇଛି । ଏବେ ଭାରତ ଇଂଲଣ୍ଡକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହେବାର ଗୌରବ ଅର୍ଜନ କରିଛି । ଯେଉଁ ଇଂଲଣ୍ଡ ସରକାର ଦିନେ ଭାରତକୁ ଶାସନ କରି ତାହାର ଆଧିପତ୍ୟ ବିଭିନ୍ନ କ୍ଷେତ୍ରରେ ବିସ୍ତାର କରି ପାରିଥିଲା, ସେହି ଭାରତ ଏବେ ଇଂଲଣ୍ଡକୁ ଅର୍ଥନୀତି କ୍ଷେତ୍ରରେ ପଛରେ ପକାଇ ପାରିଛି ।

ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଭାରତର ଅର୍ଥନୀତି ହେଉଛି ବିକାଶଶୀଳ ମିଶ୍ରିତ ଅର୍ଥନୀତି, ଯେଉଁଥିରେ ସରକାରୀ ଉଦ୍ୟୋଗର କୌଶଳପୂର୍ଣ୍ଣ ଅର୍ଥନୀତି ପରିସ୍ଫୁଟ । କେବଳ ଘରୋଇ ଉତ୍ପାଦ କ୍ଷେତ୍ରରେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେଉଛି ଭାରତ । କ୍ରୟ କ୍ଷମତାପନ୍ନ ଦୃଷ୍ଟିରୁ (PPP) ଓ ମୁଣ୍ଡପିଛା ଆୟର ଆଧାରରେ ଭାରତ ବିଶ୍ୱରେ ସମୁଦାୟ ଘରୋଇ ଉତ୍ପାଦ (GDP) ସାଧାରଣ ଭାବେ ୧୩୬ ର୍ୟାଙ୍କରେ ତଥା (PPP) କ୍ଷେତ୍ରରେ ୧୧୯ ର୍ୟାଙ୍କରେ ରହୁଛି । ୧୯୪୭ରେ ଭାରତ ସ୍ୱାଧୀନ ହେବା ପରଠାରୁ ୧୯୯୧ ମସିହା ପର୍ଯ୍ୟନ୍ତ ଯେତେସବୁ ସରକାର ଆସିଛନ୍ତି, ସେମାନେ ସବୁ ସୋଭିଏତ୍ ଅନୁକରଣରେ ଆମର ଅର୍ଥନୀତିକୁ ସଜାଡିବାକୁ ଚେଷ୍ଟା କରି ଆସିଥିଲେ । ନିଜର ଅର୍ଥନୀତିର ସୁରକ୍ଷା କରିବା ଲାଗି ବିଭିନ୍ନ ପଦକ୍ଷେପ ସେହି ସୋଭିଏତ ଢାଞ୍ଚାରେ ନିଆ ହୋଇ ଆସୁଥିଲା । ସେଥିପାଇଁ ଲାଇସେନ୍ସରାଜ ପ୍ରଥାର ପ୍ରଚଳନ ମଧ୍ୟ କରାଯାଇଥିଲା । ୧୯୯୧ରେ ଆର୍ଥକ ସଙ୍କଟ କାରଣରୁ ଆର୍ଥିକ କ୍ଷେତ୍ରକୁ ସରଳ କରି ସଂସ୍କାର କରାଯିବାକୁ ବ୍ୟବସ୍ଥା ହୋଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ନିର୍ଦ୍ଦେଶାନୁଯାୟୀ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ଏହି ଆର୍ଥିକ ସଂସ୍କାର ଆରମ୍ଭ କରିଥିଲେ । ଫଳରେ ଲାଇସେନ୍ସରାଜ ପଦ୍ଧତିର ଅବସାନ ଘଟିଥିଲା ।

ମାତ୍ର ଭାରତର ଅର୍ଥନୀତିକୁ ଉନ୍ନତତମ କରିବା ଲାଗି ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅକ୍ଳାନ୍ତ ପରିଶ୍ରମ ପ୍ରଶଂସନୀୟ । ଅବଶ୍ୟ କରୋନା ମହାମାରୀ କାଳରେ ସମଗ୍ର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଥିବାବେଳେ ଭାରତ ମଧ୍ୟ ସେହି ଅବସ୍ଥାର ମୁକାବିଲା କରି କୌଣସିମତେ ତିଷ୍ଠି ରହିବାକୁ ଉଦ୍ୟମ କରି ସଫଳ ହୋଇ ପାରିଥିଲା । ସେ ଯାହା ହେଉ, ଏବେ ଭାରତୀୟ ଅର୍ଥନୀତିର ଆନୁମାନିକ ଦୃଷ୍ଟିରୁ ଦେଖିଲେ ୪ ଦଶମିକ ୨ ଟ୍ରିଲିଅନ ଡଲାରରେ ପହଞ୍ଚିଛି ଏବଂ ସମଗ୍ର ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କରିପାରିଛି । ମାତ୍ର ୨୦୨୫ରେ ଭାରତ ୫ ଟ୍ରିଲିଅନ ଡଲାର (ଉଲ୍ଲେଖନୀୟ ଯେ ୧ ଟ୍ରିଲିଅନ ଡଲାରର ମୂଲ୍ୟ ହେଉଛି ୧୦, ୩୬, ୫୪, ୩୧, ୬୦୦ ଟଙ୍କା) ହାସଲ କରିବା କଥା । ମାତ୍ର, ତାହା ସମ୍ଭବ ହୋଇ ପାରିନାହିଁ । ଆଉ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୨୭ ବେଳକୁ ଭାରତ ସେହି ଲକ୍ଷ୍ୟ ସ୍ଥଳରେ ଉପନୀତ ହୋଇପାରିବ ବୋଲି ଆଶା କରାଯାଉଛି ।

## ଭକ୍ତିର ଶକ୍ତି

**ବିଜ୍ଞାନ କେବଳ ଧାତୁକୁ ତରଳାଇ ଦେଇପାରେ କିନ୍ତୁ ପଥରକୁ ନୁହେଁ, ପଥରକୁ ଆକାର ଦେଇ ମୂର୍ତ୍ତି ଗଢ଼ିପାରେ କିନ୍ତୁ ତା' ଭିତରେ ଜୀବନ ସଂଚାର କରିପାରେ ନାହିଁ, କିନ୍ତୁ ଭକ୍ତି ପଥରକୁ ତରଳାଇ ଦେଇପାରେ ଆଉ ତା' ଦେହରେ ବି ଜୀବନ ସଂଚାର କରିପାରେ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗଣତନ୍ତ୍ରର ଅପ୍ରତିହତ ସ୍ୱର : ମ୍ୟାଁମାର୍‌ରୁ ଭେନ୍‌ଜୁଏଲା ଜନ-ଦରବାର



ମନୋରଂଜନ ମହାନ୍ତି

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ । ଆଉ ଏବେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ୨୦୨୫ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଘୋଷଣା କରାଯାଇଛି ଭେନ୍‌ଜୁଏଲାର ବିପ୍ଳବିଣୀ ମ୍ୟାରିଆ କୋରିନା ମାଚାଡ଼ୋଙ୍କୁ । ସେଠାରେ ଏକଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି । ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଗୋଟେ ରାଷ୍ଟ୍ର, ତା ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର । ତାର କ୍ଷେତ୍ରଫଳ ୯,୧୬,୪୪୫ ବର୍ଗ କିଲୋମିଟର, ଜନସଂଖ୍ୟା ମାତ୍ର ୩୦.୫ନିୟୁତ । ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି ।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି ।

ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର । ସେଠି ପ୍ରଚୁର ତୈଳସମ୍ପଦ ଭରି ରହିଛି । ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌କମ୍ପାନୀ ତାର ପରିଚାଳନା ଦାୟିତ୍ୱରେ ଅଛି । କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି । ଏଣେ ତୈଳ ରପ୍ତାନୀ ଉପରେ ନିର୍ଭରଶୀଳତା ମାତ୍ରାଧିକ୍ୟ ହେଉଛି, ତୈଳ ମୂଲ୍ୟ ହ୍ରାସ ପାଉଛି । ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର ।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକତ୍ୱ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ । ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ । ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶ ଛାଡ଼ି ଦେଶାନ୍ତର ଗମନ କଲେଣି । ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫,୦୦୦, ୨୦୨୧ରେ ୧,୯୫,୦୦୦, ୨୦୨୩ରେ ୬,୫୦,୦୦୦, ଏବେ ୨୦୨୫ରେ ୭ଲକ୍ଷ । କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ । ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକଙ୍କର ଖାଦ୍ୟ ଅଭାବ । ଚିକନ୍‌ଗୁନିଆ, ଡେଙ୍ଗୁ ଜ୍ୱର, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି, ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ । ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ମଧ୍ୟ ବୃଦ୍ଧି ପାଉଛି । ଏକଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର, ସ୍ୱୈରାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି, ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି । ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି, ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନୋମୁଖୀ ପ୍ରୟୋଗ କରାଯାଉଛି ।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ । ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ)ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ । 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ । ସେଥିସହିତ ଭେଣ୍ଟେ ଭେନ୍‌ଜୁଏଲା ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି । ଭେନ୍‌ଜୁଏଲାରେ ଅର୍ଥନୈତିକ ସଂକଟ ଦେଖାଦେଲା ୨୦୧୦ବର୍ଷରେ, ଏବେ ତାହା ଶୀର୍ଷରେ ପହଞ୍ଚିଛି । ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ । ୨୦୨୪ରୁ ଗୋପନ ବାସରେ ଅଛନ୍ତି । ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର ।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗସାନ୍ ସୁକୀ । ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇ ପଡ଼ିଥିଲେ । ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ । ସୁକୀ ଲକ୍ଷ୍ୟକଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ । ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା । ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ ବର୍ମଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟିର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ । ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ । ସେହି ଲେଖାର ଶୀର୍ଷକ ଥିଲା-'ଦି ଫରମେସନ୍ ଅଫ୍ ଏ ପିପୁଲସ୍ କନ୍‌ସଲ୍‌ଟେଟିଭ୍ କମିଟି' । ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଓ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ । ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସା ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ । ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ । ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା-ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି । ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଛତ୍ରବାଦ ବିରୋଧରେ । ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି ଦଳ ୩୯୨ଟି ଆସନରେ ବିଜୟ ହାସଲ କଲେ । ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ । ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଊର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ । ନିର୍ବାଚନରେ ସୁକୀଙ୍କ ଗଣତନ୍ତ୍ର-ଦଳର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇ ଉଠିଲେ । ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର କଲେ, ଅସମ୍ମାନ କଲେ । ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା । ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା ।

୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା । ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ । ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା । ଏବେ ୨୦୨୫ରେ ଭେନ୍‌ଜୁଏଲାର ମ୍ୟାରିଆ କୋରିନା ମାଚାଡ଼ୋଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଗଲାବେଳେ ମ୍ୟାଁମାର୍‌ର ଅଙ୍ଗସାନ୍ ସୁକୀଙ୍କ କଥା ମନକୁ ଆସୁଛି । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ସେହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ନୈତିକତା ମାଧ୍ୟମରେ ଉତ୍କର୍ଷ : ଏକ ଦୃଷ୍ଟିପାତ

**ଡାକ୍ତର ଅଶୋକ କୁମାର ମହାନ୍ତି**

ସଚ୍ଚୋଟତା ମାଧ୍ୟମରେ ଉତ୍କର୍ଷତା ଅର୍ଥ ହେଉଛି କେହି ଜଣେ ନିଜର ଶକ୍ତି ବିକାଶ କରିବା ଏବଂ ତାର ଦୁର୍ବଳତା ସକାଶେ କ୍ଷତିପୂରଣ ଦେବା ପାଇଁ କାମ କରିବା । ସଚ୍ଚୋଟତା ହେଉଛି ସଚ୍ଚୋଟ ହେବା, ସର୍ବଦା ସତ୍ୟ କହିବା ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ ସହିତ ବଞ୍ଚିବାକୁ ଚେଷ୍ଟା କରିବା । ଠିକ୍ କାମ ତଥା କାର୍ଯ୍ୟ କରିବାର ଅଭ୍ୟାସ ରଖିବା ଯେତେବେଳେ କି କେହି ତୁମକୁ ଦେଖୁ ନାହାଁନ୍ତି, ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା । ତୁମେ ଯେଉଁଠାରେ ଥାଅ, ନିଜକୁ ଓ ତୁମ ଚାରିପାଖରେ ଥିବା ଅନ୍ୟମାନଙ୍କୁ ସମ୍ମାନ କରିବା ଏବଂ ଦୃଢ଼ ନୈତିକତା ତଥା ମୂଲ୍ୟବୋଧ ପ୍ରତି ଏକ ସ୍ଥିର ଏବଂ ଆପୋଷ ଅନୁପାଳନ ପ୍ରଦର୍ଶନ କରିବା । ନୀତିଶାସ୍ତ୍ରରେ, ନୈତିକତାକୁ ଜଣଙ୍କ କାର୍ଯ୍ୟର ସଚ୍ଚୋଟତା, ସତ୍ୟତା କିମ୍ବା ସଠିକତା ଭାବରେ ବିବେଚନା କରାଯାଏ । ଉତ୍କର୍ଷ ସହିତ ସଚ୍ଚୋଟତା,ଯେତେବେଳେ କେହି ଦେଖୁନାହାଁନ୍ତି, ସେତେବେଳେ ଜଣେ ବ୍ୟକ୍ତି କ'ଣ କରନ୍ତି ତାହା ଦ୍ୱାରା ତାଙ୍କର ଚରିତ୍ର ବିଚାର କରାଯାଇପାରିବ । ଯେଉଁ ବ୍ୟକ୍ତିଙ୍କୁ କେହି ନ ଦେଖିଲା ବେଳେ ମଧ୍ୟ ଉତ୍କର୍ଷର ସହିତ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି, ସେ ହେଉଛନ୍ତି ଜଣେ ବ୍ୟକ୍ତି ଯିଏ ଏକ ନୈତିକ ଦିଗ୍‌ଦର୍ଶନ ଚାହାଁନ୍ତି ଯାହା ସର୍ବଦା ସଚ୍ଚୋଟତା ଆଡ଼କୁ ସୂଚିତ କରେ । ସମସ୍ତଙ୍କ ପାଖର ସଚ୍ଚୋଟତାର ଗୁଣ ନାହିଁ । ଏହା ଜଣେ ବ୍ୟକ୍ତି ଦ୍ୱାରା ଧୀରେ ଧୀରେ ଏବଂ ସ୍ଥିର ଭାବରେ ବିକଶିତ ହୁଏ ।

ଏହା ସ୍ୱାଧୀନତା ଏବଂ ସଚ୍ଚୋଟତାର ଏକ ଅବସ୍ଥା ଏବଂ ଜଣେ ବ୍ୟକ୍ତିଙ୍କୁ ସ୍ୱାଧୀନ ଏବଂ ବିଶ୍ୱସ୍ତ ହେବାକୁ ସାହାଯ୍ୟ କରେ । ଯେଉଁ ସମ୍ପ୍ରଦାୟରେ ସମସ୍ତେ ପରସ୍ପରର ସଚ୍ଚୋଟତାକୁ ସମ୍ମାନ କରନ୍ତି ତାହା ହେଉଛି ଏକ ଆଦର୍ଶ ସମାଜ । ସଚ୍ଚୋଟତା ବ୍ୟକ୍ତିମାନଙ୍କୁ ସଂଗଠନରେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଉନ୍ନତି କରିବାକୁ ଅନୁମତି ଦିଏ । ଶିକ୍ଷା କ୍ଷେତ୍ରରେ, ଶୈକ୍ଷିକ ସଚ୍ଚୋଟତା ଅତ୍ୟାବଶ୍ୟକ । ସମସ୍ତଙ୍କର କାର୍ଯ୍ୟକୁ ସମ୍ମାନ କରିବା ଏବଂ ସେମାନଙ୍କଠାରୁ ନକଲ ନ କରିବା ଏକ ଗୁଣ ଯାହା ପାଇଁ ଯେକୌଣସି ବ୍ୟକ୍ତି ଚେଷ୍ଟା କରିବା ଉଚିତ । ପ୍ରକୃତ ସଚ୍ଚୋଟତା ଥିବା ବ୍ୟକ୍ତି ତାଙ୍କ କାର୍ଯ୍ୟ ପାଇଁ ଦାୟିତ୍ୱ ନେବାକୁ ବିଚାର କରିବେ । କାର୍ଯ୍ୟ କ୍ଷେତ୍ରରେ, କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ବୃତ୍ତିଗତ ସଚ୍ଚୋଟତା ରହିବା ଆବଶ୍ୟକ । ଏହା ଏହି ସତ୍ୟକୁ ପ୍ରବର୍ତ୍ତାଏ ଯେ ସମସ୍ତେ ସହାୟକ ହେବା ଉଚିତ ଏବଂ ପରସ୍ପରର ମତାମତକୁ ସମ୍ମାନ କରିବା ଉଚିତ । ଏହା କର୍ମଚାରୀମାନଙ୍କ ପାଇଁ ସେମାନଙ୍କର ସୃଜନଶୀଳତା ଅନୁସନ୍ଧାନ କରିବା ଏବଂ ସେମାନଙ୍କର ଫଳାଫଳକୁ ସର୍ବାଧିକ କରିବା ପାଇଁ ଏକ ସକାରାତ୍ମକ କର୍ମକ୍ଷେତ୍ର ନିର୍ମାଣ କରିବାରେ ସାହାଯ୍ୟ କରେ । ସଚ୍ଚୋଟତା, ବିନମ୍ରତା ଏବଂ ନମ୍ରତା ହେଉଛି କିଛି ଅନନ୍ୟ ଗୁଣ ଯାହା ସଚ୍ଚୋଟତା ସହିତ ଆସିଥାଏ ଏବଂ ମଣିଷକୁ ଦୀର୍ଘ ତଥା ସୁସ୍ଥ ଜୀବନ ବଞ୍ଚିବାରେ ସାହାଯ୍ୟ କରେ । ସଚ୍ଚୋଟତା ହେଉଛି ଅନ୍ୟ ଲୋକଙ୍କୁ ସତ୍ୟ କହିବା ଏବଂ ନୈତିକତା ହେଉଛି ନିଜକୁ ସତ୍ୟ କହିବା । ଏହି ପ୍ରସିଦ୍ଧ ଉକ୍ତିଟି ଏକ ସମ୍ପୂର୍ଣ୍ଣ ଉପାୟରେ ସଚ୍ଚୋଟତାକୁ ବର୍ଣ୍ଣନା କରେ ।

**ସଚ୍ଚୋଟତା ହେଉଛି ସଚ୍ଚୋଟ ହେବା, ସର୍ବଦା ସତ୍ୟ କହିବା ସହିତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ ସହିତ ବଞ୍ଚିବାକୁ ଚେଷ୍ଟା କରିବା । ସଠିକ୍ କାମ ତଥା କାର୍ଯ୍ୟ କରିବାର ଅଭ୍ୟାସ ରଖିବା ଯେତେବେଳେ କି କେହି ତୁମକୁ ଦେଖୁନାହାଁନ୍ତି, ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ।**

ଯଦି ଜଣେ ବ୍ୟକ୍ତିଙ୍କ ପାଖରେ ଅନ୍ୟ କିଛି ନାହିଁ, ତେବେ ସେ ସର୍ବଦା ତାଙ୍କ ସଚ୍ଚୋଟତା ଉପରେ ଗର୍ବ ଅନୁଭବ କରିପାରିବେ । ସଚ୍ଚୋଟତା ଜଣେ ବ୍ୟକ୍ତିଙ୍କୁ ଠିକ୍ ଏବଂ ଭୁଲ୍ ବାଛିବା ସଙ୍ଗେ ସଙ୍ଗେ ଚାରିପାଖରେ ଥିବା ଲୋକଙ୍କ ସହିତ ବିଶ୍ୱସନୀୟ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ । ସାଧୁତା ଏପରି କିଛି ନୁହେଁ ଯାହା କେବଳ ଅନ୍ୟମାନଙ୍କୁ ଶିକ୍ଷା ଦେଇପାରିବ । ଏହା ଏକ ଗୁଣ ଯାହା ଜଣେ ବ୍ୟକ୍ତି ଭିତରୁ ଆସିଥାଏ, ଯାହା ପାଇଁ ସେ ଗର୍ବ କରିବା ଆବଶ୍ୟକ କାରଣ ଏହା ଏକ ମୂଲ୍ୟବାନ ସମ୍ପତ୍ତି ଯାହା କେହି ତାଙ୍କଠାରୁ ଛଡ଼ାଇ ନେଇପାରିବେ ନାହିଁ । ଏହା ନୁହେଁ ଯେ ଶିକ୍ଷାଗତ ଏବଂ ବୃତ୍ତିଗତ ନୈତିକତା ହେଉଛି ଜଣେ ବ୍ୟକ୍ତିର ସର୍ବୋଚ୍ଚ ସ୍ତର । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ନୈତିକତା ତଥା ସଚ୍ଚୋଟତା ଅଭ୍ୟାସ କରିବା ଉଚିତ । କାରଣ ଏହା ଜୀବନଯାପନ ଏବଂ ସମୃଦ୍ଧି ହାସଲ କରିବାର ଏକ ଉପାୟ ।

ଏହା ସମ୍ପ୍ରଦାୟକୁ ବୃଦ୍ଧି ଏବଂ ସମୃଦ୍ଧ କରିବାରେ ସାହାଯ୍ୟ କରିବା ସହିତ ଉତ୍ସାହ, ନିର୍ଭୀକତା, ସଫଳତା, ସୃଜନଶୀଳତା, ଉଦ୍ଦେଶ୍ୟମୂଳକତା ଏବଂ ଶକ୍ତିକୁ ବୃଦ୍ଧି କରେ । ଯେତେବେଳେ ଆପଣ କୌଣସି ଜିନିଷ କିମ୍ବା ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ବିଷୟରେ ସଚ୍ଚୋଟ ହୁଅନ୍ତି, ସେତେବେଳେ ଆପଣଙ୍କୁ ସଚ୍ଚୋଟ ବ୍ୟକ୍ତି ଭାବରେ ବିବେଚନା କରାଯାଏ ଏବଂ ଯେତେବେଳେ ଆପଣଙ୍କର ସଚ୍ଚୋଟତା ଥାଏ, ସେତେବେଳେ ଆପଣଙ୍କର ଦୃଢ଼ ନୈତିକ ନୀତି ଥାଏ,ଆଉ ଆପଣ ଜାଣନ୍ତି କ'ଣ ଠିକ୍ , କ'ଣ ଭୁଲ୍ । ସଚ୍ଚୋଟତା ରଖିବା ଅର୍ଥ, ଏକ ନିର୍ଭରଯୋଗ୍ୟ ଉପାୟରେ ସଠିକ୍ କାର୍ଯ୍ୟ କରିବା । ସଚ୍ଚୋଟତା ହେଉଛି ଏକ ଅତ୍ୟାବଶ୍ୟକ ଗୁଣ ଯାହା ପ୍ରତ୍ୟେକ ନିଯୁକ୍ତିଦାତା ତାଙ୍କ କର୍ମଚାରୀଙ୍କଠାରେ ଚାହାଁନ୍ତି ଯାହା ଦ୍ୱାରା ସେ ତାଙ୍କ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ହୃଦୟରେ ବିଶ୍ୱାସ କରିପାରିବେ ଏବଂ ତାଙ୍କଠାରୁ ଏକ ଉତ୍ତମ ଆଚରଣ ଆଶା କରିପାରିବେ । ବୃତ୍ତିଗତ ସଚ୍ଚୋଟତା କାର୍ଯ୍ୟ-ଉତ୍ପାଦନଶୀଳତା ବୃଦ୍ଧି କରେ ଏବଂ ଏକ ସକାରାତ୍ମକ ପରିବେଶ ବଜାୟ ରଖିବାରେ ସାହାଯ୍ୟ କରେ ।

**ମାଟିମଣ୍ଡପ ସାହି,**
**ପାଟଣା ଲେନ୍, ପୁରୀ ଟାଉନ୍**
**ମୋ-୯୨୩୪୬୬୭୫୪୬**

# ଫ୍ୟାଟ ୱ୍ୱାଲେଟ ସିଣ୍ଡ୍ରୋମ

**ଡାକ୍ତର ରାମପ୍ରସାଦ ରାୟ**

ଆମେମାନେ ସାମ୍ନା କରୁଥିବା ଆମମାନଙ୍କର କାର୍ଯ୍ୟକଳାପ ଅତି ମାମୁଲି ଲାଗିଥାଏ । କିନ୍ତୁ ଏହା ପରବର୍ତ୍ତୀ ସମୟରେ ଏକ ଘାତକ ଯନ୍ତ୍ରଣା ଓ ରୋଗର କାରଣ ହୋଇଥାଏ ।

କଥା କେବଳ ସେତିକିରେ ନୁହେଁ ଏହା କେତେକ କ୍ଷେତ୍ରରେ ଏପରି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ଯେ ତାହାର ନିରାକରଣ ପାଇଁ ସମୟ ସାପେକ୍ଷ ହେବା ସହ ଯନ୍ତ୍ରଣା ମଧ୍ୟ ଅଧିକ ଦିନ ଲାଗିରହେ । ସାଧାରଣତଃ ପଇସା ପତ୍ର ରଖିବା ପାଇଁ ଅନେକ ମନିପର୍ସ ବା ୱ୍ୱାଲେଟ ବ୍ୟବହାର କରିଥାନ୍ତି । ଆଜିକାଲି ସେଥିରେ ପଇସା ଥାଉ କି ନଥାଉ କିନ୍ତୁ ଏହାର ବ୍ୟବହାର ହେଉଛି ଏକ ପ୍ରକାର ଷ୍ଟାଟସ ସିମ୍ବଲ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମହିଳାମାନଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟରେ ପର୍ସ ବା ୱ୍ୱାଲେଟ ରଖିଥାନ୍ତି । ହେଲେ ଅନେକେ ଜାଣନ୍ତି ନାହିଁ ଯେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟରେ ପର୍ସ ରଖିବା ଦ୍ୱାରା ଏକ ଅଜାଣତରେ ହାଡ଼ ଓ ମାଂସପେଶୀ ଉପରେ ଚାପ ପକାଏ । ଏହି ଚାପ ସ୍ନାୟୁ ଏବଂ ମାଂସପେଶୀକୁ ପ୍ରଭାବିତ କରି ସାଇଟିକା ପରି ଗମ୍ଭୀର ରୋଗ ସୃଷ୍ଟି କରେ ।

ଡାକ୍ତରୀ ଭାଷାରେ ଏହାକୁ ଫ୍ୟାଟ ୱ୍ୱାଲେଟ ସିଣ୍ଡ୍ରୋମ ବା ୱ୍ୱାଲେଟ ନ୍ୟୁରୋପାଥି କୁହାଯାଏ । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପର୍ସ ମୋଟା ହେଉ କି ପତଳା ହେଉ, ପଛ ପକେଟରେ ଦୀର୍ଘ ସମୟ ରଖିବା ଦ୍ୱାରା ସ୍ନାୟୁ ଏବଂ ମାଂସପେଶୀ ପ୍ରଭାବିତ ହୁଏ । ଅଣ୍ଟା ଏବଂ ପାଦ ଯନ୍ତ୍ରଣା ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ।

ସେହିପରି ପକେଟରେ ପର୍ସ ସହିତ ବସିବା ଦ୍ୱାରା ମେରୁଦଣ୍ଡ ପ୍ରଭାବିତ ହୋଇ ଧୀରେ ଧୀରେ ଏହା ବଙ୍କା ହୋଇପାରେ । ଏହାର ପ୍ରଭାବ କେବଳ ବସିବା ସମୟରେ ନୁହେଁ, ବରଂ ଛିଡ଼ା ହେବା କିମ୍ବା ଚଲାବୁଲା କରିବାରେ ମଧ୍ୟ ଅନୁଭୂତ ହୋଇଥାଏ । ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇ ନଥାଏ ।

ନିୟମିତ ଶାରୀରିକ କାର୍ଯ୍ୟକଳାପ, ଫିଜିଓଥେରାପି, ଯୋଗ ଆଦି କଲେ ଏହି ସମସ୍ୟାରୁ ଉପଶମ ମିଳିପାରେ । ତେଣୁ ପର୍ସକୁ ସର୍ବଦା ଆଗ ପକେଟରେ ରଖିବା ସୁରକ୍ଷିତ ଉପାୟ ।

ଦୀର୍ଘ ସମୟ ଧରି ପିଠି କିମ୍ବା ପାଦରେ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଏ କ୍ଷେତ୍ରରେ ବାଞ୍ଛନୀୟ । ଚମଡ଼ା ମନିପର୍ସ ରଖିବା ଅପେକ୍ଷା କପଡ଼ାର ମନିପର୍ସ ସ୍ୱାସ୍ଥ୍ୟ ପାଇଁ ଭଲ । ତେବେ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ସତର୍କତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

**କ୍ୟାମ୍ପ ଆସିଷ୍ଟାଣ୍ଟ,**
**ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର,**
**କଟକ, ମୋ- ୮୨୬୦୪୦୮୮୩୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୫ ଯାଏଁ...

ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି । ଶ୍ରୀ ପଶୁପାଳକ ଏକ ପ୍ରେସ୍ ବାର୍ତ୍ତା ଜାରି କରି କହିଛନ୍ତି ଯେ, ବିଭିନ୍ନ ଆନ୍ତର୍ଜାତିକ ପାଣିପାଗ ସଂସ୍ଥା ଲଘୁଚାପ ନେଇ କରିଥିବା ଆକଳନ ଗତକାଲିଠାରୁ ଭିନ୍ନ ରହିଛି । ପ୍ରମୁଖ ସଂସ୍ଥାମାନେ କହୁଛନ୍ତି ଯେ, ଚଳିତ ସପ୍ତାହରେ ବର୍ତ୍ତମାନ ଲଘୁଚାପ ସହିତ ଆଉ ଗୋଟିଏ ଲଘୁଚାପ ସୃଷ୍ଟି ହେବ । ଜିଏଫ୍ଏସ୍ ଏବଂ ଇସିଏମ୍‌ଡବ୍ଲ୍ୟୁଏଫ୍ ମଧ୍ୟ କହୁଛି ବର୍ତ୍ତମାନ ଚାଲୁଥିବା ଲଘୁଚାପ ଅଧିକ ଘନୀଭୂତ ହେବ ନାହିଁ । ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହୁଛି ୨୨ ରୁ ୨୪ ତାରିଖ ମଧ୍ୟରେ ଏହା ଘନୀଭୂତ ହେବ । ଉଭୟ ବିଦେଶୀ ମଡେଲ କହୁଛି ଏହି ଦୁଇଟି ଯାକ ଲଘୁଚାପ ସଂଗଠିତ ହୋଇ ଏକାଠି ରହିବେ ।

ଦ୍ୱିତୀୟ ଲଘୁଚାପର ଆକଳନ ହେଲା ଯେପରି ଜିଏଫ୍ଏସ କହୁଛି ୨୫ ତାରିଖରେ ଦୁଇଟି ଯାକ ଲଘୁଚାପ କେନ୍ଦ୍ରୀୟ ବଙ୍ଗୋପସାଗରରେ ସଂଗଠିତ ହେବା ସହ ଏକାଠି ହୋଇ ୨୬ ରୁ ୨୭ ତାରିଖ ମଧ୍ୟରେ ବାତ୍ୟା ଏବଂ ୨୮ ରୁ ୨୯ ତାରିଖରେ ଆନ୍ଧ୍ର ଉପକୂଳରୁ ବାଂଲାଦେଶ ମଧ୍ୟରେ ଉପକୂଳକୁ ମୁହାଁଇବ । ଇସିଏମ୍‌ଡବ୍ଲ୍ୟୁଏଫ୍ ମଡେଲ କହୁଛି କିଛି ବିଳମ୍ବରେ ଏକାଠି ହୋଇ ଅବପାତରେ ପରିଣତ ହେବ । ଆନ୍ଧ୍ର ଉପକୂଳକୁ ମୁହାଁଇବ । ତେବେ ଆଇଏମ୍‌ଡି କହୁଛି ୨୬ ଓ ୨୭ ତାରିଖରେ ଘନିଭୂତ ସମ୍ଭାବନା କମ୍ ।

ତେବେ ଏହାର ସାଂରାଂଶ ହେଉଛି ଯେ, ବଙ୍ଗୋପସାଗରରେ ଏହି ସପ୍ତାହରେ ସମୁଦ୍ର ଓ ଉପରିସ୍ଥ ବାୟୁ ମଣ୍ଡଳରେ ପ୍ରତିକୂଳ ପରିସ୍ଥିତି ବର୍ତ୍ତମାନ ରହିଥିଲା ଲଘୁଚାପ ୨୩ ରୁ ୨୪ ତାରିଖ ସୁଦ୍ଧା ଘନୀଭୂତ ନହୋଇ ୨୪ ରୁ ୨୫ ମଧ୍ୟରେ ସମ୍ଭାବ୍ୟ ଦ୍ୱିତୀୟ ଲଘୁଚାପ ସହିତ ମିଶି ଗୋଟିଏ ସିଷ୍ଟମ ହେବ । କେବେ ଓ କେତେ ଘନୀଭୂତ ହେବ ଏବଂ ଗତିପଥ କଦଣ ରହିବ ତାହା ବର୍ତ୍ତମାନ ଅନିଶ୍ଚିତତା ଭିତରେ । ଏହା ୨୪ ତାରିଖ ବେଳକୁ ଏହା ଅଧିକ ସ୍ପଷ୍ଟ ହୋଇପାରେ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

## ମୁକାବିଲା...

ସୂଚନା ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ଥିବାରୁ ଏହାକୁ ରେଡ୍ ଆଲର୍ଟ କରାଯାଇଛି । ଉପକୂଳ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ରହିଛି । ବର୍ଷା ଅଧିକ ପରିମାଣର ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନକୁ ଆଲର୍ଟରେ ରଖାଯାଇଛି । ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ମନ୍ତ୍ରୀ କହିଛନ୍ତି ।

## ମାମଲା...

ତଦନ୍ତ ଟିମ୍‌ରେ ୪ଜଣ ମହିଳା ଡିଏସ୍‌ପି ଅନ୍ତର୍ଭୁକ୍ତ ହୋଇଛନ୍ତି । ସେମାନେ ତଦନ୍ତ କରିବେ, ତାଙ୍କୁ ମନିଟରିଂ କରିବେ ଏସ୍. ସାଇନି ବୋଲି ସୂଚନା ମିଳିଛି । ଝାଡ଼ଖଣ୍ଡ ପୋଲିସ ସହ ଯୋଗାଯୋଗ କରାଯାଇ ନାବାଳିକାଙ୍କ ବିସ୍ତୃତ ତଥ୍ୟ ସଂଗ୍ରହ କରାଯିବ । ବୁଧବାରଠାରୁ କ୍ରାଇମବ୍ରାଞ୍ଚ ଟିମ୍ ରେଡ୍‌ଫ୍ଲାଗ ମାମଲାର ତଦନ୍ତ ଆରମ୍ଭ କରିବ ।

## ୭ କୋଟି...

ବିଏମ୍‌ଡବ୍ଲ୍ୟୁ ପକ୍ଷରୁ ଲୋକପାଳଙ୍କ ଡ୍ରାଇଭର ଓ କର୍ମଚାରୀଙ୍କୁ ୭ ଦିନ ପ୍ରଶିକ୍ଷଣ ଦିଆଯିବ । ଏହି ଗାଡ଼ି ଚଳାଇବା ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଆଯିବ । ଏହାକୁ ରାଜନୈତିକ ନେତାମାନେ ସମାଲୋଚନା କରିଛନ୍ତି । ସେମାନେ ପ୍ରଶ୍ନ କରିଛନ୍ତି ଯେ ଦୁର୍ନୀତି ରୋକିବାକୁ ଥିବା ସଂସ୍ଥା ଏବେ ଆରାମଦାୟକ ଗାଡ଼ି ଖୋଜୁଛନ୍ତି । କଂଗ୍ରେସ ନେତା ସନ୍ଦୀପ୍ ଦିକ୍ଷୀତ୍ କହିଛନ୍ତି ଯେ ଲୋକପାଳ ଭାରତରେ ନିର୍ମାଣ ହେଉଥିବା କାର କିଣିବା ଆବଶ୍ୟକ । କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶୀ କଥା କହୁଛନ୍ତି । ବିଜେପି ପକ୍ଷରୁ ୟୁପିଏ ସରକାରର ଦୁର୍ନୀତି ନେଇ ଅଭିଯୋଗ କରାଯାଇଥିଲା । ତେବେ କିଭଳି ଲୋକପାଳଙ୍କୁ ଏଭଳି ଆରାମଦାୟକ ଗାଡ଼ି ଦିଆଯାଉଛି ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ସେହିଭଳି ତେଲେଙ୍ଗାନାର ଅନ୍ୟତମ କଂଗ୍ରେସ ନେତା ରାମମୋହନ ରେଡ୍ଡୀ କହିଛନ୍ତି ଯେ ଗତ ୧୧ ବର୍ଷରେ ନରେନ୍ଦ୍ର ମୋଦୀଙ୍କ ସରକାର ଗୋଟିଏ ବି ଦୁର୍ନୀତି ମାମଲାର ସମାଧାନ କରିନାହାନ୍ତି । ଏବେ ୫ କୋଟି ଦେଇ ଗାଡ଼ି କିଣୁଛନ୍ତି । ନୀତି ଆୟୋଗର ପୂର୍ବ ସିଇଓ ଅମିତାଭ୍ କାନ୍ତ କହିଛନ୍ତି ଯେ ଲୋକପାଳ ଏହି ଟେଣ୍ଡରକୁ ବାତିଲ କରିବା ଦରକାର । ସେମାନେ ମହିନ୍ଦ୍ରାର ଇଭି ଗାଡ଼ି କିଣିବା ଆବଶ୍ୟକ ।

## ଔଷଧ...

ଓ ଔଷଧ ନିଗମରେ ଚାକିରୀ କରୁଥିବା ସ୍ୱାସ୍ଥ୍ୟ ବିଭାଗ ଚିଠିରେ ଉଲ୍ଲେଖ ରହିଛି । ଏହାର ସଠିକ ଅନୁସନ୍ଧାନ ପାଇଁ ଦାବି ହେଉଛି ।

## ଟ୍ରମ୍ପଙ୍କ...

ଭାରତୀୟଙ୍କ ଛାତ୍ରଙ୍କ ସଂଖ୍ୟା ୨୦୨୪ରେ ୨୭ % ଥିଲା । ଗତବର୍ଷ ଏଥିରେ ୧୧.୮ % ବୃଦ୍ଧି ହୋଇଛି । ତେବେ ଯେଉଁମାନଙ୍କର ଏଚ୍-୧ବି ଭିସା ଏବେବି ବଳବତ୍ତର ରହିଛି ସେମାନେ ଆଉ ଆବେଦନ କରିବେ ନାହିଁ ବୋଲି ଦର୍ଶାଯାଇଛି ।

# ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ୧୧ ହଜାର ଦୀପ ପ୍ରଜ୍ୱଳନ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ନିଆରା ଦୀପାବଳି ପାଳିତ ହୋଇଯାଇଛି । ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୧୧ହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ଏସପି ମୁକେଶ ଭାମୁ, ଏସଏମସି କମିଶନର ରେହାନ କ୍ଷତ୍ରୀ, ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ । ପ୍ରଥମ ଥର ପାଇଁ ସମଲେଶ୍ୱରୀ ମନ୍ଦିରରେ ଏଭଳି ଦୀପାବଳି ପାଳନ ହେଉଥିବା ବେଳେ ଆଗକୁ ପ୍ରତ୍ୟେକ ବର୍ଷ ଏହିଭଳି ପାଳନ କରାଯିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କହିଛନ୍ତି । ତେବେ ସମଲେଶ୍ୱରୀ ମନ୍ଦିରକୁ ଆସିଥିବା ବହୁ ଶ୍ରଦ୍ଧାଳୁ ଏହି ଦୀପାବଳିରେ ସାମିଲ ହୋଇ ଦୀପ ଜାଳି ଖୁସିବ୍ୟକ୍ତ କରିଥିଲେ । ଅନ୍ୟପଟେ ମନ୍ଦିର ପରିସରରେ ୧୧ ହଜାର ଦୀପର ଶିଖା ଏକ ଅନ୍ୟନ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା ।

### ନୂଆପଡା ଉପ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ

# ୧୯ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ନୂଆପଡା,(ସବ୍ୟୁ): ନୂଆପଡା ବିଧାନସଭା ଉପ ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । ସମୟ ସୀମା ମଧ୍ୟରେ ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜୁ ଜନତା ଦଳରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୋମବାର ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ ଦୁଇ ଗୋଟି ଲେଖାଏଁ ଅତିରିକ୍ତ ନାମାଙ୍କନ ପତ୍ର ପ୍ରଦାନ କରିଛନ୍ତି । ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିରୁ ରାଜା ରାମ ସାହୁ, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହା ସହିତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ମାନେ ହେଲେ ଆଶ୍ରୟ ମହାନନ୍ଦ, ଇ.ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ, ଭୁବନଲାଲ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ, ଭକ୍ତବନ୍ଧୁ ଧରୁଆ, ନୀତା ବାଗ ଏବଂ ଲକ୍ଷ୍ମୀ କାନ୍ତ ତାଣ୍ଡି । ଉପ ନିର୍ବାଚନ ପାଇଁ ୨୫ ଜଣ ପ୍ରାର୍ଥୀ ୩୫ ଗୋଟି ଫର୍ମ କ୍ରୟ କରି ୧୯ ଗୋଟି ସେଟ ଦାଖଲ କରିଛନ୍ତି ।

# ଲଘୁଚାପ ଜନିତ ବର୍ଷାରେ ଧାନଗଛ ତଳେ ପଡି ନଷ୍ଟ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। ହେଲେ ପ୍ରତିବର୍ଷ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଫଳରେ ତାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିଥାଏ। ଚଳିତ ବର୍ଷ ଜିଲ୍ଲାରେ ଜମିରେ ପାଣି ସମସ୍ୟା ଯୋଗୁଁ ଚାଷୀ ଡେରିରେ ଚାଷ କାମ ଆରମ୍ଭ କରିଥିବା ବେଳେ ଠିକ ସମୟରେ ସାର ନ ମିଳିବାରୁ ଚାଷୀ ହତାଶ ହୋଇ ପଡିଥିଲା। ତାହାକୁ ସୁଧାରିବାକୁ ଚେଷ୍ଟା କରୁଥିବା ବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କୁ ଦାଉସାଜିଛି। ଅଦିନିଆ ବର୍ଷାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶହଶହ ଏକ ଜମିରେ ଧାନ ଫସଲ ଗୁଡିକ ତଳେ ପାଣିରେ ପଡି ଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡି ଯାଇଛି। ଫଳରେ ଚାଷୀ ବିପୁଳ ପରିମାଣରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଦେଖାଦେଇଛି। ଚାଷୀ ଧାର କରଜ କରି ଚାଷ କରିଥିବା ବେଳେ ଜମିରେ ପରିପକ୍ୱ ଅବସ୍ଥାରେ ଥିବା ଧାନ ଫସଲ ସମ୍ପୂର୍ଣ୍ଣ ରୂପେ ତଳେ ପଡିଯିବାରୁ ଚାଷୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଗତ କିଛି ଦିନ ହେବ ହରଭଙ୍ଗା ବ୍ଲକରେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ହରଭଙ୍ଗା ବ୍ଲକରେ ବ୍ୟାପକ କ୍ଷତି ହୋଇଥିବା ଜଣାଯାଏ। ଲଘୁଚାପ ଜନିତ ବର୍ଷା ଯୋଗୁଁ ହରଭଙ୍ଗା ବ୍ଲକର ସରସରା ପଂଚାୟତର ବିଭିନ୍ନ ସ୍ଥାନରେ ଧାନ ଗଛ ଗୁଡିକ ତଳେ ପାଣିରେ ପଡିରହିଛି। ଫଳରେ ଚାଷୀ ଚିନ୍ତାରେ ପଡିଯାଇଛି। କେତେକ ସ୍ଥାନରେ ଧାନ ପରିପକ୍ୱ ଅବସ୍ଥାରେ ରହିଥିବା ବେଳେ ଆଉ କେତେକ ସ୍ଥାନରେ ଧାନ ସବୁ ହେଲାଣି ଏପରିସ୍ଥଳେ ଧାନଗଛ ଗୁଡିକ ତଳେ ପଡିଯିବା ଯୋଗୁଁ ଚାଷ ଆଉ ଆଗକୁ ଭଲ ହେବ ନାହିଁ ଫଳରେ ଚାଷୀ ଯେଉଁ ଋଣକରିଆଣି ଚାଷ କରିଛି ତାହାକୁ କିପରିସୁଝିବ ତାକୁନେଇ ଚିନ୍ତାରେ ପଡିଯାଇଛି ।

# ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲାର କଳା ସଂସ୍କୃତି ପରମ୍ପରା ଭକ୍ତି ଏବଂ ଭାବନାର ଅପୂର୍ବ ସମାହାର ହେଉଛି ବୌଦ୍ଧ ଜିଲ୍ଲାର ମାଁ ଭୈରବୀ ମହୋତ୍ସବ । ବୌଦ୍ଧ ଜିଲ୍ଲା ର ଇଷ୍ଟ ଦେବୀ ମା ଭୈରବୀଙ୍କ ନାମରେ ନାମିତ ଭୈରବୀ ମହୋତ୍ସବ । ପଞ୍ଚମ ରାଜ୍ୟ ସ୍ତରୀୟ ମାଁ ଭୈରବୀ ମହୋତ୍ସବ ଚଳିତ ବର୍ଷ ନଭେମ୍ବର ମାସ ୧୮ ତାରିଖ ରୁ ଆରମ୍ଭ ହେବାକୁ ଯାଉଛି । ମଙ୍ଗଳବାର ପୁରୁଣାକଟକ ସ୍ଥିତ ମହୋତ୍ସବ ପଡିଆ ଠାରେ ମାଁ ଭୈରବୀ ସାଂସ୍କୃତିକ ପରିଷଦର ସଭାପତି ଅଶୋକ କୁମାର ଅଗ୍ରଓ୍ୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ଶୁଭ ଖୁଣ୍ଟି ସ୍ଥାପନ କରିଥିଲେ । ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରଯାଇ ଶୁଭ ଖୁଣ୍ଟି ସ୍ଥାପନ ହୋଇଥିଲା । ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କିପରି ମହୋତ୍ସବ ଶାନ୍ତି ଶୃଙ୍ଖଳା ସହ ଆକର୍ଷଣୀୟ କରାଯିବ ।ସେନେଇ ପୁଙ୍ଖାନୁପଙ୍ଖ ଆଲୋଚନା କରାଯାଇଥିଲା । ମହୋତ୍ସବରେ ପ୍ରତିଦିନ ଜିଲ୍ଲା ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ପଲ୍ଲିଶ୍ରୀ ମେଳା ଓ ବାଣିଜ୍ୟ ମେଳାର ମଜା ନେବା ସହ ବିଭିନ୍ନ ସାମଗ୍ରୀ କିଣି ପାରିବେ ଦର୍ଶକ । ଅନ୍ୟପଟେ ଭୈରବୀ ମହୋତ୍ସବ ବିଗତ ୪ବର୍ଷ ମଧ୍ୟରେ ଜିଲ୍ଲାସ୍ତରୀୟ ମହୋତ୍ସବରୁ ରାଜ୍ୟ ସ୍ତରୀୟ ମହୋତ୍ସବ ରେ ପରିଣତ ହୋଇଛି । ତେଣୁ ଆଗାମୀ ଦିନରେ ଏହି ମହୋତ୍ସବ ଅଧିକ ଆକର୍ଷଣୀୟ କରିବା ପାଇଁ ବୌଦ୍ଧ ବିଧାୟକ ବୈଠକରେ ଉଦବୋଧନ ଦେଇଥିଲେ । ବୈଠକରେ ମହୋତ୍ସବ କମିଟିର ସଦସ୍ୟ କୈଳାସ ଅଗ୍ରଓ୍ୱାଲ, ସୁକାନ୍ତ ପଟ୍ଟନାୟକ, ସତୀଶ ବେହେରା, ମନୋଜ ସାହୁ, ପ୍ରଶାନ୍ତ ସେଠି, ବାଳକୃଷ୍ଣ ନାୟକ, ବିଜୟ କହଁର, ତୁଷାର ସାହୁ,ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି,ସିପୁନ ମିଶ୍ର, ଦୀପକ ସେଠିଙ୍କ ସମେତ ସାମ୍ବାଦିକ, ବୁଦ୍ଧିଜୀବୀ ଓ ଭୈରବୀ କ୍ଲବର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିବା ବେଳେ ଶେଷରେ ମହୋତ୍ସବ କମିଟି ର ଉପ ସଭାପତି ଅକ୍ରୁର ସେଠି ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ମହୋତ୍ସବ ନଭେମ୍ବର ୧୮ ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬ଦିନ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି ।

# ସର୍ଟ୍ ସର୍କିଟରୁ ନିଆଁ, ପୋଡ଼ିଗଲା ୩ ଲକ୍ଷର ସାମଗ୍ରୀ

ମୁରିବାହାଲ,(ସବ୍ୟୁ): ଦୀପାବଳି ପୂଜାରେ ଅଘଟଣ ଦେଖିବାକୁ ମିଳିଛି ।ବିଦ୍ୟୁତି ସର୍ଟ ସର୍କିଟରୁ ନିଆଁ ଲାଗି ଏକ ଫଟୋ ଷ୍ଟୁଡ଼ିଓ ଦୋକାନରେ ଥିବା ୩ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଛାରଖାର ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର,ବସ୍ତିର ପଦ୍ମଲୋଚନ ବାଗ (୪୨) ଷ୍ଟେସନପଡ଼ା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ ପାଖରେ ଏକ ଫଟୋ ଷ୍ଟୁଡ଼ିଓ ଦୋକାନ ଦେଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ । ସୋମବାର ସନ୍ଧ୍ୟାରେ ସେ ପବିତ୍ର ଦୀପାବଳୀ ଉପଲକ୍ଷେ ପୂଜାର୍ଚ୍ଚନା ସାରି ରାତି ୮ଟାରେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ । ରାତି ୧୨ଟାରେ କୌଣସି କାରଣରୁ ଷ୍ଟୁଡିଓରେ ନିଆଁ ଲାଗିଥିବା ସେ ଖବର ପାଇଥିଲେ । ସେ ଆସି ଦେଖିଲା ବେଳକୁ ସର୍ଟ ସର୍କିଟ ହୋଇ ଷ୍ଟୁଡିଓଟି ସମ୍ପୁର୍ଣ୍ଣ ଜଳି ପୋଡ଼ି ଯାଉଛି । ପରେ ମୁରିବାହାଲ ଦମକଳ ବାହିନୀକୁ ମଧ୍ୟ ଖବର ଦେଇଥିଲେ । ଦମକଳ ବାହିନୀ ସହାୟତାରେ ସେ ଷ୍ଟୁଡିଓରେ ଲାଗିଥିବା ନିଆଁକୁ ଆୟତ୍ତ କରିପାରିଥିଲେ ମଧ୍ୟ ସେତେବେଳକୁ ଦୋକାନଟି ସମ୍ପୁର୍ଣ୍ଣ ପୋଡ଼ି ଛାରଖାର ହୋଇସାରିଥିଲା । ନିଆଁରେ ଫଟୋ ଷ୍ଟୁଡ଼ିଓ ଦୋକାନରେ ଥିବା ପ୍ରିଣ୍ଟର ଇଙ୍କ ୫୦ ପିସ୍,ଫଟୋ ପେପର ଶହେ ପ୍ୟାକେଟ,ପିଭିସି କାର୍ଡ ୧୦ପ୍ୟାକେଟ, ଜେରକ୍ସ କ୍ୟାଟ୍ରିଜ୍ ୫୦ପିସ୍,ଜେରକ୍ସ ପେପର ୨ପ୍ୟାକେଟ,ଫଟୋ ଫ୍ରେମ୍ ଶହେ ପିସ୍, ପ୍ରିଣ୍ଟର ୨ପିସ୍ ଓ ଇନଭର୍ଟର ଗୋଟିଏ ପିସ୍ ପୋଡ଼ି ମିଶାଇ ମୋଟ ୩ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଛାରଖାର ହୋଇଯାଇଥିଲା । ସେ ଏ ସମ୍ପର୍କରେ ମୁରିବାହାଲ ଥାନାରେ ଏକ ଏତଲା ଦେଇଥିବା ଜଣାପଡିଛି । ଫଟୋ ଷ୍ଟୁଡ଼ିଓ ଦୋକାନ ପୋଡ଼ି ଯୋଗୁଁ ସର୍ବସ୍ୱାନ୍ତ ପଦ୍ମଲୋଚନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ପୂର୍ବତନ ଜିଲ୍ଲା ଜଜ୍‌ଙ୍କ ପରଲୋକ



ଭୁବନେଶ୍ୱର (ସବ୍ୟୁ) : ପୂର୍ବତନ ଜିଲ୍ଲା ଜଜ୍ ଶିଶିର ଚନ୍ଦ୍ର ମିଶ୍ରଙ୍କର ପରଲୋକ ହୋଇଯାଇଛି। ଗତ ୧୭ ତାରିଖରେ ଭୁବନେଶ୍ୱର ଠାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଖାଉଟି ଉଦ୍ୟୋଗ ଅଦାଲତରେ ପ୍ରେସିଡେଣ୍ଟ ଥିଲେ ଏବଂ ସିକିମ୍ ଲୋକାୟୁକ୍ତରେ ୫ ବର୍ଷ ପାଇଁ ଲୋକପାଳ ଥିଲେ। ତାଙ୍କ ବିୟୋଗରେ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ଓଡ଼ିଶା ଜୁଡିସିଆଲ ରିଟାର୍ଡ ଜିଲ୍ଲା ଜଜ୍ ଆସୋସିଏସନ୍ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛି। ଓଡ଼ିଶା ଜିଲ୍ଲାସ୍ତରୀୟ ଅଦାଲତ କାର୍ଯ୍ୟରେ ତାଙ୍କ କାର୍ଯ୍ୟ ପ୍ରଣାଳୀ ସ୍ମରଣୀୟ ହୋଇ ରହିବ ବୋଲି ସେମାନେ କହିଛନ୍ତି। ବହୁ ପୂର୍ବତନ ଜିଲ୍ଲା ଜଜ୍ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଥିଲେ।

# ମହିଳା କଲେଜରେ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସରକାରୀ ମହିଳା କଲେଜର ଜାତୀୟ ସେବା ସଂସ୍ଥା ଦ୍ୱାରା ୭ ଦିନିଆ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବ ସଭା ହୋଇଥିଲା । ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବୀରେନ୍ଦ୍ର କୁମାର ବେହେରା ଯୋଗଦାନ କରି ସ୍ୱେଚ୍ଛାସେବୀମାନେ ସମାଜର ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ । ଏନ୍ଏସ୍ଏସ୍ ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସ୍ୱେଚ୍ଛାସେବୀ ଭଉଣୀ ମାନଙ୍କୁ ଉଦବୋଧନ ଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏନ୍ଏସ୍ଏସ୍ ସଂଯୋଜିକା ଡ. ସଂଧ୍ୟାମୟୀ ସାହୁ ୭ ଦିନର ବିଭିନ୍ନ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ । ପ୍ରଫେସର ମିହିର କୁମାର ଥାଟି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ୭ ଦିନବ୍ୟାପି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ବସ୍ତି ସଫେଇ, ଚାରାରୋପଣ, ପରିମଳ ପ୍ରବନ୍ଧନ, ବେଟି ପଢ଼ାଓ ବେଟୀ ବଚାଓ, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା, ପଥପ୍ରାନ୍ତ ନାଟକ, ନାଗରିକ ପ୍ରଶ୍ନମଞ୍ଚ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ୱେତଲାନା ତିର୍କୀ, ସୁଷମା ସୁଇଙ୍କ ସମେତ ନାଗୀନ ଚୋଟୀ ଅଞ୍ଚଳର ଜନସାଧାରଣ ସ୍ୱେଚ୍ଛାସେବୀଙ୍କୁ ବିପୁଳ ସମର୍ଥନ ଓ ସହଯୋଗ କରିଥିଲେ । କେମ୍ପ ଫାୟାର ପରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା ।

# ଖଣ୍ଡାଧୁଆ ଯାତ୍ରା ସହ କାଳୀପୂଜାର ଶୁଭାରମ୍ଭ

ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ହନୁମାନ ପଡ଼ା ସ୍ଥିତ ହନୁମାନ ମନ୍ଦିର ପରିସରରେ ଜଗତଜନନୀ ମା ଶ୍ୟାମା କାଳୀଙ୍କ ପୁଜନୋତ୍ସବ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଖଣ୍ଡଧୂଆ ଯାତ୍ରା ସହ ଆରମ୍ଭ ହୋଇଯାଇଛି । ପଡ଼ାର ଶତାଧିକ ମହିଳା ଓ ପୁରୁଷ ଭବ୍ୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ସ୍ଥାନୀୟ କଣ୍ଟା ବନ୍ଧରୁ ପବିତ୍ର ଜଳ ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ । ରାତ୍ରି ୧୨ଟା ରେ ଚକ୍ଷୁଦାନ କରାଯାଇଥିଲା । ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଲଳିତ ଶତପଥୀ ସପନିକ ଏଥିରେ କର୍ତ୍ତା ହୋଇଛନ୍ତି । ଆସନ୍ତା ଶୁକ୍ରବାର ଦିନ ମାଙ୍କ ଭସାଣୀ କାର୍ଯ୍ୟକ୍ରମ ରହିଥିବା ବେଳେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ଅପରାହ୍ନରେ ଆୟୋଜକ ସାର୍ବଜନୀନ କାଳୀ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସମସ୍ତ କାର୍ଯକ୍ରମ ସଭାପତି ଅଜିତ କୁମାର ଶତପଥୀ, ଉପସଭାପତି ପ୍ରିୟରଞ୍ଜନ ଭୋଇ ଓ ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଆଦର୍ଶ ନାଥ, ସହସମ୍ପାଦକ ଅଜୁ ପଟ୍ଟନାୟକ, କୋଷାଧକ୍ଷ ଶ୍ୟାମଳ ଦାସ, ସରୋଜ ମିଶ୍ର, ନରସିଂହ ପଟ୍ଟନାୟକ, ଅଶୋକ ବହିଦାର, ସୁବାଷ ପାତ୍ର, ପିଣ୍ଟୁ ନାଥ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି ।

# କଳସ ଶୋଭାଯାତ୍ରାରୁ ଆରମ୍ଭ ହେଲା କାଳୀପୂଜା

କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକୟୁଥ ଫ୍ରେଣ୍ଡସ ଆସୋସିଏସନ କଲରାକୋଠା ପକ୍ଷରୁ ଆୟୋଜିତ ୩୭ତମ ସାର୍ବଜନୀନ ଶ୍ୟାମା କାଳୀପୂଜା ଅବସରରେ ସୋମବାର ମହିଳାମାନଙ୍କ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯଜ୍ଞ କର୍ତ୍ତା ହରିଶ୍ଚନ୍ଦ୍ର ରଣା ସସ୍ତ୍ରିକଙ୍କ ସହ ସହସ୍ରାଧିକ ମହିଳା କଳସ ଧରି ଢୋଲ, ନାମ ସଂକୀର୍ତ୍ତନ୍ୟ ଦଳ,



ଘଣ୍ଟ ଘଣ୍ଟୁଆଳ, ଛଉ ନୃତ୍ୟ,କଟ୍ୟା ଦଳ ସହ କଲରାକୋଠା ଠାରୁ ଶୋଭାଯାତ୍ରାରେ ଆସି ଖଲିଆପାଲି ବନ୍ଧରୁ କଳସରେ ଜଳଧରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଘଣ୍ଟ ଘଣ୍ଟୁଆଳ ଓ ଢୋଲ, ଦୂଳଦୁଳି ଶବ୍ଦରେ ରାଜରାସ୍ତା ମୁଖରିତ ହୋଇ ଉଠିଥିଲା । ଏହି ବିରାଟ ଓ ଭବ୍ୟ ଶୋଭାଯାତ୍ରା ଦେଖିବାପାଇଁ ରାଜରାସ୍ତା ଉଭୟ ପାଶ୍ୱର୍ରେ ଜନସମାଗମ ହୋଇଥିଲା । ସେହିପରି ସନ୍ଧ୍ୟାରେ ପୂଜା ମଣ୍ଡପରେ ମା'ଙ୍କ ପୂଜାରମ୍ଭ ହୋଇଛି । କାଳୀପୂଜା ଉପଲକ୍ଷେ ଆୟୋଜିତ ମହିଷାଶୁର ଦରବାରର ଆରମ୍ଭ ହେବାସହ ସନ୍ଧ୍ୟାରେ ମହିଷାଶୁର ରାଜଦାରବାରରେ ମହିଷାଶୁର ନାଟକ ସହ ରଙ୍ଗସଭାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମୀନାବଜାରରେ ବହୁ ସଂଖ୍ୟାରେ ଦୋକାନ ବଜାର, ଖାଦ୍ୟ ସାମଗ୍ରୀ ଦୋକାନରେ ଜନସମାଗମ ଦେଖିବାକୁ ମିଳିଥିଲା । କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଣା ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଗିରିଗୋବର୍ଦ୍ଧନ ପୂଜା , ପ୍ରହରୀ ପାଇଁ କଳସ ଶୋଭାଯାତ୍ରା

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଓ ଲଖନା ଗ୍ରାମ ପଞ୍ଚାୟତ ଯାଦବ ସମାଜ ତରଫରୁ ୨୭ତମ ଗିରିଗୋବର୍ଦ୍ଧନ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର ଅପରାହ୍ନରେ ମହା ଆଡମ୍ବରରେ ଭବ୍ୟ କଳସ ଶୋଭାଯାତ୍ରା,ଗଙ୍ଗା ଆବାହନ ଓ ଅଧିବାସ ପର୍ବ ଅନୁଷ୍ଠିତ ହୋଇଯାଇଛି । ଗିରି ଗୋବର୍ଦ୍ଧନ ପୂଜା କର୍ତ୍ତା ଭାବେ କବିରାଜ ବାଗ ଓ ତାଙ୍କ ଧର୍ମପନି ରୀତା ବାଗ, ଅଷ୍ଟ ପ୍ରହର ନାମଯଜ୍ଞର କର୍ତ୍ତା ଭାବରେ ଶ୍ରୀପତି ଶା,, ଓ ତାଙ୍କର ଧର୍ମପନୀ ସାବିତ୍ରୀ ଶାଣ୍ଡ,ପୂଜକ ଭାବରେ କାଶୀନାଥ ଦାଶ, ସ୍ୱସ୍ତିକ ଯୋଶୀ ଓ ଶୁଭମରଞ୍ଜନ ଦାଶ ଦାୟିତ୍ୱ ନିର୍ବାହ କରୁଛନ୍ତି । ବୁଧବାର ନାମାରମ୍ଭ ହେବ ବୋଲି ଜଣାପଡିଛି । ଆୟୋଜକ ଗିରି ଗୋବର୍ଦ୍ଧନ ପୂଜା କମିଟି ସଭାପତି ସୁଧାଂଶୁ ପୋଢ଼ ଯାଦବ,କାର୍ଯ୍ୟକାରୀ ସଭାପତି ଦେବାର୍ଚ୍ଚନ ଥପା, ସାଧାରଣ ସମ୍ପାଦକ ଦିଲ୍ଲୀପ ବାଗ ଓ କୋଷାଧକ୍ଷ ଦୈତାରୀ ହାତୀଙ୍କ ସହ ମୁରିବହାଲ ଓ ଲଖନା ପଞ୍ଚାୟତର ଶତାଧିକ ମହିଳା ଓ ଯାଦବମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇ ସମ୍ପୁର୍ଣ୍ଣ ସହଯୋଗ କରୁଛନ୍ତି । ସେହିପରି ବ୍ଲକର ଚଣାବାହାଲ ପଞ୍ଚାୟତ ପୁଡ଼ାପାଲି ଗ୍ରାମର କରାଡୁଙ୍ଗୁରୀ ଓ ଡଙ୍ଗରପଡ଼ା ପଞ୍ଚାୟତ କୋକଡୁଙ୍ଗୁରୀ ଛକ ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଗିରି ଗୋବର୍ଦ୍ଧନ ପୂଜା ଓ ଷୋହଳ ପ୍ରହରୀ ନାମଯଜ୍ଞ ପାଇଁ ମଙ୍ଗଳବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ପୂଜାର୍ଚ୍ଚନା ଓ ନାମାରମ୍ଭ ହେବ ବୋଲି ଜଣାପଡିଛି ।

# ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ସଭାରେ ମାହେଶ୍ୱରୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଯୋଗ ଦେଇ କହିଥିଲେ । ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ଛୋଟ ପିଲାଥିବା ସମୟରୁ ଶିକ୍ଷକତା କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । କେବଳ ସେ ସଂଗ୍ରାମୀ ନୁହେଁ ସମାଜସେବାରେ ବି ତାଙ୍କର ଅବଦାନ ଅତୁଳନୀୟ ଥିଲା । ତେବେ ତାଙ୍କୁ ଯେଉଁ ସମ୍ମାନ ମିଳିବା କଥା ତାହା ମିଳିପାରିନଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ପରିବାର ଅପେକ୍ଷା ଦେଶର ସେବା ତଥା ଅଞ୍ଚଳର ବିକାଶକୁ ବାପା କିଭଳି ସଦାସର୍ବଦା ସର୍ବୋପରି କହୁଥିଲେ ସେ ସମ୍ପର୍କରେ ଘନଶ୍ୟାମ ପାଣିଗ୍ରାହୀଙ୍କ ସୁପୁତ୍ର ଶାନ୍ତି ପାଣିଗ୍ରାହୀ ସ୍ମୃତି ଚାରଣ କରିଥିଲେ । ପରିବାରକୁ ବହୁତ ଭଲ ପାଉଥିଲେ, ହେଲେବି ସ୍ୱାଧୀନତା ଆନ୍ଦୋଳନରେ ମାତିଯାଇ ପରିବାରକୁ ବିଶେଷ ସମୟ ଦେଇ ପାରୁନଥିଲେ । ତଥାପି, ପରିବାର ଲୋକଙ୍କର ସେ ବହୁତ ପ୍ରିୟ ଥିଲେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ଡ଼. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଗୋପୀନାଥ ଷଡ଼ଙ୍ଗୀ, ସୁଶୀଲ କୁମାର ତ୍ରିପାଠୀ, ସୂର୍ଯ୍ୟ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଡ଼. ନରେନ୍ଦ୍ର ବେହେରା, ସ୍ୱାଧୀନତା ସଂଗ୍ରାମୀଙ୍କର ନାତି ଡାକ୍ତର ସୁକାନ୍ତ ପାଣିଗ୍ରାହୀ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜସ୍ୱ ମତ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ମୋହିନୀ ମୋହନ ଦାସ, ସୁବାସ ପାଣିଗ୍ରାହୀ, ପ୍ରଫୁଲ୍ଲ ହୋତା, ଅଶୋକ ମିଶ୍ର,ପ୍ରଦୀପ ମିଶ୍ର, ଲଳିତ ବେବର୍ତ୍ତା, ଗାୟତ୍ରୀ ପାଣିଗ୍ରାହୀ, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦେବେନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**


By virtue of an affidavit sworn before Notary Public, Kendrapara, dated 18/10/2025 I, Sarat Kumar Sahoo, S/o Keshab Chandra Sahoo, Vill-Nahanga, Po-Biranilakanthapur, PS-Nikirai, Dist-Kendrapara, Pin-754211 declare that I have changed my daughter's name from Monalsha Sahoo to Monalisha Sahoo. Henceforth, she shall be known as Monalisha Sahoo for all purposes.

Sd/-Sarat Kumar Sahoo

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଦୀପାବଳିରେ 'ସ୍ୱଙ୍ଗସିଦ୍ଧା' ପୂଜା ବିଶେଷାଙ୍କ ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଦୀପାବଳି ଅବସରରେ ଚନ୍ଦ୍ରଶେଖପୁର ହାଉସିଂ ବୋର୍ଡ କଲୋନୀସ୍ଥିତ ଶିରିଡ଼ି ସାଇ ମନ୍ଦିରରେ 'ସ୍ୱଙ୍ଗସିଦ୍ଧା ଫାଉଣ୍ଡେସନ୍' ପକ୍ଷରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ସ୍ୱଙ୍ଗସିଦ୍ଧା'ର ପୂଜା ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ସାଇ ବାବାଙ୍କଠାରେ ପୂଜାର୍ଚ୍ଚନା ପରେ ବିଶିଷ୍ଟ କଥାଶିଳ୍ପୀ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର 'ସ୍ୱଙ୍ଗସିଦ୍ଧା' ପୂଜା ବିଶେଷାଙ୍କ -୨୦୨୫କୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନମିତା ପାଇକରାୟ, ବିଶ୍ୱରଞ୍ଜନ ପାଇକରାୟ, 'ସ୍ୱଙ୍ଗସିଦ୍ଧା'ର ସଂପାଦକ ଡକ୍ଟର ସୁଶୀଳ କୁମାର ବାଗ୍, ଲେଖିକା କ୍ଷୀରୋଦିନୀ ବେହେରା, ଅଧ୍ୟାପକ ଡକ୍ଟର ସତ୍ୟଜିତ ଦାସ, ସଂପାଦନା ସହଯୋଗୀ ଜିତୁ ପ୍ରଧାନ, 'ସ୍ୱଙ୍ଗସିଦ୍ଧା'ର ଟ୍ରଷ୍ଟି ମଧୁସ୍ମିତା ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ପ୍ରଚ୍ଛଦପଟ ଶିଳ୍ପୀ ଉଦୟ ନାରାୟଣ ଚଇନିଙ୍କୁ ଉପାୟନ, ଉପହାର ଓ ପୁଷ୍ପଗୁଚ୍ଛ ଦେଇ ଶ୍ରୀଯୁକ୍ତ ଧଳ ମହାପାତ୍ର ସମ୍ମାନିତ କରିଥିଲେ। 'ସ୍ୱଙ୍ଗସିଦ୍ଧା'ର ଏହି ସଂଖ୍ୟାରେ ଓଡ଼ିଶାର ବହୁ ପ୍ରବୀଣ, ଯୁବ ଲେଖକ,ଲେଖିକାଙ୍କ କବିତା,ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ଅନୁବାଦ, ସାକ୍ଷାତକାର ଆଦି ପ୍ରକାଶ ପାଇଛି।

## ନିଶାମୁକ୍ତ କେନ୍ଦ୍ରରେ ତଣ୍ଟି ଚିପି ହତ୍ୟା

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ଗ୍ରାମରେ କାବୁଲି ମୂଳିଆ ନାମକ ଜନୈକ ବ୍ୟକ୍ତିଙ୍କ 'ସମ୍ପୂର୍ଣ୍ଣା' ନାମରେ ଏକ ନିଶାମୁକ୍ତ କେନ୍ଦ୍ର ରହିଛି । ସୋମବାର ଦିନ ନିଶାମୁକ୍ତ କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରେ କୌଣସି କାରଣବଶତଃ ଗଣ୍ଡଗୋଳ ହେବା ଫଳରେ ୪ ଜଣ ଅନ୍ତେବାସୀ ମିଶି ସୌମ୍ୟରଞ୍ଜନ ଦାସଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ନିକଟସ୍ଥ ଥାନାରେ ଅଭିଯୋଗ କରାଯାଇଛି । ମୃତ ଯୁବକଙ୍କ ଘର ଖୋର୍ଦ୍ଧା ଅଞ୍ଚଳରେ ଓ ସେ ଦୀର୍ଘ ୪ ମାସ ହେବ ନିଶାମୁକ୍ତ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ମୃତ ଖବର ପାଇ ସଦର ଥାନା ପୋଲିସ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂତ୍ରରୁ ଜଣାପଡିଛି ।

### ମହିଳାଙ୍କୁ ସରକାରୀ ଚାକିରିର ପ୍ରଲୋଭନ ଦେଖାଇ

# ଲକ୍ଷାଧିକ ଟଙ୍କା ହଡପ, ବନ୍ଧାହେଲା ଅଭିଯୁକ୍ତ ସୁଧ ବେପାରୀ

ଜଟଣୀ, (ସବ୍ୟୁ) : ସରକାରୀ ଚାକିରୀର ପ୍ରଲୋଭନ ଦେଖାଇ ଜଟଣୀ ଅଞ୍ଚଳର ସୁଶ୍ରୀ ମନୀଷା ମିଶ୍ର ନାମକ ଜଣେ ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଠକି ନେବା ଅଭିଯୋଗ କ୍ରମେ ଜଟଣୀ ଥାନା ପୁଲିସ ୪୭୬/୨୫ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ରାୟଗଡା ଥାନା ଅଞ୍ଚଳର ଅଭିଯୁକ୍ତ ଏମ ହରିଶଙ୍କର(୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ଙ୍କ ସୂଚନା ମତେ ଅଭିଯୁକ୍ତ ଜଣକ ଅଭାବୀ ଲୋକଙ୍କୁ ଋଣ ପ୍ରଦାନ କରୁଥିବା ନେଇ ଅଭିଯୋଗକାରିଣୀ ମହିଳା ଜଣଙ୍କ ଗତ ଫେବୃଆରୀ ମାସରେ ଇନଷ୍ଟାଗ୍ରାମ ମାଧ୍ୟମରେ ଜାଣିବାକୁ ପାଇଥିଲେ । ଅଭିଯୁକ୍ତଙ୍କ ଯୋଗାଯୋଗ ବିବରଣୀ ପାଇବା ପରେ ସେ ତାଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ଯୋଗାଯୋଗକୁ ସହଜ କରିବା ପାଇଁ ତାଙ୍କର ବ୍ୟକ୍ତିଗତ ନମ୍ବର ମଧ୍ୟ ପ୍ରଦାନ କରିଥିଲେ । ତା'ପରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିଭିନ୍ନ ଋଣ ଆବେଦନ ମାଧ୍ୟମରେ ଋଣ ପାଇବା ପାଇଁ ମାର୍ଗଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କ



ସହିତ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ଜଣାଇଥିଲେ ଯେ ସେ ଜଣେ ମଧ୍ୟସ୍ଥିଙ୍କୁ ବ୍ୟବସ୍ଥା କରିଛନ୍ତି ଯିଏ ତାଙ୍କୁ ସରକାରୀ ଚାକିରି ପାଇବାରେ ସାହାଯ୍ୟ କରିବେ । ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ଅଭିଯୋଗକାରିଣୀଙ୍କୁ ଚାକିରି ପାଇଁ ଟଙ୍କା ଦେବାକୁ ପ୍ରବର୍ତ୍ତାଇଥିଲେ । ଅଭିଯୋଗକାରିଣୀ ତାଙ୍କ ପରିବାର ସଦସ୍ୟଙ୍କ ସହିତ ପରାମର୍ଶ କରିବା ପରେ ସରକାରୀ ଚାକିରି ପାଇବା ଆଶାରେ ଅଭିଯୁକ୍ତଙ୍କୁ ଟଙ୍କା ପ୍ରଦାନ କରିଥିଲେ । ପ୍ରଥମେ ଅଭିଯୁକ୍ତ ତାଙ୍କୁ ଇପିକଲ ଏବଂ ପରେ ବନ ବିଭାଗରେ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ମହିଳାଙ୍କ ଠାରୁ ଫୋନ୍-ପେ ଓ ନଗଦ ଆକାରରେ ମୋଟ ୯,୦୦,୦୦୦ ଟଙ୍କା ଏବଂ ସୁନା ଅଳଙ୍କାର ନେଇଯାଇଥିଲେ । ଯେତେବେଳେ ଅଭିଯୋଗକାରିଣୀ ଜାଣିପାରିଲେ ଯେ ଅଭିଯୁକ୍ତ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଛନ୍ତି ସେ ତାଙ୍କ ଟଙ୍କା ଏବଂ ସୁନା ଅଳଙ୍କାର ଫେରସ୍ତ କରିବାକୁ ଦାବି କରିଥିଲେ । ଏହିପରି ଭାବେ ଗତ ୧୭ ତାରିଖ ଦିନ ମହିଳା ଜଣଙ୍କ ତାଙ୍କ ଝିଅକୁ ଜୁପିଟର ପବ୍ଲିକ୍ ସ୍କୁଲରୁ ଆଣିବାକୁ ଯାଉଥିବା ସମୟରେ ହରିଭାଇନା ଛକ ନିକଟରେ ତାଙ୍କର ଅଭିଯୁକ୍ତ ସହିତ ସାକ୍ଷାତ ହୋଇଥିଲା । ସେ ପୁଣି ଥରେ ତାଙ୍କ ଟଙ୍କା ଏବଂ ସୁନା ଅଳଙ୍କାର ଫେରସ୍ତ କରିବାକୁ ଦାବି କରିଥିଲେ, କିନ୍ତୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ହତ୍ୟା ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ମାମଲାର ତଦନ୍ତ କାଳରେ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ ନିକଟରେ ଚଢ଼ଉ କରିବା ସହ ଅଭିଯୁକ୍ତ ହରିଶଙ୍କରଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

### ମୁକ୍ତା ଫାଉଣ୍ଡେସନର ଶୁଭାରମ୍ଭ ସହିତ

# ଶ୍ରୀ ଶ୍ରୀ ମା' ଆନନ୍ଦ ଆଶ୍ରମରେ ଆଲୋକର ପର୍ବ ଦୀପାବଳି ପାଳିତ

ଭୁବନେଶ୍ୱର, (ସବ୍ୟୁ): କରୁଣା, ସେବା ଓ ସମର୍ପଣର ଭାବଧାରାରେ ଗଠିତ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ଶ୍ରୀ ଶ୍ରୀ ମା' ଆନନ୍ଦ ଆଶ୍ରମ ପରିସରରେ ପିଲାମାନଙ୍କ ସହିତ ଦୀପାବଳି ପାଳନ ସହିତ ଆନୁଷ୍ଠାନିକ ଭାବରେ ଫାଉଣ୍ଡେସନର ଶୁଭାରମ୍ଭ ହୋଇଯାଇଛି। ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ଟ୍ରଷ୍ଟି ବନ୍ଦନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ଫାଉଣ୍ଡେସନର ଉପଦେଷ୍ଟା ନମ୍ରତା ଚଢ଼ା, ପ୍ରୀତିଛନ୍ଦା ଧଳ, ସମାଜସେବୀ ନିବେଦିତା ଲେଙ୍କା, ଫାଉଣ୍ଡେସନର ସହ-ପ୍ରତିଷ୍ଠାତ୍ରୀ ସଙ୍ଘମିତ୍ରା ପାଢ଼ୀ,ଏବଂ ବରିଷ୍ଠ କୋର କମିଟି ସଦସ୍ୟା ଚନ୍ଦନା ତ୍ରିପାଠୀ ଓ ଲୋପାମୁଦ୍ରା ଜେନା ପ୍ରମୁଖ ଯୋଗ ଦେଇ ଆଶ୍ରମର ଅନ୍ତେବାସୀ ପିଲାମାନଙ୍କ ସହିତ ଆନନ୍ଦପୂର୍ଣ୍ଣ ଆଲୋଚନା, ଦୀପ



ପ୍ରଜ୍ୱଳନ ତଥା ଉପହାର ବଣ୍ଟନ ସହିତ ଆଲୋକର ପର୍ବ ଦୀପାବଳି ପାଳନ କରିଥିଲେ ଯାହା ଦୀପ ଉତ୍ସବର ପ୍ରକୃତ ଅର୍ଥକୁ ଜୀବନ୍ତ କରିଥିଲା। ପିଲାମାନଙ୍କ ସହିତ ଦୀପାବଳି ପାଳନ ସହ ମୁକ୍ତା ଫାଉଣ୍ଡେସନର ଯାତ୍ରାର ଆରମ୍ଭ ହେବା ସହ ତାଙ୍କର ବହୁ ଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି ଏହି ଅବସରରେ ପ୍ରତିଷ୍ଠାତ୍ରୀ ଶ୍ରୀମତୀ ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ସବିତା ପଟ୍ଟନାୟକ, ସ୍ୱାତୀ ମହାନ୍ତି, ସୁପ୍ରିୟା ପଣ୍ଡା ଏବଂ ମିଲି ରଣାଙ୍କ ସହିତ ଆଶ୍ରମର କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୁକ୍ତା ଫାଉଣ୍ଡେସନର ଆରମ୍ଭ ପାଇଁ ପ୍ରତିଷ୍ଠାତ୍ରୀ ଶ୍ରୀମତୀ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସହଯୋଗ କରିଥିଲେ।

## ଦୀପାବଳିକୁ ଧୁମଧାମରେ ପାଳିଲେ ଜାପାନୀ ପର୍ଯ୍ୟଟକ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ଆଲୋକର ପର୍ବ ଦୀପାବଳିକୁ ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ପରିସରରେ ସୋମବାର ସନ୍ଧ୍ୟା ରେ ଧୁମ୍‌ଧାମରେ ପାଳିଛନ୍ତି ଜାପାନୀ ପର୍ଯ୍ୟଟକ । ଓଡ଼ିଶାର ଘରେ ଘରେ ଦୀପ ଜଳିବା ସହିତ ଯେଭଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆରେ ବଡ଼ବଡ଼ିଆ ଡକାଯାଇଥାଏ। ସେହିଭଳି ଜାପାନରେ ତାହାକୁ ଓବମ୍ ବୋଲି କୁହାଯାଇଥାଏ। ସେଣ୍ଟର ପକ୍ଷରୁ ସେମାନଙ୍କୁ ଦୀପାବଳି ପର୍ବ ସମ୍ପର୍କରେ ଜାପାନୀ ଭାଷାରେ ବୁଝାଯିବା ପରେ ସେମାନେ ଅତ୍ୟନ୍ତ ଖୁସି ହୋଇ ଓଡିଶାର ପାମ୍ପରିକ



ପୋଷାକ ପିନ୍ଧି ବା ସହ ମୁରୁଜରେ ରଙ୍ଗୋଲି ପକାଇ ପର୍ବକୁ ଉତ୍ସାହ ସହକାରେ ପାଳନ କରିଥି ଲେ । ଅନ୍ୟପକ୍ଷରେ ପୃଥିବୀ ପୃଷ୍ଠକୁ ସୁର କ୍ଷିତ ରଖିବା ଲାଗି ଦୀପାବଳିରେ ପ୍ରଦୂଷଣ ବାଣକୁ ବ୍ୟବହାର ନ କରି କେବଳ ଦୀପ ଜଳାଇ ପର୍ବ ପାଳନ ହୋଇଥିବା ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି ।

## ଉତ୍କଳ ସାହିତ୍ୟ ସମାଜର ନବ-ନିର୍ବାଚିତ ପଦାଧିକାରୀ ସଭ୍ୟମାନଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ

କଟକ, (ସବ୍ୟୁ) : ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଓ ନବ-ନିର୍ବାଚିତ କର୍ମକର୍ତ୍ତା ଏବଂ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ନବ-ନିର୍ବାଚିତ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ପୂର୍ବତନ ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଓ ନବ-ନିର୍ବାଚିତ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କୁ ପୂର୍ବତନ କୋଷାଧ୍ୟକ୍ଷ ଶିବାଶିଷ କର ନିଜନିଜର ଦାୟିତ୍ୱ ଅର୍ପଣ କରିଥିଲେ । ଏହି ବୈଠକରେ ନବ-ନିର୍ବାଚିତ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଭାପତି ଡକ୍ଟର ଚାନ୍ଦଙ୍କ ସମେତ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସଂଗଠନ ସଂପାଦକ ଶଶିକାନ୍ତ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଡକ୍ଟର ରଘୁ ସାହୁ, ଡକ୍ଟର ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି



ରାଉତ ଓ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି ଉପସ୍ଥିତ ଥିଲେ । ଏଥିସହିତ ନବ-ନିର୍ବାଚିତ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଡକ୍ଟର ଗାୟତ୍ରୀ ଦେବୀ, ଡକ୍ଟର ସେନାପତି ପ୍ରଦ୍ୟୁମ୍ନ ପୃଷ୍ଟି ଯୋଗଦେଇଥିଲେ । ଏଥିରେ ପୂର୍ବତନ ଉପସଭାପତି ମନୋଜ ପଟ୍ଟନାୟକ, ପୂର୍ବତନ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଏବଂ କାର୍ଯ୍ୟନିର୍ବାହିକା ସମିତିର ପୂର୍ବତନ ସଭ୍ୟ ବିଜୟଲକ୍ଷ୍ମୀ ନାୟକ, ମୁରଲୀଧର ଶତପଥୀ ଓ ରାଧାଶ୍ୟାମ ରାଉଳ ମଧ୍ୟ ଉପସ୍ଥିତ ଥିଲେ ।

## ନୀଳାଦ୍ରି ଟ୍ରଷ୍ଟ ଆନୁକୂଲ୍ୟରେ ମହାପ୍ରଭୁ ବେଶ ଓ ବସ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ସାର ବିଶିଷ୍ଟ ଜଗନ୍ନାଥ ଚେତନା ଭିତ୍ତିକ ସଂଗଠନ ନିଳାଦ୍ରି ଟ୍ରଷ୍ଟ ଆନୁକୂଲ୍ୟରେ ପୁରାଣ ପ୍ରସିଦ୍ଧ ମନ୍ଦିର ମାଳିନୀ ଏକାମ୍ର କ୍ଷେତ୍ର ସ୍ଥିତ ଉତ୍କଳ ମଣ୍ଡପ ଠାରେ ମହାପ୍ରଭୁଙ୍କ ର ଆକର୍ଷଣୀୟ ନାଗା ଅର୍ଜୁନ ବେଶ ପ୍ରଦର୍ଶନ, ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ଲାଗି ବସ୍ତ୍ର ପ୍ରଦର୍ଶନ ଶ୍ରୀ ଜଗନ୍ନାଥଙ୍କ ଉପାସନାରେ ଦାରୁ ଦେବତା ଓ ଶାବର ସଂସ୍କୃତି ଶୀର୍ଷିକ ଜାତୀୟ ଆଲୋଚନା ଚକ୍ର ହରି ନାମ କୀର୍ତ୍ତନ, ପାରମ୍ପରିକ ଭକ୍ତି ସଂଗୀତ ଓ ନୃତ୍ୟ ସମତେ ଜଗନ୍ନାଥ ସଂସ୍କୃତି ଭିତ୍ତିକ ଗ୍ରନ୍ଥ ଭଣ୍ଡାର ଆଦି ବିବିଧ ଆଧାତ୍ମିକ କାର୍ଯ୍ୟକ୍ରମ ଅକ୍ଟୋବର ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରଦର୍ଶନ ଦିବା ୧୦ ଘଣ୍ଟିକା ଠାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ନିମିତ୍ତ ଉନ୍ମୁକ୍ତ ରହିବ। ସେହିପରି ଅକ୍ଟୋବର ୨୫ ତାରିଖ ଦିନ ୧୧ ଘଟିକା ରେ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟ ରେ ଜାତୀୟ ଆଲୋଚନା ଚକ୍ର ହେବ । ନିଳାଦ୍ରିଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଗବେଷକ, ବିଦ୍ୱାନ, ଶିକ୍ଷାବିତ ତଥା ବିଭିନ୍ନ ବର୍ଗ ର ଜନସାଧାରଣଙ୍କୁ ନିମନ୍ତ୍ରଣ କରା ଯାଇଛି । ଏଥିରେ ମୁଖ୍ୟ ଆକର୍ଷଣ ରୂପେ ମହାପ୍ରଭୁଙ୍କ ବିରଳ ନାଗାର୍ଜୁନ ବେଶ ଓ ୫୦ ରୁ ଉର୍ଦ୍ଧ ବସ୍ତ୍ର ପ୍ରଦର୍ଶନ କରାଯିବ ବୋଲି ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ପ୍ରକାଶ କରିଛନ୍ତି ।

## ଆଇସିଆଇସିଆଇ ଲୋମ୍ବାର୍ଡକୁ ଆଶ୍ୱସ୍ତି

ଭୁବନେଶ୍ୱର (ସବ୍ୟୁ): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ ନିକଟରେ ବୀମାକୃତ ହୋଇଥିବା ଯାନବାହନଗୁଡିକ କ୍ଷେତ୍ରରେ ଏକାଧିକ ଜାଲିଆତି ମୋଟର ଦୁର୍ଘଟଣା ବୀମା ଦାବି ସମ୍ପର୍କରେ ପୁନଃ ତଦନ୍ତ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବର ତଦନ୍ତଗୁଡ଼ିକରେ ଅନିୟମିତତା ହୋଇଥିବା ଲକ୍ଷ୍ୟ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି ଏବଂ ଏହା ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡିକରେ ସାଧୁତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ବିଚାର ବିଭାଗର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରତ୍ୟେକ କ୍ଷେତ୍ରରେ ଏତଲାରେ ଅଭିଯୁକ୍ତ ଉଲ୍ଲେଖ କରାଯାଇଥିବା ଯାନବାହନଗୁଡିକ ଆଇସିଆଇସିଆଇ ଲୋମ୍ବାର୍ଡ ଜିଆଇସି ଲିମିଟେଡ ନିକଟରେ ବୀମାକୃତ ହୋଇଥିଲା। ଆଭ୍ୟନ୍ତରୀଣ ତଦନ୍ତ ସମୟରେ ଆଇସିଆଇସିଆଇ ଲୋମ୍ବାର୍ଡ ଗୁରୁତର ଅନିୟମିତା ଉନ୍ମୋଚନ କରିଥିଲା, ଯେଉଁଥିରେ ଉଲ୍ଲେଖ କରାଯାଇଥିବା ଯାନ କ୍ଷେତ୍ରରେ ସମାନ ଡ୍ରାଇଭରଙ୍କୁ ଏକାଧିକ ଦୁର୍ଘଟଣାରେ ସଂପୃକ୍ତ ଥିବା ଏବଂ ଡାକ୍ତରୀ ରେକର୍ଡରେ ଜାଲିଆତି କରାଯାଇଥିବା ଜଣାଯାଇଥିଲା। ଏହି ସମସ୍ତ ତଥ୍ୟ ଆଧାରରେ କମ୍ପାନୀ ଏହି ପ୍ରସଙ୍ଗ କ୍ରାମଇ ବ୍ରାଞ୍ଚକୁ ସମର୍ଥନକାରୀ ପ୍ରମାଣ ସହିତ ପଠାଇଥିଲା ଏବଂ ସେହି ସମୟରେ ଏମଏସିଟି ବିଚାର ପ୍ରକ୍ରିୟା ଉପରେ ରହିତାଦେଶ ନିମନ୍ତେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲା। କ୍ରାଇମ ବ୍ରାଞ୍ଚ ହାଇକୋର୍ଟରେ ନିଜର ସତ୍ୟପାଠରେ ପ୍ରାରମ୍ଭିକ ତଦନ୍ତରେ ଅନିୟମିତତା ହୋଇଥିବା ନିଶ୍ଚିତ କରିଥିଲେ।

### ଭାରତ ବିକାଶ ପରିଷଦ ବାରବାଟୀ ଶାଖା ପକ୍ଷରୁ

# ଜାତୀୟ ବୃନ୍ଦଗାନ ଓ ଭାରତକୁ ଜାଣ କୁଇଜ୍ ପ୍ରତିଯୋଗିତା

କଟକ, (ସ୍ୱପ୍ର) : ଭାରତ ବିକାଶ ପରିଷଦ ବାରବାଟୀ ଶାଖା କଟକ ଆନୁକୂଲ୍ୟରେ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ବୃନ୍ଦଗାନ ଓ ଭାରତକୁ ଜାଣ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରାଷ୍ଟ୍ର ଭକ୍ତିର ଭାବନା ଜାଗରଣ ତଥା ନୈତିକ ମୂଲ୍ୟବୋଧର ବିକାଶ ଉଦ୍ଦେଶ୍ୟରେ ରାଷ୍ଟ୍ରଦେବ ଭବ ପିଲାମାନଙ୍କ ମଧ୍ୟରେ ସମ୍ପର୍କ, ସହଯୋଗ, ସଂସ୍କାର ସମର୍ପଣ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ବିଭିନ୍ନ ଭାଷା, ଜାତି, ଧର୍ମ, ବର୍ଣ୍ଣ, ସଂସ୍କୃତି, କୃଷି, ଜଳବାୟୁ ଏବଂ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହେଉଛି ଆମ ଦେଶ ଭାରତର କଳେବର । ବିଭିନ୍ନତା ମଧ୍ୟରେ ଏକତା ହେଉଛି ଏହାର ବୈଶିଷ୍ଟ୍ୟ । ୨୦୦୧ ମସିହାରୁ ଭାରତ ବିକାଶ ପରିଷଦର ବାରବାଟୀ କଟକ ଶାଖା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶ ପ୍ରୀତି, ଦେଶର ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଅବଗତ ପାଇଁ ତାହାର ପ୍ରୟାସ ଜାରି ରଖିଛି । ଚଳିତଥର ଏକ କୁଇଜ୍ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସାମିଲ କରି ଦେଶ ପ୍ରିତିର ମନ୍ତ୍ର ବାଣ୍ଟିଛି । ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ସହରର ୧୦ ଟି ସ୍କୁଲର ପ୍ରତିଭାଗୀମାନେ ଯୋଗ ଦେଇ କୁଇଜ୍ ପ୍ରତିଯୋଗିତାରେ



ଭାରତ ବିକାଶ ପରିଷଦ ବାରବାଟୀ କଟକ ଶାଖାର ପ୍ରତିଷ୍ଠାତା ସଭାପତି ରୋଟାରିଆନ ଡ. ଆଲୋକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ଆଡଭୋକେଟ୍ ପ୍ରମୋଦ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଧ୍ୱି ଡ. ପ୍ରତିଭା ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ବରର୍ଣ୍ଣ୍ୟ ଅତିଥିଭାବେ ସଚ୍ଚିଦାନନ୍ଦ ନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରମୋଥନାଥ ଦେ ପ୍ରମୁଖ ଯୋଗ ଅଂଶ ଗ୍ରହଣ କରିଥିଲେ । କୃତି ପ୍ରତିଯୋଗିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜଲକ୍ଷ୍ମୀ ପାତ୍ର ପରିଚାଳନା କରିଥିବା ବେଳେ ଲୋପାମୁଦ୍ରା ମେକାପ ଏବଂ ନୀଳିମା ମିଶ୍ର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ସାହୁ, ଶୁଭଲକ୍ଷ୍ମୀ ସାହୁ, ଜୁଲି ନନ୍ଦ, ସମରେନ୍ଦ୍ର ଘୋଷ, ବିମଳ ମହାନ୍ତି ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ । ଶେଷରେ କୋଷାଧ୍ୟକ୍ଷ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୋଆରେ ଷ୍ଟୁଡେଣ୍ଟ ବ୍ରାଞ୍ଚ ଓ କମ୍ପ୍ୟୁଟର ସୋସାଇଟି ଷ୍ଟୁଡେଣ୍ଟ ବ୍ରାଞ୍ଚ ଚାପ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃତିଗତ, ବୈଷୟିକ ଏବଂ ଗବେଷଣାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ (ଆଇଇଇଇ)ର ଷ୍ଟୁଡେଂଟ ବ୍ରାଂଚ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ସେହିପରି ଆଇଇଇଇ କମ୍ପ୍ୟୁଟର ସୋସାଇଟିର ସୋଆ ଷ୍ଟୁଡେଣ୍ଟ ବ୍ରାଞ୍ଚ ଚାପ୍ଟର ମଧ୍ୟ ଏହି ଅବସରରେ ଆରମ୍ଭ କରାଯାଇଛି।

ଏଥି ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଯୁଗ୍ମ ସମ୍ପାଦକ ଓ ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚର କାଉନ୍‌ସିଲର ପ୍ରଫେସର ରେଣୁ ଶର୍ମା ଏହି ଶାଖା ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) କରୁଥିବା ସଂଯୋଜକ ଏବଂ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନେ ଗବେଷଣା, ବୃତିଗତ ଉନ୍ନତି ଏବଂ ବିଭିନ୍ନ କ୍ଷେତ୍ରରେ ଇଞ୍ଜିନିୟରିଂ କୌଶଳ



ଥିବା ପ୍ରଫେସର ଶର୍ମା ଏହି ଶାଖା ପ୍ରତିଷ୍ଠା ହେବା ଦ୍ୱାରା ନବୀକରଣ, ସହଭାଗିତା ଏବଂ ନେତୃତ୍ୱ ବିକାଶ କ୍ଷେତ୍ରରେ ବିଶ୍ୱ ଦରବାରରେ ଛାତ୍ରଛାତ୍ରୀଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟରେ ଆଇଇଇଇର କାର୍ଯ୍ୟକଳାପକୁ ପରିଚାଳନା ବ୍ୟବହାର କରି ସମାଧାନରେ ଉପନୀତ ହେବାକୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର କୋଷାଧ୍ୟକ୍ଷ ତଥା ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡି.ପି ଡୋଗ୍ରା, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଉପଦେଷ୍ଟା ତଥା ଆଇଇଇଇ ଭୁବନେଶ୍ୱର ଉପଶାଖାର ପୂର୍ବତନ ଚେୟାର ହରେକୃଷ୍ଣ ରଥ, ଆଇଇଇଇ ଭୁବନେଶ୍ୱର ଶାଖାର ଉପଦେଷ୍ଟା ତଥା ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏବଂ ଭେଲ୍‌ର ଜେନେରାଲ ମ୍ୟାନେଜର ପ୍ରଫେସର ଏ.କେ. ତ୍ରିପାଠୀ, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଭାଇସ୍ ଚେୟାର ପ୍ରଫେସର ଚିନ୍ମୟ କୁମାର ପାଣିଗ୍ରାହୀ, ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଚେୟାର (ଏସ୍‌ଏସି) ଏବଂ ସିଲିକନ୍ ବିଶ୍ୱବିଦ୍ୟାଳୟର ଇଇଇ ବିଭାଗର ପ୍ରଫେସର ପ୍ରତାପ ରଞ୍ଜନ ମହାନ୍ତି ବକ୍ତବ୍ୟ ରଖିଥିଲେ।

ପ୍ରଫେସର ଡୋଗ୍ରା ଶିକ୍ଷା ଏବଂ ଶିଳ୍ପକୁ ନବୀକରଣ ଓ ସହଭାଗିତାମୂଳକ ପ୍ରକଳ୍ପ ମାଧ୍ୟମରେ ଯୋଡ଼ିବାରେ ଆଇଇଇଇର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ବେଳେ ଶ୍ରୀ ରଥ ଡିଆର୍‌ଡିଓରେ ତାଙ୍କ କାର୍ଯ୍ୟକାଳର ଅଭିଜ୍ଞତା ସମ୍ପର୍କରେ ବଖାଣି ବୃତିଗତ ନୈତିକତା, ଦଳଗତ କାର୍ଯ୍ୟ ଏବଂ ଭବିଷ୍ୟତର ଇଞ୍ଜିନିୟରଙ୍କ ମଧ୍ୟରେ ବୈଷୟିକ ଉତ୍କର୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ରଥ ଛାତ୍ରଛାତ୍ରୀମାନେ ଆଇଇଇଇକୁ ଅଧିକ ବ୍ୟବହାର କରି କାର୍ଯ୍ୟକରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଆଇଇଇଇ ଭୁବନେଶ୍ୱର କମ୍ପ୍ୟୁଟର ସୋସାଇଟି ଚାପ୍ଟରର ଭାଇସ୍ ଚେୟାର ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଂଚ ଚାପ୍ଟରର ଉପଦେଷ୍ଟା ପ୍ରଫେସର ଦେବାହୁତି ମିଶ୍ର, ଆଇଇଇଇ କମ୍ପ୍ୟୁଟର ସୋସାଇଟି ଷ୍ଟୁଡେଂଟ ବ୍ରାଂଚ ଚାପ୍ଟରର ଲକ୍ଷ୍ୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କମ୍ପ୍ୟୁଟର ସୋସାଇଟି ସୋଆ ଷ୍ଟୁଡେଣ୍ଟ ବ୍ରାଂଚ ଚାପ୍ଟରର ଚେୟାର ମନୀଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଓମୁକ୍ତ ହେବ ଭାରତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଖୁବଶୀଘ୍ର ନକ୍ସଲ ମୁକ୍ତ ହେବ ଭାରତ। ନୌସେନାଙ୍କ ସହ ଦୀପାବଳି ପାଳନ ଅବସରରେ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କହିଛନ୍ତି, ଆଜି ମାଓବାଦୀଙ୍କ ଆତଙ୍କୀରୁ ମୁକ୍ତି ପାଇଛି ଭାରତ ଛ ଦେଶର ଶହେରୁ ଅଧିକ ଜିଲ୍ଲା ମାଓବାଦୀଙ୍କ କବଳରେ ରହିଥିଲା। କିନ୍ତୁ ଏବେ ମାତ୍ର ୩ ଜିଲ୍ଲାରେ ସକ୍ରିୟ ଅଛନ୍ତି ନକ୍ସଲ। ଖୁବଶୀଘ୍ର ଏସବୁ ଜିଲ୍ଲା ବି ମାଓମୁକ୍ତ ହେବାକୁ ଯାଉଛି । ଏବେ ମାଓବାଦୀ ଅସ୍ତ୍ରଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଏସବୁ କେବଳ ଆମ ସୁରକ୍ଷାବଳଙ୍କ ପରାକ୍ରମ ଯୋଗୁଁ ସମ୍ଭବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ତେବେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ମାଓବାଦର ମୂଳପୋଛ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ନକ୍ସଲଙ୍କ ବିରୋଧରେ ବଡ ଆକ୍ସନ ନିଆଯାଉଛି । କେତେବେଳେ ରାତିଦିନ ମିଶନ କରି ମାଓବାଦର ଶେଷନିଶ୍ୱାସ ପାଇଁ ପ୍ରଚେଷ୍ଟା ଚାଲୁଛି ତ କେଉଁଠି ଟପ୍ ମାଓନେତାଙ୍କୁ



ଗୁଳି କରି ନିପାତ କରାଯାଉଛି । ମାଓବାଦୀଙ୍କ ଉପରେ ଅତର୍କିତ ଆକ୍ସନ ହେଉଥିବାରୁ ଛାନିଆ ହେଇ ସବୁଦିନ ଓଡିଶା ସୀମାନ୍ତ ରାଜ୍ୟରେ ଅନେକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି ।

ସେପଟେ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୦ ବର୍ଷ ମଧ୍ୟରେ ଦେଶର ତିନୋଟି ସମ୍ବେଦନଶୀଳ ଅଞ୍ଚଳ ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ହିଂସାରେ ୭୫ ପ୍ରତିଶତ ହ୍ରାସ ଘଟିଛି। ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ମାଓବାଦର ମୂଳୋତ୍ପାଟନ କରାଯିବ ଏବଂ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯାଉଛି ।

## ନୌବୀରଙ୍କ ସହ ପାଳିଲେ ଦୀପାବଳି

ଭାରତର ପ୍ରଥମ ସ୍ୱଦେଶୀ ଯୁଦ୍ଧ ଜାହାଜ ହେଉଛି ଆଇଏନଏସ୍ ବିକ୍ରାନ୍ତ। ଏହା ଭାରତୀୟ ସଶସ୍ତ୍ର ବଳର କ୍ଷମତାକୁ ପ୍ରଦର୍ଶିତ କରୁଥିବା ମୋଦି କହିଛନ୍ତି। ଅପରେସନ ସିନ୍ଦୂର ବେଳେ ଆଇଏନଏସ୍ ବିକ୍ରାନ୍ତ ମାତ୍ର ଦିନ କେଇଟାରେ ପାକିସ୍ତାନକୁ ଆଗେଇବାକୁ ସକ୍ଷମ ହୋଇଥିଲା ବୋଲି ସେ ମତ ରଖିଛନ୍ତି।

ସବୁଥର ଭଳି ଏଥର ମଧ୍ୟ ଆଲୋକର ପର୍ବ ଦୀପାବଳିକୁ ଦେଶର ବୀର ଯବାନଙ୍କ ସହ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଚଳିତ ଦୀପାବଳିରେ ସେ ଆଇଏନଏସ୍ ବିକ୍ରାନ୍ତରେ ପହଞ୍ଚି ନୌସେନାର ବୀର ଯବାନଙ୍କ ସହ ଏହାକୁ ସେଲିବ୍ରେଟ କରିଛନ୍ତି। ଗୋଆ ଓ କରୱାର (କର୍ଣ୍ଣାଟକା)ଉପକୂଳରେ ଆଇଏନଏସ୍ ବିକ୍ରାନ୍ତରେ ଥିବା ନୌବୀରଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଭେଟିଛନ୍ତି। ଶତାଧିକ ନୌବୀରଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଦୀପାବଳି ଭଳି ପବିତ୍ର ଉତ୍ସବକୁ ସେ ବୀର ଯବାନଙ୍କ ସହ ପାଳନ କରୁଥିବାରୁ ନିଜକୁ ସୌଭାଗ୍ୟ ମଣୁଛନ୍ତି। ଏଥିସହ ଆଇଏନଏସ୍ ବିକ୍ରାନ୍ତ କେମିତି ପାକିସ୍ତାନର ରାତିର ନିଦ ହଜାଇ ଦେଇଥିଲା, ସେକଥା ମଧ୍ୟ ମୋଦି ପୂରା ଦେଶବାସୀଙ୍କୁ ଜଣାଇଛନ୍ତି।

### ଖଲିସ୍ତାନ ପ୍ରସଙ୍ଗ

# କାନାଡାକୁ ଭର୍ତ୍ସନା କଲେ ଭାରତୀୟ ରାଷ୍ଟ୍ରଦୂତ

ଓଟାୱା: କାନାଡାରେ ଭାରତର ନୂତନ ରାଷ୍ଟ୍ରଦୂତ ଦିନେଶ ପଟ୍ଟନାୟକ ଖଲିସ୍ତାନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଭାରତର ମତ ଉପସ୍ଥାପନ କରିଛନ୍ତି । ସେ ଏହା ସ୍ପଷ୍ଟ କରିଛନ୍ତି ଯେ, କାନାଡାରେ ଖଲିସ୍ତାନ ବିପଦ ଭାରତର ଦାୟିତ୍ୱ ନୁହେଁ ବରଂ କେବଳ ଓଟାୱାର ଘରୋଇ ଦାୟିତ୍ୱ।ସେ କହିଛନ୍ତି, ଏହି ସମସ୍ୟା କିଛି କାନାଡୀୟ ନାଗରିକଙ୍କ ଦ୍ୱାରା ସୃଷ୍ଟି କରାଯାଉଛି, ଏବଂ କାନାଡାକୁ ନିଜର ଆଇନ ଏବଂ ଶୃଙ୍ଖଳା ବ୍ୟବସ୍ଥା ଅଧୀନରେ ଏହାକୁ ପରିଚାଳନା କରିବାକୁ ପଡିବଛ କାନାଡା ଏହି ପରିସ୍ଥିତିକୁ ଭାରତୀୟ ସମସ୍ୟା ଭାବରେ ଦେଖିପାରିବ ନାହିଁ। ଏହା ଏକ କାନାଡୀୟ ସମସ୍ୟା । କିଛି କାନାଡୀୟ ନାଗରିକ ଏହାକୁ ସୃଷ୍ଟି କରିଛନ୍ତି । ପଟ୍ଟନାୟକ ଖାଲିସ୍ତାନ ସମର୍ଥକ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକର କାର୍ଯ୍ୟକଳାପ ବିଷୟରେ କହିଥିଲେ, ଯାହା ବିଷୟରେ ଭାରତ ଅନେକ ଥର ଗମ୍ଭୀର ଚିନ୍ତା ପ୍ରକାଶ କରିଛି । ପଟ୍ଟନାୟକ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ବିଷୟରେ ମଧ୍ୟ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ, ଉଗ୍ରବାଦୀଙ୍କ ଧମକ ଯୋଗୁ ସେ କାନାଡାରେ ସୁରକ୍ଷା ବଳୟରେ ଅଛନ୍ତି ।ଏହା ଆଶ୍ଚର୍ଯ୍ୟଜନକ ଯେ, ଏକ ଦେଶରେ ଭାରତର ହାଇକମିସନର ସୁରକ୍ଷା ଚାଦର ତଳେ ରହୁଛନ୍ତି । ମୁଁ ବିପଦଗ୍ରସ୍ତ ଅନୁଭବ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଭାରତରେ କାନାଡିଆନ ନାଗରିକଙ୍କ ସୁରକ୍ଷା ଏବଂ ଉଭୟ ଦେଶରେ କାର୍ଯ୍ୟ କରୁଥିବା ଲରେନ୍ସ ବିଶ୍ନୋଇଙ୍କ ଭଳି ଅପରାଧିକ ନେଟୱାର୍କ ଉପରେ ଧ୍ୟାନ ଦେଇ ସୁରକ୍ଷା ସହଯୋଗ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଗମ୍ଭୀର ଆଲୋଚନା ଚାଲିଛି। ଭାରତ-କାନାଡା ସମ୍ପର୍କରେ ଉନ୍ନତି ଆଣିବାରେ କାନାଡାର ନୂତନ



ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ଭୂମିକାକୁ ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।ଶିଖ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାରେ ଭାରତୀୟ ଏଜେନ୍ସିଗୁଡ଼ିକର ଭୂମିକା ସମ୍ପର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗକୁ ଭାରତୀୟ ରାଷ୍ଟ୍ରଦୂତ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ।

# ହମାସକୁ ମୂଳପୋଛ କରିଦେବି: ଟ୍ରମ୍ପ

ୱାଶିଂଟନ୍ : କଥା ନମାନିଲେ ହମାସକୁ ମୂଳପୋଛ କରିଦେବି । ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହମାସକୁ ଏଭଳି ଚେତାବନୀ ଦେଇଛନ୍ତି । ଇସ୍ରାଏଲ ଓ ହମାସ ମଧ୍ୟରେ ଶାନ୍ତି ଚୁକ୍ତି ହୋଇଥିବା ବେଳେ ଅସ୍ତ୍ରବିରତି ପାଇଁ ଦୁଇ ଦେଶ ରାଜି ହୋଇଛନ୍ତ । ଏହା ସତ୍ତ୍ୱେ ବି ହମାସ ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ କରୁଛି ଇସ୍ରାଏଲ । ଏହି ଅଭିଯୋଗ ପରେ ଏବେ ଟ୍ରମ୍ପ ନିଜର ପ୍ରତିକ୍ରିୟା ରଖିଛନ୍ତି । ଅନେକ ବର୍ଷ ପରେ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିଛି ।



ଓଭାଲ ଅଫିସରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି ଯେ, ଅନେକ ବର୍ଷ ପରେ ପ୍ରଥମ ଥର ପାଇଁ ଆମେ ମଧ୍ୟପ୍ରାଚ୍ୟରେ ଶାନ୍ତି ଦେଖିଛୁ। ଆମେ ହମାସ ସହିତ ଏକ ଚୁକ୍ତି କରିଛୁ ଯେ, ସେମାନେ ଶାନ୍ତି ବଜାୟ ରଖିବେ ଏବଂ ନିଜର ଆଚରଣ ଠିକ କରିବେ । ଯଦି ସେମାନେ ଏଭଳି ନକରନ୍ତି, ତେବେ ଆମେ ସେମାନଙ୍କୁ ମୂଳପୋଛ କରିଦେବୁ। ସେମାନେ ଏହା ଭଲଭାବେ ଜାଣନ୍ତି। ସେ ହମାସକୁ ଅତୀତରେ କରିଥିବା ହିଂସା ପାଇଁ ଆକ୍ଷେପ କରି ଦାବି କରିଛନ୍ତି ଯେ, ଏହି ଗୋଷ୍ଠୀ ଆଉ ଇରାନ କିମ୍ବା ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ସମାନ ସ୍ତରର ସମର୍ଥନ ପାଉନାହିଁ। ସେମାନେ ବହୁତ ହିଂସାତ୍ମକ ଲୋକ ଏବଂ ବହୁତ ଲୋକଙ୍କୁ ହତ୍ୟା କରିଛନ୍ତି । କିନ୍ତୁ ଏବେ ସେମାନଙ୍କୁ ଆଉ ଇରାନର ସମର୍ଥନ ମିଳୁନାହିଁ। ତେଣୁ ସେମାନଙ୍କୁ ଭଲ ଆଚରଣ କରିବାକୁ ପଡିବ। ଯଦି ସେମାନେ ନିୟମ ନମାନନ୍ତି ତେବେ ସେମାନଙ୍କୁ ମୂଳପୋଛ କରିଦିଆଯିବ ।

# ସେନା ଓ ପୁଲିସର ମିଶନ ଏକ: ରାଜନାଥ

ନୂଆଦିଲ୍ଲୀ: ଅକ୍ଟୋବର ୨୧ରେ ସାରା ଦେଶରେ 'ପୁଲିସ୍ ସ୍ମାରକୀ ଦିବସ' ପାଳନ କରାଯାଏ । ଆଜି ଦେଶର ବିଭିନ୍ନ କୋଣରେ ଏହି ଦିନକୁ ପାଳନ କରାଯାଉଥିବା ବେଳେ ଦେଶ ପାଇଁ ବଳିଦାନ ଦେଇଥିବା ପୁଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୂଆଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ଜାତୀୟ ପୁଲିସ ସ୍ମାରକୀରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସାହସୀ ପୁଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କ ଅଭିଭାଷଣରେ, ଜାତୀୟ ସୁରକ୍ଷା ପାଇଁ ପୁଲିସ ଏବଂ ସେନାର ଭୂମିକାକୁ ସମାନ ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଯଦିଓ ପ୍ଲାଟଫର୍ମ ଭିନ୍ନ, ଜାତୀୟ ସୁରକ୍ଷାର କଥା ଆସିଲେ, ସେନା ଏବଂ ପୁଲିସ ଉଭୟଙ୍କ ମିଶନ ସମାନ ଏବଂ ସେମାନଙ୍କର ଭୂମିକା ସମାନ । ସେ ଆହୁରି ମଧ୍ୟ କହିଥିଲେ ଯେ, ଶତ୍ରୁ ସୀମା ପାରରୁ ଆସୁ କି ଆମ ମଧ୍ୟରେ ଲୁଚି ରହୁ, ଭାରତର ସୁରକ୍ଷା ପାଇଁ ଠିଆ ହେଉଥିବା ପ୍ରତ୍ୟେକ ଯବାନ ସମାନ ଭାବନାକୁ ପ୍ରତିନିଧିତ୍ୱ କରନ୍ତି । ରାଜନାଥ ସିଂହ ଗୁରୁତ୍ୱାରୋପ କରିଥିଲେ ଯେ, ପୁଲିସକୁ ଏବେ କେବଳ ଅପରାଧ ନୁହେଁ ବରଂ ନିଜର ଭାବମୂର୍ତ୍ତି ସହିତ ମଧ୍ୟ ଲଢ଼ିବାକୁ ପଡୁଛି । ପୁଲିସ ବାହିନୀ ଏହାର ସରକାରୀ ଏବଂ ନୈତିକ ଦାୟିତ୍ୱ ଉଭୟ ପାଳନ କରୁଛି, ଯାହା ଜନସାଧାରଣଙ୍କୁ ବିଶ୍ୱାସ ଦେଇଛି ଯେ ପୁଲିସ କଷ୍ଟକର



ସମୟରେ ସେମାନଙ୍କ ସହିତ ଛିଡା ହେବ । ସେ ପୁଲିସ ବାହିନୀକୁ ସେମାନଙ୍କର ତ୍ୟାଗ, ସମର୍ପଣ ଏବଂ ସେବା ପାଇଁ ଧନ୍ୟବାଦ ଦେଇଥିଲେ ଏବଂ କହିଥିଲେ ଯେ, ଦେଶ ସେମାନଙ୍କ ଉପରେ ଗର୍ବିତ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଅବସରରେ ଟ୍ୱିଟ୍ କରି ପୁଲିସ କର୍ମଚାରୀଙ୍କ ସାହସକୁ ସଲାମ କରିଛନ୍ତି ।ସେ ନିଜ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ପୁଲିସ୍ ସ୍ମାରକୀ ଦିବସରେ, ଆମେ ଆମର ପୁଲିସ କର୍ମଚାରୀଙ୍କ ସାହସକୁ ସଲାମ କରୁଛୁ ଏବଂ କର୍ତ୍ତବ୍ୟ ପାଳନରେ ସେମାନଙ୍କ ସର୍ବୋଚ୍ଚ ବଳିଦାନକୁ ମନେ ରଖୁଛୁ । ସେମାନଙ୍କର ଦୃଢ଼ ସମର୍ପଣ ଆମ ଦେଶ ଏବଂ ଲୋକଙ୍କୁ ସୁରକ୍ଷିତ ରଖେ । ସଙ୍କଟ ଏବଂ ଆବଶ୍ୟକତା ସମୟରେ ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତା ପ୍ରଶଂସନୀୟ । ତେବେ ୧୯୫୯ ମସିହାର ଲଦାଖର ହଟ୍ ସ୍ପ୍ରିଙ୍ଗରେ ଚୀନ୍ ସେନା ଦ୍ୱାରା କରାଯାଇଥିବା ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ଏହି ଘଟଣାର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ପୁଲିସ ସ୍ମାରକୀ ଦିବସ ପାଳନ କରାଯାଏ । ଏହି ଦିନଟି ପୁଲିସ ବାହିନୀର ବଳିଦାନ ଏବଂ ଦେଶ ପ୍ରତି ସେମାନଙ୍କର ଅବଦାନ ପାଇଁ ଉତ୍ସର୍ଗୀକୃତ ।

# ଟାଇଫୁନ୍ ଫେଙ୍ଗସେନ୍ ନେଇ ଆତଙ୍କ

ବେଜିଂ: ଚୀନ୍ ଚଳିତ ବର୍ଷର ୨୪ତମ ଟାଇଫୁନ୍ ଫେଙ୍ଗସେନ୍ ପାଇଁ ବ୍ଲୁ ଆଲର୍ଟ ଜାରି କରିଛି। ଏହି ଝଡ଼ ଏବେ ବହୁତ ଶକ୍ତିଶାଳୀ ହୋଇଯାଇଛି। ଦେଶର ଦକ୍ଷିଣ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି। ସୂଚନା ଅନୁଯାୟୀ ଏହି ଝଡ଼ ଦ୍ରୁତ ଗତିରେ ଚୀନ୍ ଆଡକୁ ଗତି କରୁଛି।

ଜାତୀୟ ପାଣିପାଗ କେନ୍ଦ୍ର (ଏନଏମସି) କହିଛି ଯେ, ରବିବାର ଅପରାହ୍ନ ୫ଟା ସୁଦ୍ଧା, ଝଡ଼ ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପର ପଶ୍ଚିମ ଉପକୂଳ ଉପରେ ଥିଲା। ଝଡ଼ର କେନ୍ଦ୍ର ନିକଟରେ ପବନ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ପହଞ୍ଚିଥିଲା। ଫେଙ୍ଗସେନକୁ ଏକ ଉଷ୍ଣକଟିବନ୍ଧୀୟ ଝଡ଼ ଭାବରେ ନାମିତ କରାଯାଇଛି। ପ୍ରତି ସେକେଣ୍ଡରେ ୨୩ମିଟର ବେଗରେ ପବନ ବହୁଛି। ଏହାର ପ୍ରଭାବ କ୍ଷେତ୍ର କେନ୍ଦ୍ରଠାରୁ ୨୨୦ ରୁ ୨୮୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ପାଣିପାଗ



ବିଶେଷଜ୍ଞମାନେ କହିଛନ୍ତି ଯେ, ଝଡ଼ ଘଣ୍ଟା ପ୍ରତି ୨୦ ରୁ ୨୫ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ଏହା ଧୀରେ ଧୀରେ ତୀବ୍ର ହୋଇ ଏକ ଭୟଙ୍କର ଉଷ୍ଣକଟିବନ୍ଧୀୟ ଝଡ଼ କିମ୍ବା ଟାଇଫୁନରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ପ୍ରତି ସେକେଣ୍ଡରେ ୩୦ ରୁ ୩୫ ମିଟର ବେଗରେ ପବନ ବହିବାର ଆଶଙ୍କା କରାଯାଉଛି।

ପ୍ରଭାବରେ ଝଡ଼ ଦକ୍ଷିଣ-ପଶ୍ଚିମ ଦିଗକୁ ମୁହାଁଇବ ଏବଂ ଭିଏତନାମର କେନ୍ଦ୍ରୀୟ ଉପକୂଳ ଆଡକୁ ଗତି କରିବ। ଏହା ସ୍ଥଳଭାଗ ଛୁଇଁବା ସହିତ ଦୁର୍ବଳ ହୋଇଯିବ। ଆଗାମୀ ତିନି ଦିନ ମଧ୍ୟରେ, ଝଡ଼ ପୂର୍ବ ଏବଂ ଉତ୍ତର ତାଇୱାନ, ଫୁଜିଆନ ଏବଂ ଗୁଆଙ୍ଗଡୋଙ୍ଗ ପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ, ହାଇନାନ୍ ଦ୍ୱୀପ ଏବଂ ଦକ୍ଷିଣ ଚୀନ୍ ସାଗରର ଉତ୍ତର ଭାଗରେ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଆଣିବ। କେନ୍ଦ୍ର ସତର୍କ କରାଇ ଦେଇଛି ଯେ, ସୋମବାର ସକାଳ ୮ଟାରୁ ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଉତ୍ତର ତାଇୱାନରେ ପ୍ରବଳ ବର୍ଷା ହେବ, କିଛି ସ୍ଥାନରେ ୧୦୦ ରୁ ୨୦୦ମିଲିମିଟର ବର୍ଷା ହେବ। ସେହି ସମୟରେ କେନ୍ଦ୍ରୀୟ ଏବଂ ପୂର୍ବ ଚୀନକୁ ମଧ୍ୟ ଏକ ଶୀତଳ ଲହରୀ ପ୍ରଭାବିତ କରିବ। ଗତ ସପ୍ତାହରେ ଫିଲିପାଇନ୍ସରେ ଟାଇଫୁନ୍ ଫେଙ୍ଗସେନ୍ ପ୍ରଭାବରେ ଅତି କମରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ବନ୍ୟା ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳରୁ ପ୍ରାୟ୨୨,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଝଡ଼ ଯୋଗୁଁ ଅନେକ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି ଏବଂ ପ୍ରାୟ ୧୪,୦୦୦ ଲୋକଙ୍କୁ ବାସହୀନ କରାଯାଇଛି।

# ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱନେଇଛନ୍ତି ସାନେ ତାକାଇଚି । ଜାପାନର ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ଅଧ୍ୟକ୍ଷ ସାନେ ତାକାଇଚି ମଙ୍ଗଳବାର ସଂସଦ ଦ୍ୱାରା ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି । ସାନେ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହେବା ଐତିହାସିକ । କାରଣ ସେ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ । ତାଙ୍କ ପୂର୍ବରୁ କୌଣସି ମହିଳାଙ୍କୁ ଜାପାନରେ ଏହି ପଦବୀ ମିଳିନଥିଲା ।ତେବେ ଏହି ଖବର ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାନେ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ୍ସରେ



ପୋଷ୍ଟ କରି ସେ ତାଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି । ସେ କରିଥିବା ପୋଷ୍ଟରେ ଲେଖାଯାଇଛି ଯେ, ସାନେ ତାକାଇଚି, ଜାପାନର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ମୁଁ ଆପଣଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି । ଆମର ଗଭୀର ସମ୍ପର୍କ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ନୂଆଦିଲ୍ଲୀ ଷ୍ଟେସନରେ ଯାତ୍ରୀ ସେବା ବ୍ୟବସ୍ଥା ସମୀକ୍ଷା କଲେ ରେଳ ମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀ ରେଳ ଷ୍ଟେସନ ପରିଦର୍ଶନ କରି କ୍ଷେତ୍ର ସ୍ତରରେ ରେଳ ଯାତ୍ରୀଙ୍କୁ ମିଳୁଥିବା ସୁବିଧା ଏବଂ ସେବାର ନିରୀକ୍ଷଣ କରିଛନ୍ତି । ପାର୍ବଣ ଋତୁରେ ଯାତ୍ରୀ ଭିଡ଼ର ମୁକାବିଲା କରିବା ଲାଗି ରେଳବାଇ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ରେଳ କର୍ମଚାରୀମାନେ ଦିନରାତି କାମ କରୁଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଯାତ୍ରୀଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଇବା ଲାଗି ୧୨ ଲକ୍ଷ ରେଳ କର୍ମଚାରୀ ଦିନ ରାତି କାମ କରୁଛନ୍ତି । ଏବେ ସୁଦ୍ଧା ୪୨୧୧ଟି ପାର୍ବଣ ସ୍ୱତନ୍ତ୍ର ଟ୍ରେନରେ ୧ କୋଟିରୁ ଅଧିକ ଯାତ୍ରୀ ଯାତାୟାତ କରିସାରିଛନ୍ତି। କେବଳ ଦିଲ୍ଲୀ ଅଞ୍ଚଳରେ ଦୈନିକ ହାରାହାରୀ ୪.୨୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି । ସୁରତ, ମୁମ୍ବାଇ, କୋଏମ୍ବାଟୁର, ହାଇଦ୍ରାବାଦ, ବେଙ୍ଗାଲୁରୁ ଭଳି ଷ୍ଟେସନରେ ଯାତ୍ରୀଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେବା ଲାଗି ଉତ୍ସର୍ଗୀକୃତ ରେଳ କର୍ମଚାରୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ସବୁ ଜୋନରେ ସ୍ୱତନ୍ତ୍ର ଜରୁରୀକାଳୀନ କକ୍ଷ ଖୋଲାଯାଇ ଯାତ୍ରୀ ଭିଡ଼ ପରିଚାଳନା କରାଯାଉଛି। ରେଳ ମନ୍ତ୍ରୀ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଆରପିଏଫ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ଯାତ୍ରୀଙ୍କ ପାଇଁ ହୋଇଥିବା ସୁବିଧା ଏବଂ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ମଧ୍ୟ ପ୍ରାଥମିକ ଚିକିତ୍ସା କକ୍ଷ ପରିଦର୍ଶନ କରି ଡାକ୍ତରଙ୍କ ସହିତ କଥା ହୋଇଥିଲେ। ସେ ନୂଆଦିଲ୍ଲୀ ଷ୍ଟେସନର ୧୬ ନମ୍ବର ପ୍ଲାଟଫର୍ମରେ ପାଟନା ଯାଉଥିବା ଅମୃତ ଭାରତ ଏକ୍ସପ୍ରେସର ଯାତ୍ରୀମାନଙ୍କ ସହିତ କଥା ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ଯାତ୍ରୀ ସୁବିଧା କେନ୍ଦ୍ର ବୁଲିଦେଖିବା ସହିତ ଯାତ୍ରୀଙ୍କ ପ୍ରତୀକ୍ଷା ପାଇଁ ହୋଇଥିବା ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ ।



# ଟ୍ରମ୍ପଙ୍କ ଦାବିକୁ ଭାରତ ପ୍ରତ୍ୟାଖ୍ୟାନ କଲା

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତ ଉପରେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତିଛ ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଛନ୍ତି, ଯଦି ଭାରତ ରୁଷୀୟ ତୈଳ କ୍ରୟକୁ ସୀମିତ ନ କରେ, ତେବେ ଭାରତକୁ ଭାରୀ ଶୁଳ୍କ ଦେବାକୁ ପଡିବ। ଗତ ଗୁରୁବାର ଦିନ କରିଥିବା ତାଙ୍କ ଦାବିକୁ ଦୋହରାଇ ଟ୍ରମ୍ପ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ,ଆମେ ରୁଷୀୟ ତେଲ କିଣିବା ବନ୍ଦ କରିଦେବୁ। ଯଦି ସେମାନେ ଏପରି ନ କରନ୍ତି, ତେବେ ସେମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡିବ ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଏପରି କୌଣସି ଆଲୋଚନା ହୋଇନାହିଁ ବୋଲି ଭାରତ ସରକାରଙ୍କ ଦାବି ବିଷୟରେ ପଚରାଯିବାରୁ, ଟ୍ରମ୍ପ ପୁଣି କହିଥିଲେ ଯେ, ଯଦି ସେ ଏପରି କୁହନ୍ତି, ତେବେ ତାଙ୍କୁ ଆହୁରି ଶୁଳ୍କ ଦେବାକୁ ପଡ଼ିପାରେ।ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ସେ ରୁଷିଆରୁ ତେଲ କିଣିବା ବନ୍ଦ କରିବେ। ଏଥିରେ ଏକ ପ୍ରକ୍ରିୟା ଜଡିତ, ଯାହାକୁ ସମାପ୍ତ କରିବାକୁ ସମୟ ଲାଗିବ, କିନ୍ତୁ ତେଲ ବାଣିଜ୍ୟ ହ୍ରାସ ପ୍ରକ୍ରିୟା ଶୀଘ୍ର ସମାପ୍ତ ହେବ। ରାଷ୍ଟ୍ରପତି ଟ୍ରମ୍ପ ଏହି ଦାବିକୁ ଆହୁରି ଆଗକୁ ବଢ଼ାଇ ଭାରତକୁ ଚେତାବନୀ ଦେଇଛନ୍ତି, ଯଦି ଭାରତ ରୁଷିଆରୁ ତେଲ କିଣିବା ଜାରି ରଖେ, ତେବେ ଭାରତକୁ ଆହୁରି ଅଧିକ ଶୁଳ୍କ ଦେବାକୁ ପଡିବ। ଏହା ଉଲ୍ଲେଖନୀୟ ଯେ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ପରେ ଭାରତର ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ ।ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି ଏବଂ ଏକ ବିବୃତି ଜାରି କରି କହିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ସେପରି କୌଣସି ଆଲୋଚନା ହୋଇନାହିଁ ଯେପରି ଆମେରିକା ରାଷ୍ଟ୍ରପତି ଦାବି କରୁଛନ୍ତି ।

# ସେୟାର ବଜାର ଟ୍ରେଡିଂ : ନିବେଶକଙ୍କ ଉପରେ ଧନ ବର୍ଷା

ମୁମ୍ବାଇ: ସେୟାର ବଜାର ମୁହୂର୍ତ୍ତ ଟ୍ରେଡିଂ ସମୟରେ, ସେନସେକ୍ସ ଏବଂ ନିଫଟି ଉଭୟ ସବୁଜ ଚିହ୍ନରେ ଦେଖାଯାଉଛି । ସେନସେକ୍ସ ଖୋଲିବା ମାତ୍ରେ ୩୦୦ ପଏଣ୍ଟ ଉପରକୁ ଉଠିଥିଲା । ଅନ୍ୟପକ୍ଷରେ, ନିଫଟି ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ, ଇନଫୋସିସ୍, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଟା ଷ୍ଟିଲ୍ ଇତ୍ୟାଦିର ସେୟାରରେ ବୃଦ୍ଧି ଘଟିଛି । ବିଶେଷଜ୍ଞଙ୍କ ମତରେ, ସେୟାର ବଜାରରେ ବୃଦ୍ଧି ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ, ପାର୍ବଣ ଋତୁରେ ରେକର୍ଡ କ୍ରୟ, ଭଲ ତ୍ରୈମାସିକ ଫଳାଫଳ ଯୋଗୁ ହୋଇଛି । ଏସୀୟ ଏବଂ ଆମେରିକୀୟ ବଜାରରେ ମଧ୍ୟ ବୃଦ୍ଧି ଘଟିଛି । ସେୟାର ବଜାରରେ ଏହି ବୃଦ୍ଧି ଯୋଗୁ ସେୟାର ବଜାର ନିବେଶକମାନେ ମାତ୍ର କିଛି ମିନିଟ୍ ମଧ୍ୟରେ ୨.୭୧ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି ।

ମୁହୂର୍ତ୍ତ ବାଣିଜ୍ୟ ସମୟରେ ଷ୍ଟକ୍ ବଜାରରେ ବୃଦ୍ଧି ପରିଲକ୍ଷିତ ହେଉଛ । ତଥ୍ୟ ଅନୁଯାୟୀ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ବାଣିଜ୍ୟ ଅଧିବେଶନରେ ୩୦୨.୦୭ ପଏଣ୍ଟ ବୃଦ୍ଧି ପାଇ ୮୪,୬୬୫,.୪୪ପଏଣ୍ଟରେ ପହଞ୍ଚିଛି । ସେନସେକ୍ସ ଖୋଲିଥିଲାଛ ଯେତେବେଳେ ପୂର୍ବ ଦିନ ଏହା ୮୪,୩୬୩.୩୭



୮୪,୪୮୪.୬୭ ପଏଣ୍ଟରେ ବନ୍ଦ ହୋଇଥିଲା । ଏହି ସମୟରେ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ନିଫଟିରେ ମଧ୍ୟ ବୃଦ୍ଧି ଦେଖାଦେଇଛ । ତଥ୍ୟ ଅନୁଯାୟୀ, ବାଣିଜ୍ୟ ଅଧିବେଶନ ସମୟରେ ନିଫଟି ମଧ୍ୟ ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇ ୨୫,୯୩୪.୩୫ ପଏଣ୍ଟର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ବର୍ତ୍ତମାନ, ନିଫଟି ୪୯.୪୦ ପଏଣ୍ଟ ବୃଦ୍ଧି ପାଇ ୨୫,୮୯୪.୦୫ ପଏଣ୍ଟରେ କାରବାର କରୁଛି । ନିଫଟି ୨୫,୯୦୧.୨୦ ପଏଣ୍ଟରେ ଖୋଲିଥିଲା ।

## ରାୱଲପିଣ୍ଡି ଟେଷ୍ଟ
# ପାକିସ୍ତାନ ୩୩୩, ଦ. ଆଫ୍ରିକା ୧୮୫/୪

ରାୱଲପିଣ୍ଡି, ୨୧।୧୦(ଏଜେନ୍ସି) : ଦ. ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ରାୱଲପିଣ୍ଡିରେ ଦ୍ୱିତୀୟ ଟେଷ୍ଟ ଜାରି ରହିଛି । ଘରୋଇ ପାକିସ୍ତାନ ପ୍ରଥମ ଇନିଂସରେ ୩୩୩ ରନ୍ କରି ଅଲଆଉଟ୍ ହୋଇଛି । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ. ଆଫ୍ରିକା ୬୫ ଓଭରରେ ୪ ୱିକେଟ୍ ହରାଇ ୧୮୫ ରନ୍ କରିଛି । ଏବେବି ଭ୍ରମଣକାରୀ ଦଳ ପାକିସ୍ତାନ ପାଳି ଠାରୁ ୧୪୮ ରନ୍ ପଛରେ ରହିଛି । ତ୍ରିଷ୍ଟାନ୍ ଷ୍ଟୁ ବସ୍ ୬୮ ଓ ଦେୱାଲଦ ବ୍ରେଭିସ୍ ୧୦ ରନ୍ କରି ଅପରାଜିତ ଅଛନ୍ତି । ଅଧିନାୟକ ଆଦିନ ମାର୍କ୍ରାମ ୩୨, ରିଆନ ରିକେଲ୍ ଟନ୍ ୧୪, ଟୋନି ବି ଜୋରଜି ୫୫ ରନ୍ କରି ପାଭିଲିୟନ ଫେରିଛନ୍ତି । ପାକିସ୍ତାନର ସହିନ ସାହା ଆଫ୍ରିଦି ଓ ସାଜିଦ ଖାନ୍ ଗୋଟିଏ ଲେଖାଏଁ, ଆସିଦ ଆଫ୍ରିଦ ଦୁଇଟି ୱିକେଟ୍ ପାଇଛନ୍ତି । ପାକିସ୍ତାନ ପ୍ରଥମ ଇନିଂସରେ ଅବଦୁଲା ସାଫିକ୍ ୫୭, ଅଧିନାୟକ ସାନ୍ ମସୁଦ ୮୭ ଓ ସୌଦ ସାକିଲ ୬୬ ରନ୍‌ର ଅର୍ଦ୍ଧଶତକ ଇନିଂସ ଖେଳିଥିଲେ । ଦ. ଆଫ୍ରିକାର କେଶବ ମହାରାଜଙ୍କୁ ସର୍ବାଧିକ ୭ ଟି , ସିମନ୍ ହାର୍ମର ଦୁଇଟି ଓ କାଗିସୋ ରବାଡା ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।



# ନକଭିଙ୍କୁ ବିସିସିଆଇର କଡା ଚେତାବନୀ
# ଏସିଆ କପ୍ ଟ୍ରଫି ଫେରାଇବାକୁ ପଡିବ

ନୂଆଦିଲ୍ଲୀ, ୨୧।୧୦(ଏଜେନ୍ସି) : ଏସିଆ କପ୍ ଜିତିବା ସତ୍ତ୍ୱେ ଭାରତୀୟ ଦଳକୁ ଟ୍ରଫି ମିଳିନଥିଲା । ଏସିଆନ କ୍ରିକେଟ୍ କାଉନସିଲର ଅଧ୍ୟକ୍ଷ ମୋହସିନ ନକଭିଙ୍କ ହାତରୁ ଟ୍ରଫି ନେବାକୁ ଭାରତୀୟ ଖେଳାଳି ମନା କରିଥିଲେ । ଏହା ପରେ ରାଗରେ ଜର୍ଜରିତ ନକଭି ଏସିଆ କପ୍ ଟ୍ରଫି ନିଜ ସହ ନେଇଯାଇଛନ୍ତି । ଏସିଆ କପ୍ ସରିବାକୁ ମାସେରୁ ଅଧିକ ସମୟ ବିତିଲାଣି । ତଥାପି ଟ୍ରଫି ଭାରତ ଆସିନାହିଁ । ପାକିସ୍ତାନ କ୍ରିକେଟ୍ ବୋର୍ଡର ମୁଖ୍ୟ ଭାବେ କାମ କରୁଥିବା ଏସିସି ଅଧ୍ୟକ୍ଷ ନକଭିଙ୍କୁ ବିସିସିଆଇ ପକ୍ଷରୁ ବିଧିବଦ୍ଧ ଭାବେ ଇମେଲ୍ ପଠାଯାଇ ଚେତାବନୀ ଦିଆଯାଇଛି । ବିଜେତା ଭାରତୀୟ ଦଳକୁ ତୁରନ୍ତ ଏସିଆ କପ୍ ଟ୍ରଫି ହସ୍ତାନ୍ତର କରିବାକୁ ଇମେଲ୍‌ରେ ବିସିସିଆଇ ଉଲ୍ଲେଖ କରିଛି । ନଚେତ୍ ଏହା ବିରୋଧରେ ଆଇସିସିରେ ଅଭିଯୋଗ କରାଯିବ ବୋଲି ବିସିସିଆଇ ସ୍ପଷ୍ଟ ଭାବେ ନକଭିଙ୍କୁ ଶୁଣାଇଦେଇଛି । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହି ସୂଚନା ଦେଇଛନ୍ତି । ଆମେ ନକଭିଙ୍କ ଜବାବକୁ ଅପେକ୍ଷା କରିଛୁ । ଯଦି ନକଭି କିମ୍ବା ଏସିସି ପକ୍ଷରୁ କୌଣସି ଜବାବ ନମିଳିବ । ତାହା ହେଲେ ପ୍ରସଙ୍ଗୁ ତୀବ୍ର କରାଯିବ । ଆଇସିସିକୁ ଇମେଲ୍ ଯୋଗେ ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦିଆଯିବ ବୋଲି କୁହାଯାଇଛି । ବିସିସିଆଇ ନିୟମାନୁସାରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବ ବୋଲି ସାଇକିଆ କହିଛନ୍ତି । ଏସିଆ କପ୍ ଟ୍ରଫି ଏବେ ଦୁବାଇ ସ୍ଥିତ ଏସିସି ଅଫିସରରେ ରହିଛି । ଭାରତ ଏସିଆ କପ୍ ଫାଇନାଲ ଜିତିଥିଲେ ହେଁ ନକଭିଙ୍କ ହାତରୁ ଟ୍ରଫି ନେବାକୁ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମନା କରିଥିଲେ । ଏଥିପାଇଁ ନକଭି ସେଠାରୁ ଟ୍ରଫି ଧରି ଚାଲିଯାଇଥିଲେ । ପୁରା ବିବାଦରେ ବିସିସିଆଇକୁ ଶ୍ରୀଲଙ୍କା ଓ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ସମର୍ଥନ ମିଳିଛି । ଉଭୟ ବୋର୍ଡ ଭାରତକୁ ଟ୍ରଫି ହସ୍ତାନ୍ତର କରିବାକୁ ନକଭିଙ୍କୁ କହିଛନ୍ତି । କିନ୍ତୁ ନକଭି ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ବିସିସିଆଇର କେହି ଜଣେ ପ୍ରତିନିଧି ଦୁବାଇ ଆସି ତାଙ୍କ ଠାରୁ ଟ୍ରଫି ଗ୍ରହଣ କରନ୍ତୁ ବୋଲି ନକଭି ଚାହୁଁଛନ୍ତି । ତେଣୁ ପରିସ୍ଥିତି ସମାଧାନ ହୋଇପାରିନାହିଁ । ବିସିସିଆଇ ନକଭିଙ୍କ ଠାରୁ ଟ୍ରଫି ଗ୍ରହଣ କରିବନାହିଁ ବୋଲି ସିଧାସିଧା ମନା କରିଦେଇଛି । ତେଣୁ ଏହି ପ୍ରସଙ୍ଗ ଆଇସିସି ବୈଠକରେ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି ।



# ପନ୍ତଙ୍କୁ ଅଧିନାୟକ ଦାୟିତ୍ୱ

ନୂଆଦିଲ୍ଲୀ, ୨୧।୧୦(ଏଜେନ୍ସି) : ଦକ୍ଷିଣ ଆଫ୍ରିକା ଏ ଦଳ ବିପକ୍ଷରେ ଭାରତ ଏ ଦଳ ଦୁଇଟି ଚାରିଦିନିଆ ମ୍ୟାଚ ଖେଳିବ । ଏହି ଶୃଙ୍ଖଳା ପାଇଁ ମଙ୍ଗଳବାର ଭାରତୀୟ ଏ ଦଳ ଘୋଷଣା ହୋଇଛି । ରିଷଭ ପନ୍ତଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି । ସେହିଭଳି ସାଇ ସୁଦର୍ଶନଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି । ଉଭୟ ମ୍ୟାଚ ପାଇଁ ପୃଥକ ଦଳ ଚୟନ କରାଯାଇଛି । କିନ୍ତୁ ପନ୍ତ ଓ ସାଇ ସୁଦର୍ଶନ ଉଭୟ ଦଳରେ ଅଛନ୍ତି । ଶୁଭମନ୍ ଗିଲ୍ ୧୫ ଜଣିଆ ଦଳରେ ସ୍ଥାନ ପାଇନାହାଁନ୍ତି । ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ମହମ୍ମଦ ସିରାଜଙ୍କୁ ସ୍ଥାନ ମିଳିଛି । ଭାରତ ଏ ଦଳ ଚଳିତ ମାସ ୩୦ ରୁ ଦ. ଆଫ୍ରିକା ବିପକ୍ଷରେ ଶୃଙ୍ଖଳା ଖେଳିବ ।ପ୍ରଥମ ମ୍ୟାଚ ଅକ୍ଟୋବର ୩୦ରୁ ନଭେମ୍ବର ୨ ଏବଂ ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୬ ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ରାହୁଲ ଓ ମହମ୍ମଦ ସିରାଜ ଦ୍ୱିତୀୟ ମ୍ୟାଚ୍ ପାଇଁ ଦଳରେ ଯୋଗ ଦେବେ । ଆୟୁଷ ମହାତ୍ରେଙ୍କୁ ଦଳରେ ସ୍ଥାନ ମିଳୁଛି ।

ଖୁସିର କଥା ରିଷଭ ପନ୍ତ ଫେରିବାକୁ ଯାଉଛନ୍ତି । ସେ ଭାରତ ଏ ସହିତ ନଜର ଆସିବେ । ଗତ ଇଂଲଣ୍ଡ ଗସ୍ତରେ ପନ୍ତ ଆହତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ଏସିଆ କପରୁ ବାଦ ପଡିଥିଲେ । ଗତ ଏସିଆ କପ୍‌ରେ ଭାରତୀୟ ଦଳ ପାକିସ୍ତାନକୁ ପରାଜିତ କରି ଟାଇଟଲ ଜିତିଥିଲା । ଏହା ପରେ ଇଣ୍ଡିଜ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ମଧ୍ୟ ପନ୍ତ ଜାତୀୟ ଦଳକୁ ଫେରିପାରିନଥିଲେ । ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ପନ୍ତଙ୍କୁ ସୁଯୋଗ ମିଳିନଥିଲା ।



# ବଧିର ଖେଳାଳିଙ୍କ ପାଇଁ ବଧିର ଅଲିମ୍ପିକ୍ସ



ବାଲେଶ୍ୱର, ୨୧/୧୦(ସବ୍ୟୁ) : ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ଖେଳଗୁଡ଼ିକ ପାରମ୍ପରିକ ଅଲିମ୍ପିକ୍ସଠାରୁ ଭିନ୍ନ କାରଣ ଏଥିରେ ଶ୍ରବଣ ସଙ୍କେତ ବଦଳରେ ଦୃଶ୍ୟ ସଙ୍କେତ ବ୍ୟବହାର କରାଯାଏ । ଅତ୍ୟନ୍ତ ଗର୍ବର ବିଷୟ ଏହିକି ଯେ ଆମ ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ନୂଆପୁର ବାସିନ୍ଦା ୨୧ ବର୍ଷୀୟ ସମ୍ବିତ ଦାସ ୨୦୨୬ ମସିହାରେ ଜାପାନ ଟୋକିଓରେ ହେବାକୁ ବଧିର ଅଲିମ୍ପିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହା ପୂର୍ବରୁ ସେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି । ନିକଟରେ ଏସିଆନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚମ୍ପିୟାନ ହୋଇଛନ୍ତି । ଏହି ଅବସରରେ ଆଜି କ୍ରୀଡ଼ାବିତ୍ (ଜୁଡ଼ୋ) ସମ୍ବିତ ଦାସଙ୍କ ବାଲେଶ୍ୱର ସର୍କିଟ ହାଉସ ଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଓ ସମସ୍ତ ପ୍ରକାରର ସହାୟତାର ହାତ ବଢ଼ାଇଛନ୍ତି ।

# ସେହ୍ୱାଗଙ୍କ ପାରିବାରିକ ଜୀବନରେ ଝଡ

ନୂଆଦିଲ୍ଲୀ, ୨୧।୧୦(ଏଜେନ୍ସି) : ଟମ୍ ଇଣ୍ଡିଆର ପୂର୍ବତନ ବିସ୍ଫୋରକ ବ୍ୟାଟର ବିରେନ୍ଦ୍ର ସେହ୍ୱାଗଙ୍କ ଦୀପାବଳୀ ଫଟୋ ଏବେ ଚର୍ଚ୍ଚାରେ ରହିଛି । ଏହି ଫଟୋରେ ପତ୍ନୀ ଆରତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଅଛନ୍ତି । ଯାହାକୁ ନେଇ ଅନେକ ଗୁଜବ ଉଠିଛି । ସେହ୍ୱାଗ ଓ ଆରତିଙ୍କ ସମ୍ପର୍କରେ ତିକ୍ତତା ଥିବା କୁହାଯାଉଛି । ସେହ୍ୱାଗ ସୋସିଆଲ ମିଡିଆରେ ଏହି ଫଟୋ ସେୟାର କରିଛନ୍ତି । ଫଟୋରେ ତାଙ୍କ ମା ଓ ଦୁଇ ପୁଅ ଆର୍ଯ୍ୟବୀର ଓ ବେଦାନ୍ତ ଅଛନ୍ତି । ସେହ୍ୱାଗଙ୍କ ବନ୍ଧୁ ତଥା ପୂର୍ବତନ କ୍ରିକେଟର ମିଥୁନ ମାନହସଙ୍କ ସହ ଆରତିଙ୍କ ବନ୍ଧୁତା ଏହି ତିକ୍ତତାର କାରଣ ବୋଲି ଚର୍ଚ୍ଚା ହେଉଛି । ଏପରିକି ମିଥୁନଙ୍କ ପାଇଁ ଆରତି ସ୍ୱାମୀ ସେହ୍ୱାଗଙ୍କୁ ଛାଡିବାକୁ ଯାଉଛନ୍ତି ବୋଲି ଖବର ପ୍ରକାଶ ପାଇଛି । ସେହ୍ୱାଗ କିମ୍ବା ତାଙ୍କ ପତ୍ନୀ ଏ ସମ୍ପର୍କରେ କିଛି କହିନାହାଁନ୍ତି । ଖୁବ୍ ଶୀଘ୍ର ଏ ସମ୍ପର୍କରେ ସଠିକ୍ ତଥ୍ୟ ସାମ୍ନାକୁ ଆସିଯିବ । ଆରତି ଦୀପାବଳୀରେ ଦୁଇ ପୁଅଙ୍କ ସହ ଏକ ଫଟୋ ସେୟାର କରିଛନ୍ତି । ଏଥିରେ ସେହ୍ୱାଗ ନାହାଁନ୍ତି ।



# ଡ୍ରିମ୍‌ସରେ ଡିଏଭି ଜୋନ୍‌ସ୍ତରୀୟ ସନ୍ତରଣ ମିଟ୍




କଟକ, (ସ୍ୱପ୍ର): ଡିଏଭି ପବ୍ଲିକ ସ୍କୁଲ ଜୋନ୍‌ସ୍ତରୀୟ ସନ୍ତରଣ ମିଟ୍ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଲଆର୍ ଡିଏଭି ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କଟକ ସମେତ ଭୁବନେଶ୍ୱର, ପୁରୀ, ଜଗତସିଂହପୁର, ଗଞ୍ଜାମ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ ପ୍ରଭୃତି ଜିଲାରୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଭୟ ବାଳକ ଓ ବାଳିକା (୧୪,୧୭) ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତା ଚୂଡାନ୍ତ ଫଳାଫଳ ଅନୁଯାୟୀ ୧୪ବର୍ଷରୁ କମ୍ ବର୍ଗରେ ପୁରୀ ଡିଏଭି ସ୍କୁଲ ୫୧ ପଏଣ୍ଟ ପାଇ ଚମ୍ପିଆନ୍ ହୋଇଥିଲାବେଳେ ଆଇଟିପିସି ବନହରପାଲ୍ଲୀ ଡିଏଭି ପବ୍ଲିକ ସ୍କୁଲ (ଝାରସୁଗୁଡା) ୩୭ ପଏଣ୍ଟରେ ରନରସପ୍ ହୋଇଥିଲେ । ସେହିପରି ୧୭ ବର୍ଷରୁ କମ୍ ବର୍ଗରେ ଡ. ଏନ୍‌କେ ଖୋସଲା ଡିଏଭି ସ୍କୁଲ, ବାସନ୍ତୀ ନଗର, ରାଉରକେଲା ୨୧ ପଏଣ୍ଟ ପାଇ ଚମ୍ପିଆନ୍ ଓ ଡିଏଭି ପୁରୀ ୨୦ ପଏଣ୍ଟରେ ରନରସପ୍ ଆଖ୍ୟା ଅର୍ଜନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଆଭାସି ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ଜାତୀୟସ୍ତରରେ ସଫଳତା ହାଲ କରି ରାଜ୍ୟର ଗୌରବ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପଦକ ପ୍ରଦାନ କରିଥିଲେ । ଏଲଆର ଡିଏଭି ସ୍କୁଲର ଅଧ୍ୟକ୍ଷା ନିହାରିକା ଗନ୍ତାୟତ ଏଥିରେ ପୌରହିତ୍ୟ କରିଥିଲାବେଳେ ସନ୍ତରଣ ପ୍ରଶିକ୍ଷକ ଭୀମ ଛେତ୍ରୀ ଏବଂ ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।


# ନୂଆ ବାନ୍ଧବୀଙ୍କ ସହ ହାର୍ଦ୍ଦିକଙ୍କ ଫଟୋ ଭାଇରାଲ

ନୂଆଦିଲ୍ଲୀ: ଭାରତୀୟ ଟିମର ଅଭିଜ୍ଞ କ୍ରିକେଟର ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଆଘାତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଖେଳୁ ନାହାନ୍ତି । ଏବେ ସେ ନିଜର ନୂଆ ବାନ୍ଧବୀ ମାହିକା ଶର୍ମାଙ୍କୁ ଡେଟ କରୁଛନ୍ତି । ନିକଟରେ ଦୀପାବଳୀ ଉଭୟଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା । ଏଥିରେ ସେ ମାହିକାଙ୍କ ପର୍ସ ଧରି ତାଙ୍କ ପଛେ ପଛେ ଯାଉଥିବା ଦେଖିବାକୁ ମିଳିଛି । ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୨୦୨୪ରେ ହାର୍ଦ୍ଦିକ ଓ ତାଙ୍କ ପତ୍ନୀ ନତାଶା ଷ୍ଟାନକୋଭିଚଙ୍କ ବିବାହ ବିଚ୍ଛେଦ ଘଟିଥିଲା । ସେମାନଙ୍କର ଏକ ପୁଅ ଅଛି । ଯାହାଙ୍କ ନାମ ଅଗସ୍ତ୍ୟା ପାଣ୍ଡ୍ୟା । ଭଲପାଇବା ପରେ ଉଭୟ ୨୦୨୦ରେ ବିବାହ କରିଥିଲେ ।ଏସିଆ କପ ୨୦୨୫ ଅବସରରେ ହାର୍ଦ୍ଦିକ ଆଘାତପ୍ରାପ୍ତ ହୋଇଥିଲେ । ଏଥିଯୋଗୁ ସେ ଫାଇନାଲ ମ୍ୟାଚ ମ୍ୟାଚ ମଧ୍ୟ ଖେଳି ପାରି ନ ଥିଲେ । ଟିମ ଇଣ୍ଡିଆ ଚାମ୍ପିୟନ ହେବା ପରେ ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳୁଛି । ୩୨ ବର୍ଷୀୟ ହାର୍ଦ୍ଦିକ ୧୧ ଟେଷ୍ଟ, ୯୪ ଦିନିକିଆ ଓ ୧୨୦ ଟି୨୦ ମ୍ୟାଚ ଖେଳିଛନ୍ତି । ସେ ଯଥାକ୍ରମେ ୫୩୨, ୧୯୦୪ ଓ ୧୮୬୦ ରନ ସଂଗ୍ରହ କରିଛନ୍ତି । ସେହିପରି ୧୭, ୯୧ ଓ ୯୮ ୱିକେଟ ଅକ୍ତିଆର କରିଛନ୍ତି ।

# ୩୮ ବର୍ଷରେ ଟେଷ୍ଟ ଡେବ୍ୟୁ କଲେ ଆସିଫ

ନୂଆଦିଲ୍ଲୀ, ୨୧।୧୦(ଏଜେନ୍ସି) : ପାକିସ୍ତାନ ଓ ଦ. ଆଫ୍ରିକା ଦ୍ୱିତୀୟ ଟେଷ୍ଟରେ ଡେବ୍ୟୁ କରିଛନ୍ତି ଆସିଫ ଆଫ୍ରିଦି । ସେ ୩୮ ବର୍ଷ ବୟସରେ କ୍ରିକେଟ୍‌ର ସବୁଠାରୁ ଲମ୍ବା ଫର୍ମାଟରେ ଡେବ୍ୟୁ କରିବାର ସୁଯୋଗ ପାଇଛନ୍ତି । ଟେଷ୍ଟ କ୍ରିକେଟ୍‌ରେ ସବୁଠୁ ଅଧିକ ବୟସରେ ପଦାର୍ପଣ କରିବାରେ ଆସିଫ ହେଉଛନ୍ତି ଦ୍ୱିତୀୟ ବୟଜ୍ୟୋଷ୍ଠ ଖେଳାଳି । ତାଙ୍କ ପୂର୍ବରୁ ନିରାଜ ବଖସ ୪୭ ବର୍ଷ ୨୮୪ ଦିନ ବୟସରେ ଟେଷ୍ଟ ଡେବ୍ୟୁ କରିଥିଲେ । ଆସିଫ ଆଫ୍ରିଦିଙ୍କୁ ୨୦୨୨ରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଗୋଟିଏ ବର୍ଷ ପାଇଁ ବ୍ୟାନ କରିଥିଲା । ଘରୋଇ କ୍ରିକେଟ୍‌ରେ ସ୍ପଷ୍ଟ ଫିକ୍ସିଂ ସମ୍ପର୍କିତ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ୬ ମାସ ପରେ ତାଙ୍କୁ ଉପରୁ ବ୍ୟାନ ହଟିଥିଲା । ପେଶୱାରରେ ଜନ୍ମିତ ଆସିଫ ଜଣେ ବାମହାତୀ ସ୍ପିନର । ଏହା ସହ ସେ ବ୍ୟାଟିଂରେ ମଧ୍ୟ ଉପଯୋଗୀ ଯୋଗଦାନ ଦିଅନ୍ତି । ଏହି ମ୍ୟାଚ ପୂର୍ବରୁ ସେ ୫୭ ଟି ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିଛନ୍ତି ।






ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।


# ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ
## ଭାଲିଆବାଡ଼ିକୁ ହରାଇ ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା, ୨୧।୧୦(ସବ୍ୟୁ) : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚତୁର୍ଥ ଦିବସ ଖେଳର ପ୍ରଥମ ମ୍ୟାଚ ଭାଲିଆବାଡ଼ି ଏବଂ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସରେ ଜିତି ଭାଲିଆବାଡ଼ି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବିକାଶ ପ୍ରଧାନ ୪୪ ରନ ସଂଗ୍ରହ କରିଥିଲେ ।ସମୀର ରାଉତରାୟ ଦଳର ସୁଭାଶିଷ ଦାସ ୨ ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ସୁଆଙ୍ଗ ଦଳ ୧୩ ଓଭର ରୁ ୫ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲେ । ଦଳର ସମୀର ରାଉତରାୟ ୭୦ ରନ କରିଥିଲେ ।ଏହି ମ୍ୟାଚକୁ ସୁଆଙ୍ଗ ଦଳ ୫ୱିକେଟ ରେ ଜିତି ନେଇଥିଲା ।ଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ସମୀର ରାଉତରାୟଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା । ଅସିତ ପରିଡା,ସୁଜିତ ପରିଡା, ପ୍ରଶାନ୍ତ ବେହେରା ଓ ପ୍ରକାଶ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ସଂଜୀବ ବରାଳ ଓ ମନୋଜ ମିଶ୍ର ଖେଳକୁ ସଂଯୋଜନା କରିଥିଲେ ।





Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି